# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଜୁଲାଇ ୧୦/୨୦୨୦ (୧୨ ପୃଷ୍ଠା) | Rayagada, Friday, July 10/2020 ★

୧୦ମ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ରାଗିଗଲେ କଙ୍ଗନା**

ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଝିଅ ପୂଜା ଭଟ୍ଟ ଟୁଇଟ୍ କରି କଙ୍ଗନାଙ୍କୁ ଇଣ୍ଡଷ୍ଟ୍ରିରେ ଆମ କ୍ୟାମ୍ପ୍ ଲଞ୍ଚ୍ କରିଥିଲା ବୋଲି କହିଥିଲେ। କଙ୍ଗନା ରାଗିଯାଇ ଏହାର କଡ଼ା ଜବାବ ଦେଇଛନ୍ତି। ୧୦

୧୧

**ହୋଲ୍ଡରଙ୍କୁ ୬ ଉଇକେଟ ସଫଳତା**

ସାଉଥାମ୍ପଟନଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୬ ଉଇକେଟ ସଫଳତା ଲାଭ କରିଛନ୍ତି ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର।



# ଆଇସିଏସ୍ଇ ଦଶମ, ଆଇଏସ୍ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଆଜି

**ନୂଆଦିଲ୍ଲୀ,୯।୭(ପି.ଟି.)**

ଚଳିତ ବର୍ଷର ଆଇସିଏସ୍ଇ ଦଶମ ଏବଂ ଆଇଏସ୍ସି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାଫଳ ଶୁକ୍ରବାର ଅପରାହ୍ନ ୩ଟାରେ ପ୍ରକାଶ ପାଇବ। କାଉନସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍ଜାମିନେଶନ୍ସ (ସିଆଇସିଏସ୍ଇ) ପକ୍ଷରୁ ଏହିଫଳ ଘୋଷଣା କରାଯିବ ବୋଲି ବୋର୍ଡ ସଚିବ ଗେରି ଆରାଥୁନ୍ କହିଛନ୍ତି। ପରୀକ୍ଷା ଫଳ ବୋର୍ଡ ୱେବ୍ସାଇଟ www.cisce.org ଏବଂ www.results.cisce.orgରେ ଉପଲବ୍ଧ ହେବ। ଏଥିପାଇଁ ଛାତ୍ରୀଛାତ୍ର କାଉନସିଲ୍ ୱେବସାଇଟକୁ ଯାଇ ରେଜଲ୍ଟସ ୨୦୨୦ ଲିଙ୍କକୁ କ୍ଲିକ୍ କରିବେ। ଏହା ପରେ ଆଇସିଏସ୍ଇ କିମ୍ବା ଆଇଏସ୍ସି ମଧ୍ୟରୁ କେଉଁ ପରୀକ୍ଷା ଫଳ ଜାଣିବାକୁ ଚାହୁଁଛନ୍ତି ତାହା ସିଲେକ୍ଟ କରିବାକୁ ହେବ। ଆଇସିଏସ୍ଇ ବର୍ଷ ୨୦୨୦ର ପରୀକ୍ଷାଫଳ ପାଇଁ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ୟୁନିକ୍ ଆଇଡି, ଇଣ୍ଡେକ୍ସ ନମ୍ବର ଏବଂ ସ୍କ୍ରିନ୍‌ରେ ପ୍ରଦର୍ଶିତ ହେଉଥିବା କାପ୍ଚା ଏଣ୍ଟର କରିବାକୁ ହେବ। ଆଇଏସ୍ସି ପରୀକ୍ଷା ଫଳ ପାଇଁ ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ପଡ଼ିବ। ଏହା ପରେ ସ୍କ୍ରିନ୍‌ରେ ପ୍ରଦତ୍ତ ପରାମର୍ଶ ଅନୁଯାୟୀ ପରୀକ୍ଷା ଫଳ ଦେଖିପାରିବେ। ଏସ୍ଏମ୍ଏସ୍‌ରେ ମଧ୍ୟ ଫଳାଫଳ ଉପଲବ୍ଧ ହେବ। ଏଥିପାଇଁ ଛାତ୍ରୀଛାତ୍ର ମେସେଜ୍ ବକ୍ସକୁ ଯାଇ ଆଇସିଏସ୍ଇ କିମ୍ବା ଆଇଏସ୍ସି ସହ ୭ ଅଙ୍କ ବିଶିଷ୍ଟ ୟୁନିକ୍ ଆଇଡି ଟାଇପ୍ କରିବେ। ଏହି ମେସେଜ୍‌କୁ ୦୯୨୪୮୦୮୨୮୮୩ ନମ୍ବରକୁ ପଠାଇବାକୁ ହେବ। ଏହା ପରେ ପ୍ରାର୍ଥୀଙ୍କ ନାଁ ସହିତ କେଉଁ ବିଷୟରେ କେତେ ନମ୍ବର ରହିଛି, ତାହା ପ୍ରଦର୍ଶିତ ହେବ।

କରୋନା ପାଇଁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ବାକି ରହିଯାଇଥିବା ପରୀକ୍ଷାକୁ ବାତିଲ କରିଦିଆଯାଇଥିଲା। ଗତ ସପ୍ତାହରେ ବୋର୍ଡ ପକ୍ଷରୁ ବିକଳ୍ପ ମୂଲ୍ୟାୟନ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା। ଯୋଜନା ଅନୁଯାୟୀ ପରୀକ୍ଷା ହୋଇଥିବା ବିଷୟଗୁଡ଼ିକ ମଧ୍ୟରୁ ଛାତ୍ରୀଛାତ୍ର ୩ଟି ବିଷୟରେ ରଖିଥିବା ସର୍ବାଧିକ ନମ୍ବର ଓ ଇଣ୍ଟରନାଲ ଫଳାଫଳ ଏବଂ ପ୍ରୋଜେକ୍ଟ ୱାର୍କ ଆଧାରରେ ନମ୍ବର ପ୍ରଦାନ କରାଯିବ। ଆଇଏସ୍ସି ଦ୍ୱାଦଶ ପରୀକ୍ଷା ପାଇଁ ଇଣ୍ଟରନାଲ ଫଳାଫଳ ଏବଂ ଆଇସିଏସ୍ଇ ଦଶମ ପରୀକ୍ଷା ପାଇଁ ପ୍ରୋଜେକ୍ଟ ୱାର୍କ ନମ୍ବରକୁ ହିସାବକୁ ନିଆଯିବ।

# ଖଣି ପାଇଁ ବଳି ପଡ଼ିବ ୯ ଲକ୍ଷ ଗଛ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୯।୭**

ନୂଆ ଖଣି ଖନନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଗୁଆଲି ପଞ୍ଚାୟତ ଅଧୀନ ଗନ୍ଧଲପଡା ଗ୍ରାମ ନିକଟ ଶାଳ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳକୁ ଚିହ୍ନଟ କରାଯାଇଛି। ପ୍ରାୟ ୧୮୧.୪୬୧ ହେକ୍ଟର ଅଞ୍ଚଳରେ ପାଖାପାଖି ୯ଲକ୍ଷ ଶାଳଗଛ ଥିବାରୁ ଜଙ୍ଗଲ କ୍ଷତିଗ୍ରସ୍ତ ହେବ ବୋଲି ଜଣାପଡିଛି। ରାଜ୍ୟ ସରକାର ଯେଉଁ ୯ଟି ଗ୍ରୀନଫିଲ୍ଡ ଖଣିକ୍ଷେତ୍ର ଚିହ୍ନଟ କରିଛନ୍ତି, ତନ୍ମଧ୍ୟରୁ ସର୍ବାଧିକ ୩୧୪.୩୭ ମିଲିୟନ ଟନ୍ ଲୁହାପଥର ଏହି ଅଞ୍ଚଳରେ ଗଚ୍ଛିତ ରହିଛି। ଏଠାରେ ୨୪୧.୫୫୮ ହେକ୍ଟର ଜମିରେ ଖଣି ଖନନ ହେବ ବୋଲି କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହି ଖଣି ଖନନ ହୋଇ ପାରୁ ନ ଥିବା ବେଳେ ଏବେ ପୁଣି ନିଲାମ କରିବାକୁ ସରକାର ନିଷ୍ପତ୍ତି ନେଉଥିବା ଅଭିଯୋଗ ହେଉଛି। ଚଳିତ ମାସ ଏହି ଖଣି ନିଲାମ ହେବ ବୋଲି କୁହାଯାଉଛି। ନୂତନ ଭାବରେ ହେବାକୁ ଥିବା ୭ଟି ଖଣି ଏହି ଅଞ୍ଚଳରେ ରହିଛି। ସୁନ୍ଦରଗଡ଼ ଜିଲା ସୀମାଠାରୁ ୧ କି.ମି. ଦୂରରେ ଯୋଡା ଖଣି କ୍ଷେତ୍ରରେ ଏହି ଅଞ୍ଚଳ ରହିଛି। ଏହି ସବୁ ଖଣି ନିଲାମ ହେଲେ, ଏହି ଅଞ୍ଚଳରେ ଥିବା ପୁରୁଣା ସବୁଜ ବନାନୀ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବ। ପାଖାପାଖି ୯ ଲକ୍ଷ ଶାଳ ଗଛ ସମେତ ବହୁ ମୂଲ୍ୟବାନ ବୃକ୍ଷରାଜି ନଷ୍ଟ ହେବା ସହ ଉକ୍ତ ଜଙ୍ଗଲ ଉପରେ ନିର୍ଭରଶୀଳ ଶତାଧିକ ବନବାସୀଙ୍କ ଜୀବନଜୀବିକା ଉଜୁଡ଼ିଯିବ ବୋଲି ପରିବେଶବିତମାନେ ମତବ୍ୟକ୍ତ କରିଛନ୍ତି। ତେବେ ବନବିଭାଗ ପକ୍ଷରୁ କୁହାଯାଇଛି ଯେ, ସାଧାରଣତଃ ୩୦ ସିଏମ ମୋଟେଇ ଗଛଗୁଡିକ ହିସାବ କରାଯାଇଥାଏ। ଅନ୍ୟ ସବୁ ଗଛ ସାଧାରଣ ଗଛ ଭାବରେ ହିସାବ କରି ଗଣତି କରାଯାଇ ନ ଥାଏ। ପରିବେଶବିତ୍ ତଥା କେନ୍ଦୁଝର ଜିଲା ନାଗରିକ ମଞ୍ଚର ସଭାପତି କିରଣ ଶଙ୍କର ସାହୁ କହିଛନ୍ତି ଯେ, ନୂତନ ଖଣି ଖନନ ଯୋଗୁ ୯ଲକ୍ଷରୁ ଉର୍ଦ୍ଧ୍ୱ ଶାଳ ଗଛ ନଷ୍ଟ ହେବା ସହ ହାତୀର ଆଶ୍ରୟସ୍ଥଳୀ କ୍ଷତିଗ୍ରସ୍ତ ହେବ। ତେବେ ଗୋଟିଏ ଗଛର ମୋଟେଇ ୩୦ ସିଏମ ହେବାକୁ ୬୦ବର୍ଷ ଲାଗିଥାଏ। ଏଣୁ ଗଣତିବେଳେ ବହୁ ଗଛ ଛାଡି ଦିଆଯାଇଥାଏ। ବିରୋଧ ପାଇଁ ଏହାର ନିଲାମ ବନ୍ଦ କରାଯାଇଥିବାବେଳେ ଏବେ ପୁଣି ନିଲାମ କରିବାକୁ ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ।

ବନ ବିଭାଗ ବଡ଼ ବଡ଼ ଗଛକୁ ହିସାବକୁ ନେଇ ଗଣତି କରି କ୍ଷୟକ୍ଷତି ଆକଳନ କରୁଥିବା ବେଳେ ଅନ୍ୟ ସବୁକୁ ହିସାବକୁ ନେଉ ନ ଥିବାରୁ ପ୍ରକୃତ କ୍ଷୟକ୍ଷତି ପରିମାଣ ବହୁଗୁଣ ଅଧିକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହା ଦ୍ୱାରା ହାତୀ, ଭାଲୁ ଆଦି ବନ୍ୟଜନ୍ତୁ ସେମାନଙ୍କ ବାସସ୍ଥାନ ହରାଇବେ। ଲୋକ ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ସବୁବେଳେ ଏକପ୍ରକାର ଲଢ଼େଇ ଲାଗିରହିବ। ଖଣିଖନନ ଯୋଗୁ ଏହି ଅଞ୍ଚଳରେ ସରକାର ଓ ଖଣିଲିଜ୍‌ଧାରୀ କମ୍ପାନୀମାନେ ଲାଭବାନ୍ ହେଉଛନ୍ତି। କିନ୍ତୁ ପ୍ରକୃତ ସ୍ଥାନୀୟ ବାସିନ୍ଦା ଆଦିବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଡ଼ା ଖଣି କ୍ଷେତ୍ରରୁ ଦୈନିକ ହାରାହାରି ୫ହଜାର ଟ୍ରକ୍ ଚଳାଚଳ କରୁଥିବାବେଳେ ୫୦ହଜାର ଟନ୍ ଖଣିଜପଥର ପରିବହନ ହୋଇଥାଏ। ବହୁ ସଂଖ୍ୟାରେ ଟ୍ରକ୍, ଟ୍ରେଲର ଆଦି ଚଳାଚଳ ଯୋଗୁ ବାୟୁ ଓ ଜଳ ସମେତ ପରିବେଶ ଦୂଷିତ ହେବା ସହ ରାସ୍ତାଘାଟ ଶୋଚନୀୟ ହୋଇପଡୁଛି। ଧୂଳିଧୂଆଁ ଯୋଗୁ ରୋଗବ୍ୟାଧିରେ ଲୋକମାନେ ଶଢୁଛନ୍ତି। ଖଣିଖନନ ଯୋଗୁ ଜିଲାରେ ପାଖାପାଖି ୧୦,୪୫୧.୩୯ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବନୀକରଣ କ୍ଷୟକ୍ଷତି ପୂରଣ କରିପାରି ନାହିଁ। ଜିଲାରେ ସମୁଦାୟ ୧୧୦ଟି ଖଣି ଥିବା ବେଳେ ରାଜ୍ୟର ୩୧.୨୮ ପ୍ରତିଶତ ଲୁହାଖଣି ଏହି ଜିଲାରେ ରହିଛି। କିନ୍ତୁ ଜଙ୍ଗଲ କ୍ଷୟ ହେଲେ କିଛିବର୍ଷ ଗଲେ ଆଉ ଶୁଦ୍ଧ ଅମ୍ଳଜାନ ମିଳିବ ନାହିଁ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଯୋଡା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ ବେହେରା କହିଛନ୍ତି ଯେ, ଉକ୍ତ ଅଞ୍ଚଳରେ ଦୁଇଟି ନୂଆ ଖଣି ପାଇଁ ପ୍ରସ୍ତାବ ରହିଛି। ତେବେ ଖଣି ଲିଜ୍ ପରେ କେତେ ଜଙ୍ଗଲ କ୍ଷତିଗ୍ରସ୍ତ ହେବ ଆକଳନ କଲେ ଜଣାପଡିବ। ଏ ସମ୍ପର୍କରେ କେନ୍ଦୁଝର ଡିଏଫ୍ଓ ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ଖଣି ଲିଜ୍ ପାଇବା ପରେ ଖଣି କାର୍ଯ୍ୟ ପୂର୍ବରୁ ଜଙ୍ଗଲ ବିଭାଗ ଅନୁମତି ନେବା ସମୟରେ ଗଛ ଗଣନା ଓ ପରିବେଶୀୟ କ୍ଷୟକ୍ଷତିର ଆକଳନ କରାଯାଇଥାଏ। ଅଦ୍ୟାବଧି କେତେ ଗଛ ଉକ୍ତ ଖଣି ପାଇଁ କ୍ଷତିଗ୍ରସ୍ତ ହେବ ଜଣାନାହିଁ ବୋଲି କହିଛନ୍ତି। ତେବେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି ଯେ, ଏ ବିଷୟରେ ମୋ ପାଖରେ କୌଣସି ସୂଚନା ନାହିଁ।



**କେନ୍ଦୁଝର ଜିଲା**

- ୨୪୧.୫୫୮ ହେକ୍ଟର ଜଙ୍ଗଲ ଜମିରେ ଖଣି ଖନନ ହେବ
- ନଷ୍ଟ ହେଉଛି ୧୦,୪୫୧.୩୯ ହେକ୍ଟର ଜଙ୍ଗଲ
- ୩୦ ସିଏମ୍‌ରୁ କମ୍ ମୋଟେଇ ଗଛ ହିସାବକୁ ଆସୁନି




**କମିବ ମଦ ଦର**

## ‘ସ୍ପେଶାଲ କୋଭିଡ୍ ଫି’ ୫୦ରୁ ୧୫%କୁ ହ୍ରାସ

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ରାଜ୍ୟରେ ମଦ ଦର କମିବ। ରାଜ୍ୟ ସରକାର ସ୍ପେଶାଲ କୋଭିଡ୍ ଫି’ ୫୦ ପ୍ରତିଶତରୁ ୧୫ ପ୍ରତିଶତକୁ ଖସାଇ ଦେଇଛନ୍ତି। ବିଭିନ୍ନ ବ୍ରାଣ୍ଡ୍‌ର (ଏଫ୍ଏମ୍ଏଫ୍ଏଲ୍, ଆଇଏମ୍ଏଫ୍ଏଲ୍, ବିୟର, ୱାଇନ, ଆର୍‌ଟିଡି) ମଦ ଉପରେ ରାଜ୍ୟ ସରକାର ସର୍ବାଧିକ ଖୁଚୁରା ଦର(ଏମ୍ଆର୍‌ପି) ୧୫ ପ୍ରତିଶତ ବୃଦ୍ଧି କରିଛନ୍ତି। ସେହି ମଦଗୁଡିକର ନୂତନ ଦର ଶୁକ୍ରବାରଠାରୁ ଲାଗୁ କରାଯିବ। ଓଡ଼ିଶା ପାନୀୟ ନିଗମ (ଓଏସ୍‌ବିସି) ୱେବ୍‌ସାଇଟ (www.osbc.co.in.)ରେ ନୂତନ ମଦ ଦର ଉପଲବ୍ଧ ହେବ। ଏ ନେଇ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କରୋନା ମହାମାରୀ କଟକଣା ଯୋଗୁ ଦୀର୍ଘ ଦେଢ଼ମାସ କାଳ ମଦ ଦୋକାନ ବନ୍ଦ ରହିଥିଲା। ମେ ୨୪ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସାମାଜିକ ବନ୍ଧକ**

**ଆଜିର ମନ୍ତବ୍ୟ**

“ କେରଳରେ ସୁନା ଚୋରାଚାଲାଣ ଘଟଣାର ସିବିଆଇ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ରଣଦୀପ ସୁର୍‌ଜେୱାଲା, କଂଗ୍ରେସ ମୁଖ୍ୟ ମୁଖପାତ୍ର**

**ପୋଲିସ ହାଜତରେ ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେ**

# ଗିରଫ ନା ଆତ୍ମସମର୍ପଣ

**ଭୋପାଳ/ଲକ୍ଷ୍ନୌ,୯।୭**

‘ମେ ହୁଁ ବିକାଶ ଦୁବେ, କାନପୁରୱାଲା’। ସଞ୍ଜୟ ଦତ୍ତଙ୍କ ଅଭିନୀତ ଫିଲ୍ମ ‘ଖଲନାୟକ’ ଶୈଳୀରେ ଏପରି ଡାଇଲଗ ମାରି ଆତ୍ମସମର୍ପଣ କରିଛନ୍ତି କୁଖ୍ୟାତ୍ ଅପରାଧୀ ବିକାଶ ଦୁବେ। ଉତ୍ତରପ୍ରଦେଶ(ୟୁପି)ର କାନପୁରରେ ୮ ପୋଲିସଙ୍କୁ ହତ୍ୟା କରିବା ଅଭିଯୋଗରେ ୱାଣ୍ଟେଡ୍ ଥିବା ଗ୍ୟାଙ୍ଗ୍‌ଷ୍ଟର ବିକାଶ ଗୁରୁବାର ସକାଳେ ଅତି ନାଟକୀୟ ଢଙ୍ଗରେ ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ମହାକାଳ ମନ୍ଦିରରେ ସ୍ଥାନୀୟ ପୋଲିସକୁ ଧରାଦେବା ପରେ ତାଙ୍କୁ ଗିରଫ କରାଯାଇଛି। ତେବେ ପୋଲିସ ଏନ୍‌କାଉଣ୍ଟରରେ ବିକାଶଙ୍କ ମୃତ୍ୟୁ ଘଟିପାରେ ବୋଲି ଯୋଜନାବଦ୍ଧ ଭାବେ ଏହି ଆତ୍ମସମର୍ପଣର ନାଟକ ରଚାଯାଇଥିଲା। ଏଥିପାଇଁ ମହାକାଳ ମନ୍ଦିର ଭଳି ଏକ ସୁରକ୍ଷିତ ସ୍ଥାନକୁ ବଛାଯାଇଥିଲା। ରାଜନୀତିରେ ଗ୍ୟାଙ୍ଗ୍‌ଷ୍ଟରଙ୍କ ଦବ୍‌ଦବା ଥିବାରୁ ତାଙ୍କୁ ରାଜନୈତିକ ମହଲରୁ ଏପରି ପ୍ରୋଟେକ୍ସନ ମିଳିଥିବା କୁହାଯାଉଛି।

ଗତ ଶୁକ୍ରବାର ଭୋର ସମୟରେ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେଙ୍କୁ ଧରିବା ପାଇଁ କାନପୁର ପୋଲିସର ଏକ ୫୦ ଜଣିଆ ଟିମ୍ ବିକ୍‌ରୁସ୍ଥିତ ତାଙ୍କ ଘରକୁ ଯାଇଥିଲା। ପୋଲିସ ଆସୁଥିବା ନେଇ ଆଗୁଆ ସୂଚନା ପାଇ ବିକାଶ ଜେସିବି ମେଶିନ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ କର୍ମଚାରୀମାନେ ଆଗକୁ ବଢ଼ି ନ ପାରିବାରୁ ବିକାଶ ଓ ତାଙ୍କ ସହଯୋଗୀମାନେ ଘରର ଛାତ ଉପରୁ ପୋଲିସକୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିବର୍ଷା ଓ ଟେକାମାଡ଼ରେ ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ବିକାଶଙ୍କୁ ଧରିବା ପାଇଁ ୟୁପି ପୋଲିସର ୨୫ଟି ଟିମ୍ ଗଠନ କରାଯାଇଥିଲା। ୟୁପି ସମେତ ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ବିହାର ଓ ଅନ୍ୟ କେତେକ ରାଜ୍ୟରେ ପୋଲିସ ତାଙ୍କ ପଛରେ ପଡ଼ିଥିବା କୁହାଯାଉଥିଲା। ଏହାସହ ଭାରତ-ନେପାଳ ସୀମାରେ ମଧ୍ୟ କଡ଼ା ନଜର ରଖାଯାଇଥିଲା। ପୋଲିସ ସହ ପ୍ରାୟ ସପ୍ତାହେ ଧରି ଲୁଚକାଳି ଖେଳ ଖେଳିବା ପରେ ବିକାଶ ଦୁବେ ବଲିଉଡ୍ ଫିଲ୍ମ ଷ୍ଟାଇଲରେ ଧରାଦେଇଛନ୍ତି, ତାହା ପୁଣି ନିଜ ଅପରାଧ ସାମ୍ରାଜ୍ୟଠାରୁ ୧ ହଜାର କିଲୋମିଟରରୁ ଉର୍ଦ୍ଧ୍ୱ ଦୂରରେ। ୧୯୯୦ ଦଶକରେ ସନି ଦେଓଲଙ୍କ ‘ଅର୍ଜୁନ ପଣ୍ଡିତ’ ଫିଲ୍ମରୁ ଅନୁପ୍ରାଣିତ ହୋଇ ଅପରାଧ ସାମ୍ରାଜ୍ୟ ବିସ୍ତାର କରିଥିବା ବିକାଶଙ୍କୁ ରାଜନୈତିକ ଓ ପୋଲିସ ମହଲରେ ‘ପଣ୍ଡିତ’ ବୋଲି ସମ୍ବୋଧନ କରାଯାଉଥିଲା। ସେ ମଧ୍ୟ ‘ପଣ୍ଡିତ’ ସମ୍ବୋଧନ ଶୁଣି ଖୁସି ହେଉଥିଲେ।

ମିଳିଥିବା ସୂଚନାନୁସାରେ ବିକାଶ ୬ ଦିନ ଧରି ବିଭିନ୍ନ ସ୍ଥାନ ବୁଲି ବୁଲି ଶେଷରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ପହଞ୍ଚିଥିଲେ। ସେଠାରେ ଥିବା ମହାକାଳ ମନ୍ଦିରରେ ଉପସ୍ଥିତ ସୁରକ୍ଷା କର୍ମୀଙ୍କୁ ଗୁରୁବାର ସକାଳ ୮ଟାରେ ସେ ନିଜର ପରିଚୟ ଦେଇଥିଲେ। ☞ପୃଷ୍ଠା-୪



ବିକାଶ ଦୁବେ

## ‘ସମ୍ପୂର୍ଣ୍ଣ ଯୋଜନାବଦ୍ଧ’

ହିଷ୍ଟ୍ରିଶିଟର ବିକାଶ ଦୁବେଙ୍କୁ ଗିରଫ କରାଯାଇ ନାହିଁ। ତାଙ୍କୁ ସୁରକ୍ଷା ଦିଆଯାଇଛି। ସମ୍ପୂର୍ଣ୍ଣ ଏପିସୋଡ୍ ଯୋଜନାବଦ୍ଧ ଥିଲା ବୋଲି ପୋଲିସ ଆକ୍ରମଣରେ ପ୍ରାଣ ହରାଇଥିବା ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ପରିବାର ଅଭିଯୋଗ ଆଣିଛି। ସେହିପରି କମଳାକାନ୍ତ ନାମକ ଜଣେ ପୂଜାରୀ ମଧ୍ୟ ଅନୁରୂପ ଅଭିଯୋଗ ଆଣି କହିଛନ୍ତି, ବିକାଶଙ୍କୁ ହତ୍ୟାରୁ ରକ୍ଷା କରାଯାଇଛି। ଏଥିରେ ପୋଲିସ ଓ ନେତାମାନଙ୍କ ଭୂମିକା ରହିଛି। ପୋଲିସକୁ ଆଲର୍ଟ କରାଯିବା ସତ୍ତ୍ୱେ ବିକାଶ ବିନା କୌଣସି ଅସୁବିଧାରେ ମହାକାଳ ମନ୍ଦିରକୁ ଯାଇ ଦର୍ଶନ ପାଇଁ ଟିକେଟ କରିଥିଲେ। ମନ୍ଦିରର ସିକ୍ୟୁରିଟି ଗାର୍ଡଙ୍କଠାରୁ ଫୋନ୍ କଲ୍ ପାଇବା ପରେ ପୋଲିସ ମିଡିଆକୁ ଧରି ମନ୍ଦିରରେ ପହଞ୍ଚିଥିଲା। ଏହା କ’ଣ ଗିରଫଦାରି ବୋଲି ପୂଜାରୀ ଜଣକ ପ୍ରଶ୍ନ କରିଛନ୍ତି। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା ଏକ ଗିରଫଦାରି ନା ଆତ୍ମସମର୍ପଣ ରାଜ୍ୟ ସରକାର ତାହା ସ୍ପଷ୍ଟ କରନ୍ତୁ। ବିକାଶଙ୍କ କଲ୍ ଡିଟେଲ୍ସ ସାମ୍ନାକୁ ଅଣାଗଲେ ଏହି ନାଟକ ରଚନାରେ କେଉଁମାନେ ସମ୍ପୃକ୍ତ ତାହା ଧରାପଡ଼ିଯିବ ବୋଲି ସେ କହିଛନ୍ତି।




ଧରିତ୍ରୀ
DHARITRI
ଶୁକ୍ରବାର, ୧୦ ଜୁଲାଇ, ୨୦୨୦

**ନର୍ଥ ବ୍ଲକ୍ ଛାତ ଭୁଶୁଡ଼ିଲା**

ଅର୍ଥ ମନ୍ତ୍ରଣାଳୟ ରହିଥିବା ନର୍ଥ ବ୍ଲକ୍ ଦ୍ୱିତୀୟ ମହଲା ଛାତର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ଏଥିରେ ଜଣେ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଏବଂ ସୁରକ୍ଷା ଦାବି କରୁଥିବା କେତେଜଣ କର୍ମଚାରୀଙ୍କ ଭିଡିଓ ଭାଇରାଲ ହୋଇଛି। ବୁଧବାର ଅପରାହ୍ନରେ ଏହି ଘଟଣା ଘଟିଛି। ତେବେ ଦିଲ୍ଲୀ ପୋଲିସ ଓ ଅଗ୍ନିଶମ ବିଭାଗ ପାଖରେ ଖବର ନ ଥିବା ସେମାନେ କହିଛନ୍ତି।



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ବିକାଶଙ୍କ ୨ ସହଯୋଗୀ ମୃତ

ଲକ୍ଷ୍ନୌ,୯।୭: ୟୁପି ପୋଲିସ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ଦୁଇଜଣ ସହଯୋଗୀଙ୍କୁ ଗୁରୁବାର ଏନ୍‌କାଉଣ୍ଟରରେ ନିପାତ କରିଛି। କାର୍ତ୍ତିକେୟ ଓରଫ ପ୍ରଭାତ କାନପୁର ପୋଲିସ ହାଜତରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଏନ୍‌କାଉଣ୍ଟରରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରବୀଣ ଓରଫ ବଉଆ ଦୁବେ ଇଟାୱା ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। କାର୍ତ୍ତିକେୟଙ୍କୁ ବୁଧବାର ଫରିଦାବାଦରୁ ଗିରଫ କରାଯାଇଥିଲା। ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ କାନପୁରକୁ ଅଣାଯାଉଥିବାବେଳେ ପାନ୍‌କି ଅଞ୍ଚଳରେ ସେ ଜଣେ ପୋଲିସ କର୍ମଚାରୀଙ୍କଠାରୁ ପିସ୍ତଲ ଛଡ଼ାଇ ଫେରାର ହେବାକୁ ଉଦ୍ୟମ କରୁଥିଲେ ବୋଲି ଏଡିଜି ଆଇନ ଶୃଙ୍ଖଳା ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି। ସେହିପରି ଗୁରୁବାର ଭୋର ୪ଟା ୩୦ରେ ଇଟାୱାରେ ପୋଲିସ ପ୍ରବୀଣଙ୍କୁ ଗିରଫ କରିବାକୁ ଯାଇଥିବାବେଳେ ଗୁଳି ବିନିମୟ ବେଳେ ସେ ଟଳିପଡ଼ିଥିଲେ। ଏହି ଦୁଇଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ବିକାଶଙ୍କ ୫ ସହଯୋଗୀ ପୋଲିସ ଏନ୍‌କାଉଣ୍ଟରରେ ନିହତ ହେଲେଣି।

### ମେଲାନିଆ ଟ୍ରମ୍ପଙ୍କ ପ୍ରତିମୂର୍ତ୍ତି ଜାଳିଦେଲେ

ରୋଜ୍‌ନୋ(ସ୍ଲୋଭାନିଆ),୯।୭: ଆମେରିକାର ପ୍ରଥମ ମହିଳା ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପଙ୍କ ଏକ କାଠ ନିର୍ମିତ ପ୍ରତିମୂର୍ତ୍ତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ସ୍ଲୋଭାନିଆର ସେଭ୍‌ନିକରେ ଥିବା ଏହି ପ୍ରତିମୂର୍ତ୍ତିକୁ ଜୁଲାଇ ୪ ରାତିରେ ପୋଡ଼ାଯାଇଥିବା ଜଣାପଡ଼ିଛି। ଆମେରିକାବାସୀ ସ୍ୱାଧୀନତା ଦିବସ ପାଳନରେ ମସ୍‌ଗୁଲ ଥିବାବେଳେ କେହି ଏଭଳି କାଣ୍ଡ ରଚିଥିବା ଆମେରିକାର ମୂର୍ତ୍ତି କାରିଗର ବ୍ରାଡ୍ ଡୋନି ଅଭିଯୋଗ କରିଛନ୍ତି।

### ଭାଜପା ନେତା, ବାପା, ଭାଇଙ୍କୁ ହତ୍ୟା

ଶ୍ରୀନଗର,୯।୭: ଉତ୍ତର କଶ୍ମୀରର ବାନ୍ଦିପୋରାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀମାନେ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଜଣେ ଭାଜପା ନେତା ଓ ତାଙ୍କ ବାପା ଓ ଭାଇଙ୍କୁ ଗୁଳି ମାଡ଼କରି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ବାନ୍ଦିପୋରା ଥାନା ନିକଟରେ ଥିବା ପ୍ରଦେଶ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଶେଖ୍ ୱାସିମ୍ ବାରିଙ୍କ ଦୋକାନରେ ଆତଙ୍କବାଦୀମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଭାଜପା ନେତାଙ୍କ ସହ ତାଙ୍କ ବାପା ଶେଖ୍ ବାସିର ଅହମଦ ଓ ଭାଇ ଶେଖ୍ ଉମର ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ବୁଧବାର ସନ୍ଧ୍ୟାରେ ଏଭଳି ଘଟଣା ଘଟିଥିବା ବେଳେ ଗୁରୁବାର ଜମ୍ମୁ-କଶ୍ମୀର ପୋଲିସ ଏନେଇ ସୂଚନା ଦେଇଛି। ଜମ୍ମୁ-କଶ୍ମୀର ଆଇଜିପି ବିଜୟ କୁମାର ଗୁରୁବାର ସକାଳେ ସେଠାକୁ ଯିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଜଣେ ଆତଙ୍କବାଦୀ ସ୍ଥାନୀୟ ବାସିନ୍ଦା ଓ ଅନ୍ୟ ଜଣେ ବିଦେଶୀ ବୋଲି ସେ ପ୍ରକାଶ କରିଛନ୍ତି। ଅନେକେ ଭାଜପା ନେତା ବାନ୍ଦିପୋରା ଗସ୍ତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଭାଜପା ନେତା ବାରିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୧୦ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଆତଙ୍କବାଦୀ ଆକ୍ରମଣ ବେଳେ ଏମାନେ ବାରିଙ୍କ ସହ ନ ଥିଲେ ବୋଲି ପୋଲିସ କହିଛି।

# ସୁନାକୁ ନେଇ ତନାଘନା



ମୁଖ୍ୟମନ୍ତ୍ରୀ ପି.ବିଜୟନ

- ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ ଦେଲା କେନ୍ଦ୍ର
- ସିବିଆଇ ତଦନ୍ତ ଦାବି କଲା କଂଗ୍ରେସ
- ଜୋର୍ ଧରିଲା ବିଜୟନଙ୍କ ଇସ୍ତଫା ଦାବି
- ରବିବାର ଜବତ ହୋଇଥିଲା ୧୫ କୋଟିର ସୁନା

**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୯।୭**

କେରଳର ସୁନା ଚାଲାଣ ମାମଲା ରାଜ୍ୟ ତଥା ଜାତୀୟ ରାଜନୀତିକୁ ସରଗରମ କରିଛି। ସୁନା ଚାଲାଣ ର୍ୟାକେଟରେ ରାଜ୍ୟର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ବିଭାଗର ସମ୍ପୃକ୍ତି ଅଭିଯୋଗ ଆଣି କଂଗ୍ରେସ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଇସ୍ତଫା ଦାବିରେ ରାଜ୍ୟବ୍ୟାପୀ ବିକ୍ଷୋଭ କରିଛି। ଏହାସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କରାଯାଉ ବୋଲି ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ତଦନ୍ତ ଦାୟିତ୍ୱ ଗୁରୁବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେଇଛି।

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ କେରଳ ରାଜଧାନୀ ଥିରୁଭାନନ୍ତପୁରମସ୍ଥିତ ଉକ୍ତ ଦେଶର କନ୍‌ସୁଲେଟକୁ ଏକ କାର୍ଗୋ ବିମାନରେ ୩୦ କେ.ଜି. ସୁନା (ପ୍ରାୟ ୧୫ କୋଟି ଟଙ୍କା ହେବ) ଆସୁଥିବାବେଳେ ରବିବାର ତ୍ରିଭାନ୍ଦ୍ରମ୍ ବିମାନବନ୍ଦରରେ ଧରାପଡ଼ିଥିଲା। ମୁଖ୍ୟମନ୍ତ୍ରୀ ବିଜୟନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ଗୋଲ୍ଡ ସ୍ମଗ୍‌ଲିଂ ମାମଲାର ତଦନ୍ତ କରାଇବା ପାଇଁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଥିଲେ। ଏହାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନ୍‌ଆଇଏ ଦ୍ୱାରା ତଦନ୍ତ କରାଇବାକୁ ଅନୁମତି ଦେଇଛି। ଜାତୀୟ ନିରାପତ୍ତା ଉପରେ ସୁନା ଚାଲାଣ ରାକେଟର ଅପରେଶନ ଗମ୍ଭୀର ପ୍ରଭାବ ପକାଇପାରେ ବୋଲି ଆଶଙ୍କା କରି ଏପରି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରାଯାଇଛି।



ସୁନା ଚାଲାଣ ମାମଲାରେ କୋଚି ପୋଲିସ ଅଭିଯୁକ୍ତ ସାରିଥ କୁମାରଙ୍କୁ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଇବା ପାଇଁ ନେଉଛି।

ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ବୁଧବାର କହିଥିଲେ, ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏଥିରୁ ନିଜକୁ ଦୂରେଇପାରିବେ ନାହିଁ। କେନ୍ଦ୍ର ସରକାର ଏହି ମାମଲାର ଗଭୀରକୁ ଯାଇ ଖୋଳତାଡ଼ କରାଇବେ।

କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୁରୁବାର ନୂଆଦିଲ୍ଲୀରେ ଏକ ବିବୃତି ଜାରି କରି କହିଛନ୍ତି, ଆମେ ସିବିଆଇ ଦ୍ୱାରା ଏହି ଅପରାଧର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାହୁଁଛୁ। ସୁନା ଚାଲାଣ ର୍ୟାକେଟରେ ରାଜ୍ୟର ସିପିଆଇଏମ୍ ନେତୃତ୍ୱାଧୀନ ସରକାର ଏବଂ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରରେ ଥିବା କେଉଁ କେଉଁ ବ୍ୟକ୍ତିବିଶେଷ ସମ୍ପୃକ୍ତ ଅଛନ୍ତି ସିବିଆଇ ସେସବୁର ତଦନ୍ତ କରିବା ଆବଶ୍ୟକ। ପ୍ରକାଶ ଯେ, ଏହା ପୂର୍ବରୁ ଗୋଇନ୍ଦା ବ୍ୟୁରୋ (ଆଇବି) ପକ୍ଷରୁ ୧୫ କୋଟି ଟଙ୍କାର ଏହି ଗୋଲ୍ଡ ସ୍କାମ୍‌କୁ ନେଇ ତନାଘନା ଚାଲିଛି। କାର୍ଗୋରେ ଏତେ ପରିମାଣର ସୁନା କିଏ ପଠାଇଲା ତାହା ଜାଣିବା ପାଇଁ ୟୁଏଇ କର୍ତ୍ତୃପକ୍ଷ ମଧ୍ୟ ତଦନ୍ତ ଚଳାଇଛନ୍ତି। ନୂଆଦିଲ୍ଲୀସ୍ଥିତ ୟୁଏଇ ଦୂତାବାସ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

## ସମ୍ପୃକ୍ତିକୁ ସ୍ୱପ୍ନାଙ୍କ ଖଣ୍ଡନ

କେରଳ ସୁନା ଚାଲାଣ ମାମଲାର ମୁଖ୍ୟ ସନ୍ଦିଗ୍ଧ ସ୍ୱପ୍ନା ସୁରେଶ ନିଜର ନୀରବତା ଭାଙ୍ଗି ଏକ ଅଡିଓ ମେସେଜ୍ ଦ୍ୱାରା ଏଥିରେ ସମ୍ପୃକ୍ତ ନ ଥିବା ପ୍ରକାଶ କରିଛନ୍ତି। ଗତ ରବିବାର ତ୍ରିଭେନ୍ଦ୍ରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ୩୦ କିଲୋ ସୁନା ଜବତ କରାଯିବା ପରେ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ଏହି ଘଟଣାର ମୁଖ୍ୟ ସନ୍ଦିଗ୍ଧ କୁହାଯାଉଥିବା ସ୍ୱପ୍ନା ଶାସକ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟର ପାଖ ଲୋକ ବୋଲି କୁହାଯାଉଛି। ସ୍ୱପ୍ନା କହିଛନ୍ତି, ବାଣିଜ୍ୟିକ ଦୂତାବାସ ପକ୍ଷରୁ ଜିନିଷପତ୍ର ଖାଲିକରିବା ଲାଗି କୁହାଯାଇଥିଲା। ପରେ ସେ ସୀମାଶୁଳ୍କ ବିଭାଗର ଅଧିକାରୀଙ୍କୁ ଡ଼ାକିଥିଲେ। ସୁନା କେଉଁଠାରୁ ଆସିଲା ସେ ବିଷୟରେ ଧାରଣା ନାହିଁ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ୟୁଏଇ ବାଣିଜ୍ୟିକ ଦୂତାବାସରେ ଥିବା ସ୍ୱପ୍ନାଙ୍କ ପୂର୍ବତନ ସହଯୋଗୀଙ୍କୁ ସୀମାଶୁଳ୍କ ବିଭାଗ ପକ୍ଷରୁ ଗିରଫ କରାଯାଇଥିଲା। ପୂର୍ବରୁ ସ୍ୱପ୍ନା ୟୁଏଇ ବାଣିଜ୍ୟିକ ଦୂତାବାସର ଲିଆସନିଂ ବିଭାଗରେ କାର୍ଯ୍ୟ କରୁଥିଲେ। ବହୁ କ୍ଷମତାଶାଳୀ ଲୋକଙ୍କ ସହ ତାଙ୍କର ସମ୍ପର୍କ ଥିଲା।



ସ୍ୱପ୍ନା ସୁରେଶ

ସେପଟେ ଗିରଫଦାରିକୁ ଏଡ଼ାଇବା ଲାଗି ସ୍ୱପ୍ନା ଗୁରୁବାର କେରଳ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହାର ଶୁଣାଣି ଶୁକ୍ରବାର କରାଯିବ। କେବଳ ଶାସକ ଦଳର ପାଖଲୋକ ସ୍ୱପ୍ନା ନ ଥିଲେ। ବରଂ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସଚିବ ଏମ୍. ଶିବଶଙ୍କରଙ୍କ ଅତି ନିକଟତର ଥିଲେ। ଅଡୁଆ ବଢ଼ିବାରୁ ଶିବଶଙ୍କରଙ୍କୁ ବିଦା କରାଯାଇଛି।

# ବିଭାଜନ ମୁହାଁ ନେପାଳ କମ୍ୟୁନିଷ୍ଟ ପାର୍ଟି

**କାଠମାଣ୍ଡୁ,୯।୭(ପି.ଟି.)**

ନେପାଳର ଶାସକ ଦଳ କମ୍ୟୁନିଷ୍ଟ ପାର୍ଟି ବିଭାଜନ ଆଡ଼କୁ ମୁହାଁଉଛି। ଦଳରେ ସୃଷ୍ଟ ମତଭେଦ ଦୂର ଲାଗି ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି) କାର୍ଯ୍ୟକାରୀ ସଭାପତି ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ମଧ୍ୟରେ ସପ୍ତାହେ ମଧ୍ୟରେ ଅନେକ ଥର ବୈଠକ ବସିଲାଣି। କିନ୍ତୁ ଏଥିରେ କୌଣସି ସହମତି ହୋଇପାରୁନାହିଁ। ବୁଧବାର ଏନ୍‌ସିପିର ୪୫ ସଦସ୍ୟ ବିଶିଷ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବସିବାର ଥିଲା। ଏହାକୁ ଶୁକ୍ରବାରକୁ ଘୁଞ୍ଚାଇ ଦିଆଯାଇଛି। ଦୁଇ ନେତାଙ୍କୁ ଆଲୋଚନା ଲାଗି ଅଧିକ ସମୟ ଦେବା ପାଇଁ ଚତୁର୍ଥ ଥର ନିମନ୍ତେ ଷ୍ଟାଣ୍ଡିଂ କମିଟି ବୈଠକ ସ୍ଥଗିତ ରଖାଯାଇଛି। ଏହା ସତ୍ତ୍ୱେ ଆଲୋଚନାରେ ସହମତି ହୋଇପାରୁ ନ ଥିବାରୁ ଦଳ ବିଭାଜନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ଷ୍ଟାଣ୍ଡିଂ କମିଟି ବୈଠକରେ ୬୮ ବର୍ଷୀୟ ଓଲିଙ୍କ ରାଜନୈତିକ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ହେବା ଆଶା କରାଯାଉଛି। ଓଲିଙ୍କ ଗାଦି ରକ୍ଷା ପାଇଁ ଚାଇନା ରାଷ୍ଟ୍ରଦୂତ ହୋଉ ୟାନ୍‌କୁଇଙ୍କ ହସ୍ତକ୍ଷେପ ବୃଦ୍ଧି ପାଉଥିବା ଦେଖାଯାଇଛି। ଅନ୍ୟପକ୍ଷରେ ପ୍ରଚଣ୍ଡ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ଓଲିଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି। ପ୍ରଚଣ୍ଡଙ୍କ ପଛରେ ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମାଧବ କୁମାର ନେପାଳ, ଝଲାନାଥ ଖାନଲଙ୍କର ସମର୍ଥନ ରହିଛି। କୋଭିଡ୍-୧୯ ମହାମାରୀ ପରିଚାଳନାରେ ସରକାରଙ୍କ ବିଫଳତାକୁ ନେଇ ପାର୍ଲାମେଣ୍ଟରେ ଆଲୋଚନା ହେବାର ଥିଲା, ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ବଜେଟ ଅଧିବେଶନକୁ ବନ୍ଦ କରିଦେବା ଲାଗି ଏକତରଫା ନିଷ୍ପତ୍ତି ନେବା ପରେ ଆରମ୍ଭ ହୋଇଥିଲା କ୍ଷମତା କନ୍ଦଳ। ଦଳର ପରାମର୍ଶ ନ ନେଇ ଓଲି ଏକତରଫା ନିଷ୍ପତ୍ତି ନେଉଥିବା ପ୍ରଚଣ୍ଡ ଅଭିଯୋଗ କରିଛନ୍ତି।

**ଓଲି, ପ୍ରଚଣ୍ଡ ଆଲୋଚନା ବିଫଳ**



କେ.ପି. ଶର୍ମା ଓଲି



ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'


# ଭାରତରେ ସୁଧୁରୁଛି ଆର୍ଥିକ ସ୍ଥିତି

**ଇଣ୍ଡିଆ ଗ୍ଲୋବାଲ ୱିକ୍ ଉଦ୍‌ଘାଟନୀ ଅଧିବେଶନରେ ମୋଦିଙ୍କ ଉଦ୍‌ବୋଧନ**

**ଲଣ୍ଡନ, ୯।୭(ପି.ଟି.)**

କୋଭିଡ୍-୧୯ ଯୋଗୁ ସାରା ବିଶ୍ୱର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଥିରୁ ମୁକୁଳିବା ପାଇଁ ବିଭିନ୍ନ ଦେଶ ଉଦ୍ୟମ ଚଳାଇଥିବାବେଳେ ଭାରତରେ ସ୍ଥିତି ସୁଧୁରୁଥିବାର ସକାରାତ୍ମକ ଚିତ୍ର ଦେଖିବାକୁ ମିଳିଛି। ବିଶ୍ୱ ଅର୍ଥନୀତିକୁ ସୁଧାରିବାରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଶ୍ୱାସ ରହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ବ୍ରିଟେନ ଦ୍ୱାରା ଆୟୋଜିତ ଇଣ୍ଡିଆ ଗ୍ଲୋବାଲ ୱିକ୍‌ର ଉଦ୍‌ଘାଟନୀ ଅଧିବେଶନକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଥିଲେ।

ଅସମ୍ଭବ ବୋଲି ଯାହା ବିଶ୍ୱାସ କରାଯାଉଥାଏ ତାକୁ ହାସଲ କରିବାର ମନୋବଳ ଭାରତୀୟଙ୍କର ରହିଛି। ଏହାର ମୁଖ୍ୟ କାରଣ ହେଉଛି ଭାରତୀୟଙ୍କଠାରେ ପ୍ରତିଭା ରହିଥିବାବେଳେ ସଂସ୍କାର ଏବଂ ନୂତନତା ଆଣିବାର ସାମର୍ଥ୍ୟ ଭାରତର ରହିଛି। ଦେଶର ଅର୍ଥନୀତିରେ ସୁଧାର ଆସୁଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଭାରତ ବିଶ୍ୱର ସବୁଠୁ ମୁକ୍ତ ଅର୍ଥନୀତି ହୋଇ ରହିଛି। ଏଠାକୁ ଆସି ଶିଳ୍ପ ପ୍ରତିଷ୍ଠା ପାଇଁ ଆମେ ବିଶ୍ୱର ସବୁ କମ୍ପାନୀଙ୍କୁ ସ୍ୱାଗତ କରୁଛୁ। ଭାରତ ଯେଉଁ ସୁଯୋଗ ଦେଉଛି, ତାହା ବିଶ୍ୱର କ୍ୱଚିତ୍ ଦେଶ ଦେବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତର ବିଭିନ୍ନ ସେକ୍ଟରରେ ଯଥେଷ୍ଟ ସମ୍ଭାବନା ଓ ସୁଯୋଗ ରହିଛି। କୃଷି ସେକ୍ଟରରେ ସରକାର ନେଇଥିବା ସଂସ୍କାରମୂଳକ ପଦକ୍ଷେପ ପୁଞ୍ଜିନିବେଶର ନୂଆ ସୁଯୋଗ ସୃଷ୍ଟି କରିଛି। ଗତ ବ୍ୟବସାୟର ସରଳୀକରଣ, ଜିଏସ୍‌ଟି ସମେତ ଟିକସ କ୍ଷେତ୍ରରେ ପରିବର୍ତ୍ତନ ଆଦି ୬ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ନେଇଥିବା ବିଭିନ୍ନ ସଂସ୍କାର ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଅଭିବୃଦ୍ଧି ପାଇଁ ସରକାର ନିକଟରେ କେତେକ ସଂସ୍କାର ପ୍ରକ୍ରିୟା ଆପଣାଇଛନ୍ତି। ସେହିପରି ପ୍ରତିରକ୍ଷା ଓ ମହାକାଶ ସେକ୍ଟରରେ ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି କରାଯାଇଥିବା ମୋଦି କହିଥିଲେ। କରୋନା ମହାମାରୀ ବେଳେ ଭାରତର ଔଷଧ ଶିଳ୍ପ ସାରା ବିଶ୍ୱକୁ ଔଷଧ ଯୋଗାଇଛି ଓ ବିକାଶଶୀଳ ଦେଶରେ ଔଷଧ ଦାମ୍ କମାଇବାରେ ପ୍ରମୁଖ ଭୂମିକା ନେଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।



## ଆଜି ଭାରତ-ଚାଇନା କୂଟନୀତିଜ୍ଞଙ୍କ ବୈଠକ

**ନୂଆଦିଲ୍ଲୀ,୯।୭**

ଲଦାଖ ସ୍ଥିତି ଏବଂ ସେନା ପ୍ରତ୍ୟାହାର ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ପାଇଁ ଶୁକ୍ରବାର ଭାରତ ଓ ଚାଇନାର କୂଟନୀତିଜ୍ଞଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ। ପୂର୍ବରୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ଆଲୋଚନା ପରେ ସୀମାରୁ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା। ଶୁକ୍ରବାର ବୈଠକରେ ଭାରତ-ଚାଇନା ସୀମା ବ୍ୟାପାର (ଡବ୍ଲ୍ୟୁଏମ୍‌ସିସି) ଉପରେ ପରାମର୍ଶ ଓ ସମନ୍ୱୟ ପାଇଁ କାର୍ଯ୍ୟବ୍ୟବସ୍ଥା ଉପରେ ଆଲୋଚନା ହେବ ବୋଲି ଜଣାପଡିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଉତ୍ତେଜନା ହ୍ରାସ ପାଇଁ ୨୦୧୨ରେ ଡବ୍ଲ୍ୟୁଏମ୍‌ସିସି ଗଠନ ହୋଇଥିଲା। ଏଥିରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମସଚିବ (ପୂର୍ବ ଏସିଆ) ନବୀନ ଶ୍ରୀବାସ୍ତବ ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ୟୁ ଜିଆଙ୍ଗହାଓ ମୁଖ୍ୟ ରହିଛନ୍ତି।


## ଫେସ୍‌ବୁକ୍ ସମେତ ୮୯ ଆପ୍ ନିଷିଦ୍ଧ କଲା ସେନା

**ନୂଆଦିଲ୍ଲୀ,୯।୭**

ଆସନ୍ତା ୧୫ ତାରିଖ ସୁଦ୍ଧା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ସମେତ ୮୯ଟି ଆପ୍ ସ୍ମାର୍ଟଫୋନ୍‌ରୁ ହଟାଇବାକୁ ଭାରତୀୟ ସେନା ଏହାର ଯବାନମାନଙ୍କୁ ନିର୍ଦ୍ଦେଶ ଦେଇଛି। ସମ୍ବେଦନଶୀଳ ତଥ୍ୟ ପ୍ରଘଟକୁ ରୋକିବା ଏବଂ ସୁରକ୍ଷା କାରଣରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସରକାର ନିଷିଦ୍ଧ କରିଥିବା ୫୯ ଚାଇନା ଆପ୍ ମଧ୍ୟରେ ଏଥିରେ ରହିଛି। ପୂର୍ବରୁ ମଧ୍ୟ ଯବାନମାନଙ୍କୁ ଫେସ୍‌ବୁକ୍ ବ୍ୟବହାର ବନ୍ଦ କରିବା ସହ ହ୍ୱାଟ୍ସଆପ୍ ବ୍ୟବହାର କେବଳ ଅଫିସ କାର୍ଯ୍ୟରେ ବ୍ୟବହାର ପାଇଁ ଏକାଧିକ ଥର ନିର୍ଦ୍ଦେଶନାମା ଜାରି କରିଥିଲା। ଏଥର ମେସେଜିଂ, କଣ୍ଟେଣ୍ଟ ଶେୟାରିଂ, ୱେବ୍ ବ୍ରାଉଜର, ଭିଡିଓ ହୋଷ୍ଟିଂ, ଗେମିଂ, ଇ-କମର୍ସ, ଡେଟିଂ, ଆଣ୍ଟି ଭାଇରସ୍, ନ୍ୟୁଜ୍, ମ୍ୟୁଜିକ୍ ଆଦି ଆପ୍ ବନ୍ଦ କରିବା ଲାଗି କୁହାଯାଇଛି। ଯବାନମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଅନ୍‌ଲାଇନ ହନିଟ୍ରାପ୍‌ର ଶିକାର ହୋଇ ସମ୍ବେଦନଶୀଳ ତଥ୍ୟ ଶେୟାର କରୁଥିବାର ଏକାଧିକ ଘଟଣା ସାମ୍ନାକୁ ଆସିବା ପରେ ସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## କରୋନାରୁ ମସ୍ତିଷ୍କ ସମସ୍ୟା

**ଲଣ୍ଡନ,୯।୭(ପି.ଟି.)**



କୋଭିଡ୍-୧୯ ସହ ଷ୍ଟ୍ରୋକ୍, ଉନ୍ମାଦନା ଓ ଅନ୍ୟ ନ୍ୟୁରୋଲୋଜିକାଲ ଜଟିଳତାର ସମ୍ପୃକ୍ତି ରହିଛି। ଅତ୍ୟଧିକ କରୋନା ସଂକ୍ରମିତ ଅଧିକାଂଶ ଦେଶରୁ ଏଭଳି ଖବର ଆସିଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡିଛି। କରୋନା ରୋଗୀ ସାଧାରଣତଃ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ଜ୍ୱର, କାଶ ଆଦି ହୋଇଥାଏ। ତେବେ ଲାନ୍‌ସେଟ୍ ନ୍ୟୁରୋଲୋଜିର ଅଧ୍ୟୟନ ଅନୁଯାୟୀ କରୋନା ରୋଗୀଙ୍କଠାରେ ଦ୍ୱନ୍ଦ୍ୱରେ ପଡ଼ିବା, ଷ୍ଟ୍ରୋକ୍, ମସ୍ତିଷ୍କ ଓ ସ୍ପାଇନାଲ କର୍ଡରେ ପ୍ରଦାହ ଏବଂ ଅନ୍ୟାନ୍ୟ ସ୍ନାୟବିକ ରୋଗ ଦେଖାଦେଇଥାଏ। ବ୍ରିଟେନରେ କରୋନା ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଉପରେ ଗବେଷକମାନେ ଅଧ୍ୟୟନ କରି ଏହା ଜାଣିବାକୁ ପାଇଛନ୍ତି। କୋଭିଡ୍ ସହିତ ସ୍ନାୟବିକ ଏବଂ ମାନସିକ ରୋଗ ଆଦି ଜଟିଳତାର ସମ୍ପୃକ୍ତି ରହୁଥିବା ସେମାନେ କହିଛନ୍ତି। ବିଭିନ୍ନ ଦେଶର ୧୦୦୦ ରୋଗୀଙ୍କଠାରେ ମସ୍ତିଷ୍କ, ସ୍ପାଇନାଲ କର୍ଡ ଏବଂ ସ୍ନାୟୁ ରୋଗ ଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି। ତେଣୁ ସାରା ବିଶ୍ୱରେ ବହୁସଂଖ୍ୟାରେ କରୋନା ରୋଗୀ ଏଭଳି ଜଟିଳତାର ସାମ୍ନା କରୁଥିବା ଲିଭରପୁଲ୍ ୟୁନିଭର୍ସିଟିରୁ ଏ ସମ୍ପର୍କିତ ଅଧ୍ୟୟନ କରିଥିବା ସୁଜାନାହ ଲାଣ୍ଟ କହିଛନ୍ତି। ସେହିପରି କରୋନା ରୋଗୀଙ୍କଠାରେ ଦେଖାଦେଉଥିବା ଅନ୍ୟ ଏକ ଜଟିଳତା ହେଲା ଏନ୍‌ସେଫାଲାଇଟ୍ସ। ଏଥିରେ ମସ୍ତିଷ୍କରେ ଜ୍ୱାଳା ହେବା ସହ ଫୁଲିଯାଇଥାଏ। କୋଭିଡ୍-୧୯ ଏନ୍‌ସେଫାଲାଇଟ୍ସ ଓ ଅନ୍ୟାନ୍ୟ ମସ୍ତିଷ୍କ ସମସ୍ୟା ସୃଷ୍ଟି କରିପାରେ ବୋଲି ଡାକ୍ତରମାନେ ସ୍ୱୀକାର କରିଛନ୍ତି। ବିଭିନ୍ନ ଦେଶରେ ଏଭଳି ରୋଗୀ ଥିଲେ ମଧ୍ୟ ଅଧିକାଂଶ ରିପୋର୍ଟରେ ସବିଶେଷ ବିବରଣୀ ନ ଥିବା ବୈଜ୍ଞାନିକମାନେ କହୁଛନ୍ତି। ସମ୍ପୂର୍ଣ୍ଣ ଚିତ୍ର ପାଇବାକୁ ହେଲେ ବିଭିନ୍ନ ଅଞ୍ଚଳର ରୋଗୀଙ୍କର ବ୍ୟକ୍ତିଗତ ତଥ୍ୟକୁ ଏକତ୍ର କରିବାକୁ ପଡ଼ିବ ବୋଲି ସେମାନେ ମତ ଦେଇଛନ୍ତି।

# ୮ ରାଜ୍ୟରେ ୯୦% ସକ୍ରିୟ ମାମଲା

**ନୂଆଦିଲ୍ଲୀ,୯।୭(ପି.ଟି.)**

ଭାରତରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୪,୮୭୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭,୬୭,୨୯୬ରେ ପହଞ୍ଚିଛି। ଦେଶର ୮ଟି ରାଜ୍ୟରେ ୯୦ ପ୍ରତିଶତ ସକ୍ରିୟ ମାମଲା ରହିଛି। ସେହି ରାଜ୍ୟ ମଧ୍ୟରେ ଅଛନ୍ତି ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ଗୁଜରାଟ। ୮୦ ପ୍ରତିଶତ ସକ୍ରିୟ ମାମଲା ୪୯ ଜିଲ୍ଲାରୁ ବୋଲି କୋଭିଡ୍-୧୯ ଉପରେ ଗଠିତ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍) ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଜନିତ ମୃତ୍ୟୁର ୮୬ ପ୍ରତିଶତ ୬ଟି ରାଜ୍ୟରେ ହୋଇଛି। ସେଗୁଡ଼ିକ ହେଲା ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ। ୩୨ ଜିଲ୍ଲାରୁ ୮୦ ପ୍ରତିଶତ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଜିଓଏମ୍ ବୈଠକ ବସିଥିଲା। ଅଧିକ ମୃତ୍ୟୁ ଘଟୁଥିବା ଅଞ୍ଚଳକୁ ସ୍ୱତନ୍ତ୍ର ଫୋକସ୍‌ରେ ରଖାଯାଇଥିବା ମନ୍ତ୍ରଣାଳୟ ଜିଓଏମ୍‌କୁ ଜଣାଇଥିଲା। ତେବେ ୫ଟି ସର୍ବାଧିକ ପ୍ରଭାବିତ ଦେଶ ମଧ୍ୟରେ ଭାରତରେ ସଂକ୍ରମଣ ଏବଂ ମୃତ୍ୟୁ ହାର ସର୍ବନିମ୍ନ ଥିବା କୁହାଯାଇଛି। ଭାରତରେ ପ୍ରତି ୧ ନିୟୁତରେ ୫୩୮ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ୧୫ ଜଣଙ୍କର ମୃତ୍ୟୁ ଘଟୁଛି। ବିଶ୍ୱ ସ୍ତରରେ ଏହି ହାର ଯଥାକ୍ରମେ ୧,୪୫୩ ଏବଂ ୬୮.୭ ରହିଛି। ଦେଶରେ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ହର୍ଷବର୍ଦ୍ଧନ ସ୍ପଷ୍ଟ କରିଛନ୍ତି।

**୨୪ ଘଣ୍ଟାରେ ୨୪,୮୭୯ ସଂକ୍ରମିତ**

**ମୋଟ ଆକ୍ରାନ୍ତ ସଂଖ୍ୟା ୭,୬୭,୨୯୬**

**ଭାରତରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ: ସ୍ୱାସ୍ଥ୍ୟମନ୍ତ୍ରୀ**

ବର୍ତ୍ତମାନ ସୁଦ୍ଧା ଦେଶରେ ୩,୯୧୪ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଚିକିତ୍ସା ସୁବିଧା ମିଳୁଛି। କରୋନା ରୋଗୀଙ୍କ ପାଇଁ ୩,୭୭,୭୩୭ ସାଧାରଣ ଆଇସୋଲେଶନ ବେଡ୍, ୩୯,୮୨୦ ଆଇସିୟୁ ବେଡ୍ ଏବଂ ୧,୪୨,୪୧୫ ଅକ୍ସିଜେନ୍ ସପୋର୍ଟ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ୨୦,୦୪୭ ଭେଣ୍ଟିଲେଟର ଯୋଗାଇଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ୨୧.୩ କୋଟି ଏନ୍୯୫ ମାସ୍କ, ୧.୨ କୋଟି ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଏବଂ ୬.୧୨ କୋଟି ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଔଷଧ ଯୋଗାଇ ଦିଆଯାଇଛି। କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ବର୍ତ୍ତମାନ ଆବଦ୍ଧାଞ୍ଚଳ ନିୟମକୁ କଡ଼ାକଡ଼ି କରାଯାଇଛି। ଏଥିସହିତ ସମ୍ପୂର୍ଣ୍ଣ ପରୀକ୍ଷା କ୍ଷମତାର ଉପଯୋଗ କରାଯିବା ସହ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତି, ବରିଷ୍ଠ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି। ଆରୋଗ୍ୟ ସେତୁ ଭଳି ଡିଜିଟାଲ ଉପକରଣର ଅଧିକ ଉପଯୋଗ କରାଯାଉଛି। ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଭିତ୍ତିଭୂମି ପ୍ରସ୍ତୁତିକୁ ବଢ଼ାଇ ଦିଆଯାଇଥିବା ହର୍ଷବର୍ଦ୍ଧନ କହିଛନ୍ତି।



ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୪୮୭ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୨୧,୧୨୯ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୪,୭୬,୩୭୭ ଜଣ ସୁସ୍ଥ ହୋଇଥିବାବେଳେ ୨,୬୯,୭୮୯ ଜଣ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଆରୋଗ୍ୟ ହାର ୬୨.୦୮ ପ୍ରତିଶତକୁ ବୃଦ୍ଧି ପାଇଛି। ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରୁ ସର୍ବାଧିକ ୧୯୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ତାମିଲନାଡୁରୁ ୬୪, କର୍ଣ୍ଣାଟକରୁ ୫୪, ଦିଲ୍ଲୀରୁ ୪୮, ପଶ୍ଚିମବଙ୍ଗରୁ ୨୩, ଉତ୍ତରପ୍ରଦେଶରୁ ୧୮, ଗୁଜରାଟରୁ ୧୬ ଜଣଙ୍କ ଜୀବନ ଯାଇଛି।

**ସ୍ମାର୍ଟ ଫୋନରେ ପରୀକ୍ଷା ଦେବେ ଡିପ୍ଲୋମା ଛାତ୍ରୀଛାତ୍ର**

ଭୁବନେଶ୍ୱର(ବ୍ୟୁରୋ): ସ୍ମାର୍ଟ ଫୋନରେ ଏଥର ଡିପ୍ଲୋମା ପରୀକ୍ଷା କରାଯିବ। ଏହି ଫୋନରେ ଏଥର ଡିପ୍ଲୋମା ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। ଲାପଟପ କି ଡେକ୍ସଟପ ନ ଥିବା ପିଲାମାନେ ଘରେ ରହି ସ୍ମାର୍ଟ ଫୋନରେ ପରୀକ୍ଷା ଦେବେ ବୋଲି ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଅଗଷ୍ଟ ୨ରୁ ୨୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା କରାଯିବ। ୭ଦିନ ମଧ୍ୟରେ ରେଜଲ୍ଟ ବାହାରିବ। ଚଳିତ ବର୍ଷ ପ୍ରାୟ ୨୫ହଜାର ଛାତ୍ରୀଛାତ୍ର ଡିପ୍ଲୋମା ପରୀକ୍ଷା ଦେବେ।

# ସ୍ୱାଭାବିକ ହେଉନି ବସ୍ ସେବା

ଭୁବନେଶ୍ୱର,୯।୭(ବ୍ୟୁରୋ)

ରାଜ୍ୟରେ ଯାତ୍ରୀ ପରିବହନ ସେବା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ଘରୋଇଠାରୁ ଆରମ୍ଭ କରି ସରକାରୀ ବସ୍ ସେବା ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଫଳରେ ବସ୍ ସେବା ସ୍ୱାଭାବିକ ହୋଇପାରୁନି। କରୋନା ପ୍ରଭାବରେ ଏହି କ୍ଷେତ୍ର ଏକ ପ୍ରକାର ଭୁଶୁଡ଼ିବା ସ୍ତରକୁ ଚାଲିଯାଇଛି। ଯେଉଁ କେତେକ ରୁଟ୍‌ରେ ବସ୍ ଚାଲୁଛି ସେଥିରେ ମଧ୍ୟ ଯାତ୍ରୀ ହେଉ ନ ଥିବାରୁ ମାଲିକମାନେ ବହୁ କ୍ଷତି ସହୁଛନ୍ତି। ବିଭିନ୍ନ ଜିଲାରେ ହେଉଥିବା ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ବସ୍ ସେବାକୁ ଆହୁରି ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି। କେବଳ ବସ୍ ସେବା ନୁହେଁ, ପରିବହନ ବିଭାଗକୁ ମିଳୁଥିବା ମୋଟା ଅଙ୍କର ରାଜସ୍ୱ ମଧ୍ୟ ଅଧାରୁ ଅଧିକ କମିଗଲାଣି।

ରାଜ୍ୟରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ଘରୋଇ ବସ୍ ଚଳାଚଳ କରୁଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)ର ୪୦୦ ବସ୍ ଥିବା ବେଳେ ୧୪୦୦ ଘରୋଇ ବସ୍ ରାଜ୍ୟରେ ଚଳାଚଳ କରୁଥିଲା। ତେବେ କୋଭିଡ୍-୧୯ ଶଟ୍‌ଡାଉନ୍ ଯୋଗୁ ମାର୍ଚ୍ଚ ୨୨ରୁ ଏହି ବସ୍ ସେବା ପ୍ରାୟ ଅଢ଼େଇ ମାସ କାଳ ବନ୍ଦ ରହିଥିଲା। ତେବେ ମେ ପହିଲାରୁ ବସ୍ ଚଳାଚଳ କରିବାକୁ ରାଜ୍ୟ ସରକାର ଅନୁମତି ଦେଇଥିଲେ। ସରକାରୀ ଓ ଘରୋଇ ବସ୍ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଆଉ ପୂର୍ବ ସ୍ଥିତିକୁ ଫେରି ପାରୁ ନାହିଁ। ବସ୍‌ରେ ଯାତ୍ରୀ ସେବା ଏକ ପ୍ରକାର ଠପ୍ ହୋଇଯାଇଛି। ବସ୍‌ରେ ୨୦ ପ୍ରତିଶତରୁ କମ୍ ଯାତ୍ରୀ ଯାତାୟାତ କରୁଛନ୍ତି। ମେ ଓ ଜୁନ୍‌ରେ ଓଏସ୍‌ଆର୍‌ଟିସି ୬୦ ବସ୍ ଚଳାଉଥିବା ବେଳେ ଜୁଲାଇରେ ୪୦କୁ ଖସି ଆସିଛି। ସେହିପରି ରାଜ୍ୟରେ ୧୪୦୦ ଘରୋଇ ବସ୍ ମଧ୍ୟରୁ ୭୦୦ ବସ୍ ଚଳାଚଳ କରୁଥିଲା। ଜୁଲାଇରେ ତାହା ୧୨୪କୁ ଖସିଆସିଛି। ଗଞ୍ଜାମ, ରାଉରକେଲା, କଟକ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ଜିଲାରେ ଶଟ୍‌ଡାଉନ ଘୋଷଣା ହେବା ଦ୍ୱାରା ବସ୍ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଘରୋଇ ବସ୍ ମାଲିକମାନଙ୍କର ଅଭିଯୋଗ ଯେ ରାଜ୍ୟ ସରକାର ଶଟ୍‌ଡାଉନ୍‌ରେ ବସ୍ ଚଳାଇବାକୁ ଅନୁମତି ଦେଇଥିବା ବେଳେ ରାଜ୍ୟର କେଉଁ ଜିଲାରେ କେତେ ବେଳେ ଶଟ୍‌ଡାଉନ ହେଉଛି ତାହା ଜଣାପଡୁ ନାହିଁ। ସମ୍ପୃକ୍ତ ଜିଲାପାଳ କିମ୍ବା ତହସିଲଦାର ଏ ସମ୍ପର୍କରେ ବସ୍ ମାଲିକ ସଂଘକୁ କୌଣସି ସୂଚନା ଦେଉନାହାନ୍ତି। ଫଳରେ ବସ୍‌ଗୁଡିକ ଯାତ୍ରୀମାନଙ୍କୁ ନେଇ ବିଭିନ୍ନ ଜିଲାରେ ଫସି ରହୁଛନ୍ତି। କ୍ଷତିରେ ବସ୍ ଚଳାଉଥିବା ମାଲିକମାନେ ଏ ନେଇ ଆହୁରି ଅସୁବିଧାରେ ପଡୁଛନ୍ତ। କରୋନା ଭୟରେ ଯାତ୍ରୀମାନେ ବସ୍‌ରେ ଯିବାକୁ ଭୟ କରୁଥିବା ବେଳେ ଶଟ୍‌ଡାଉନ୍ ଯାତ୍ରୀ ସେବାକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

**୫୮ % ହ୍ରାସ ପାଇଲାଣି ପରିବହନ ଟିକସ**

ଅନ୍ୟ ପକ୍ଷରେ ବସ୍ ଚଳାଚଳ ବନ୍ଦ ସାଙ୍ଗକୁ ଯାନବାହନ ଟିକସ ମଧ୍ୟ ଅଧାରୁ ଅଧିକ ଖସିଯାଇଛି। ନୂତନ ଯାନବାହନ ବିକ୍ରି ହ୍ରାସ ପାଇଥିବାରୁ ପଞ୍ଜୀକରଣ ଟିକସ ଠାରୁ ଆରମ୍ଭ କରି ରୋଡ୍ ଟ୍ୟାକ୍ସ ଆଦି କମିଯାଇଛି। ସୂଚନା ଅନୁଯାୟୀ ୨୦୨୦ ଏପ୍ରିଲରୁ ଜୁଲାଇ ୯ ତାରିଖ ମଧ୍ୟରେ ପରିବହନ ବିଭାଗକୁ ମିଳିଥିବା ଟିକସ ୫୮ ପ୍ରତିଶତ ହ୍ରାସ ପାଇଛି। ୨୦୧୯ ଏହି ସମୟରେ ଟିକସ ଆଦାୟ ୩୮୬ କୋଟି ଟଙ୍କା ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୫୮ କୋଟି ହୋଇଛି। ଆଗକୁ ପରିସ୍ଥିତି ନ ସୁଧୁରିଲେ ଟିକସ ହ୍ରାସ ପ୍ରକ୍ରିୟା ଜାରି ରହିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ଆୟୋଜିତ କର୍ମଶାଳାରେ ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଏବଂ ଚଳିତ ବର୍ଷ ପୁରୀରେ ରଥଯାତ୍ରା ହେବାକୁ ଅନୁମତି ଦେବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିବା ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଅଫ୍‌ତାବ ହୁସେନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭିନୀଲ କ୍ରିଷ୍ଣା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଏସ୍‌ଡି

ଭୁବନେଶ୍ୱର,୯।୭(ବ୍ୟୁରୋ)

୨୦୦୫ ବ୍ୟାଚ ଆଇଏଏସ ଅଫିସର ଆର୍ ଭିନୀଲ କ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର (କୋଭିଡି ପରିଚାଳନା) ଓଏସଡି ଭାବେ ନିଯୁକ୍ତି କରାଯାଇଛି। ସେ ଓଡିଶା ଖଣି ନିଗମର ଏମଡି ସହିତ କ୍ରୀଡା ବିଭାଗ ନିର୍ଦ୍ଦେଶ ଏବଂ ଓଏମଇସିଏଲ ଏମଡି ଭାବେ କାର୍ଯ୍ୟରତ ଅଛନ୍ତି। ଓଏସଡି ସହିତ ସେ ଉକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ଜଳ ସମ୍ପଦ ବିଭାଗର ଯୁଗ୍ମ ସଚିବ ଥିବା ଲାଲା ମନୋଜ କୁମାର ରାୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ କଟକ ଉପଜିଲାପାଳ ଥିବା ଶୁଭ୍ରାଂଶୁ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରୀ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଲ୍ୟାଣ୍ଡ ଅଫିସର ଥିବା ପ୍ରତାପ କୁମାର ବେଉରାଙ୍କୁ କଟକ ଉପଜିଲାପାଳ ଭାବେ ବଦଳି କରାଯାଇଛି।

# ରାସ୍ତାରେ ଶିକ୍ଷୟିତ୍ରୀଙ୍କୁ ହାଣିଲେ

ଯାଜପୁର ରୋଡ୍, ୯।୭ (ଡି.ଏନ୍.ଏ.)

- ସହକର୍ମୀ ମେଡିକାଲରେ ଭର୍ତ୍ତି
- ହତ୍ୟାର କାରଣ ଅସ୍ପଷ୍ଟ, ଦୁର୍ବୃତ୍ତ ଫେରାର

ଯାଜପୁର ରୋଡ୍ ଥାନା ଅଧୀନ ବ୍ୟାସନଗର-ଜୋକଡ଼ିଆ ରାସ୍ତା ଖଣ୍ଡହତା ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ ରାସ୍ତାରେ ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବୃତ୍ତ ହାଣି ହତ୍ୟା କରିଛନ୍ତି। ଏହାସହ ତାଙ୍କ ସହିତ ଯାଉଥିବା ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହାପରେ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ମୃତକ ହେଲେ ବ୍ୟାସନଗର ପୌରପରିଷଦ ଅଧୀନ ଦାନିଆବର ସ୍କୁଲର ଶିକ୍ଷୟିତ୍ରୀ ଯୋଗମାୟ ଜେନା(୨୯)। ଗୁରୁତର ହେଲେ ସେହି ସ୍କୁଲର ଶିକ୍ଷକ ମୋହିନୀ ମୋହନ ମୁଦୁଲି(୫୨)। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଯୋଗମାୟା ଓ ମୋହିନୀ ଏକ ବାଇକ୍ ଯୋଗେ ସ୍କୁଲରୁ ଅଫିସ କାମ ସାରି ଫେରୁଥିଲେ। ଖଣ୍ଡହତା ଛକ ନିକଟରେ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମୋହିନୀଙ୍କ ମୁଣ୍ଡ ଓ ପେଟକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ମୋହିନୀ ଓ ଯୋଗମାୟା ଗାଡ଼ିରୁ ପଡ଼ିଯାଇଥିଲେ। ଯୋଗମାୟା ଭୟରେ ସେଠାରୁ ଦୌଡ଼ି ପଳାଉଥିବା ବେଳେ ଦୁର୍ବୃତ୍ତ ଜଣକ ତାଙ୍କ ମୁଣ୍ଡ, ହାତ, ପିଠି ଓ ପେଟକୁ ଧାରୁଆ ଅସ୍ତ୍ରରେ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଯୋଗମାୟାଙ୍କର ମୃତ୍ୟୁ ଘଟିଥିଲା। ମୋହନୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏସ୍‌ପି ଚରଣ ସିଂ ମିନା ଯାଜପୁର ରୋଡ୍ ଥାନା ପୋଲିସ ସହ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ଥାନା ସୂତ୍ରରୁ ପ୍ରକାଶ। ଯୋଗମାୟାଙ୍କ ମାମୁ ସୂର୍ଯ୍ୟନାରାୟଣ ଜେନାଙ୍କ ଏତଲା ଆଧାରରେ ପୋଲିସ ମାମଲା (ନଂ.୨୭୯/୨୦)କରିଛି।

# ଟୀରମାରି ହତ୍ୟା

**କୋରୁକୋଣ୍ଡା,୯।୭(ଡି.ଏନ.ଏ.):** ମାଲକାନଗିରି ଜିଲା ଓର୍କେଲ ଥାନା ତାରଲାକୋଟା ଗ୍ରାମରେ ଜଣଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଛି। ମୃତକ ସୁବାସ ଭୂୟାଁ। ତାଙ୍କୁ ଗ୍ରାମର ବାଜା ମାଡକାମୀ ତୀର ମାରି ହତ୍ୟା କରିଛନ୍ତି। ବାଜାଙ୍କ ଉନ୍ନତିରେ ସୁବାସ ଇର୍ଷା କରୁଥିଲେ। ବାଜା ମଧ୍ୟ କୌଣସି ରୋଗ ନ ଥାଇ ଦୁର୍ବଳ ହୋଇଯାଉଥିଲେ। ଫଳରେ ସୁବାସ ତାଙ୍କୁ ଗୁଣି କରୁଥିବା ସନ୍ଦେହ କରିଥିଲେ। ବୁଧବାର ବାଜା ସୁବାସଙ୍କ ଘରକୁ ଯାଇ ଡାକିଥିଲେ। ତାଙ୍କ ସ୍ତ୍ରୀ ଆସି ବାଜାଙ୍କୁ କ'ଣ ହେଲା ପଚାରିଥିଲେ। ହଠାତ୍ ବାଜା ତାଙ୍କ ଉପରେ ଆକ୍ରମଣ କରିଥିଲେ। ଏହା ଜାଣି ଘରୁ ସୁବାସ ଆସିଥିଲେ। ତାଙ୍କୁ ବାଜା ତୀରରେ ଆକ୍ରମଣ କରିଥିଲେ। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚତୁର୍ଥୀ ପୂର୍ବରୁ ହାତକଡ଼ି

କେନ୍ଦୁଝର/ଝୁମ୍ପୁରା,୯।୭ (ସ୍ୱ.ପ୍ର.)

**ବାପାଙ୍କୁ କୋଦାଳରେ ହାଣି ହତ୍ୟା**

ଘର ଦୁଆରେ ସାଜସଜ୍ଜା ଚାଲିଥିଲା। କିଛିଘଣ୍ଟା ପରେ ବାହାଘର ଚତୁର୍ଥୀ ହୋଇଥାନ୍ତା। ହେଲେ ଘରୋଇ କଳହକୁ କେନ୍ଦ୍ର କରି ନବ ବିବାହିତ ପୁଅ ନିଜ ବାପାଙ୍କୁ କୋଦାଳରେ ହାଣି ନିର୍ମମ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ବାରିଆ ଥାନା ଅଧୀନ ପୋଡ଼ାସିମିଳା ଗାଁ କୁନ୍ଦୁରୁ ସାହିରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ କୁଶ ନାଏକ। ପୋଲିସ ଅଭିଯୁକ୍ତ ପୁଅ ସୁନୀଲଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ୪ ଦିନ ତଳେ ବିବାହ କରିଥିବା ସୁନୀଲଙ୍କର ଗୁରୁବାର ଚତୁର୍ଥୀ ଥିଲା। ଏନେଇ ପରିବାର ଲୋକେ ସାଜସଜ୍ଜାରେ ଲାଗି ପଡ଼ିଥିଲେ। ଏହି ସମୟରେ କୌଣସି କାରଣରୁ ବାପ-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଭିଯୁକ୍ତ ପୁଅ ରାଗରେ କୋଦାଳରେ ବାପାଙ୍କୁ ହାଣି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବାହାଘର ଚତୁର୍ଥୀ ଉତ୍ସବ ଫସର ଫାଟି ଯାଇଥିଲା। ବାରିଆ ଥାନା ପୋଲିସ ପହଞ୍ଚି ଏକ ହତ୍ୟା ମାମଲା (ନଂ. ୪୩/୨୦) ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


# ଓଡ଼ିଶାର କୋଭିଡ୍-୧୯ ଯୁଦ୍ଧରେ ଜେଏସ୍‌ପିଏଲ୍‌ର ସକ୍ରିୟ ଭୂମିକା

## ଫେସ୍ ମାସ୍କ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ



ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍ ଫେସ୍ କଭର୍ ମାସ୍କ, ହ୍ୟାଣ୍ଡ ୱାଶ୍ ଲିକ୍ୱିଡ୍ ଓ ଫିନାଇଲ୍‌ର ବିନିର୍ମାଣ ଓ ବିତରଣକୁ ମଧ୍ୟ ସହାୟତା ଯୋଗାଇଆସିଛି। ଏବେ ସୁଦ୍ଧା ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍ ଦ୍ୱାରା ପ୍ରୋତ୍ସାହନପ୍ରାପ୍ତ ମହିଳା ଏସ୍‌ଏଚ୍‌ଜିଗୁଡ଼ିକ ୧.୭ ଲକ୍ଷ ୟୁଭି ଉପଚାରିତ ଧୋଇବାଯୋଗ୍ୟ ମାସ୍କ ତଥା ୦.୩୦ ଲକ୍ଷ ଡିସ୍‌ପୋଜେବଲ୍ ମାସ୍କ ତିଆରି କରିସାରିଛନ୍ତି। ଫେସ୍ କଭର୍ ମାସ୍କଗୁଡ଼ିକୁ ଗୋଷ୍ଠୀ ସମୁଦାୟ, ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟାନ୍ୟ କରୋନା ଯୋଦ୍ଧାଙ୍କ ମଧ୍ୟରେ ବଣ୍ଟନ କରାଯାଇଛି।



ଲାଇସେନ୍ସ ସହିତ ମାସ୍କ, ହ୍ୟାଣ୍ଡ ୱାଶ୍ ଓ ଫିନାଇଲ୍ ତିଆରି କରି, ମହିଳା ଏସ୍‌ଏଚ୍‌ଜି ସଦସ୍ୟାମାନେ ଏହି ବିପତ୍ତି ସମୟରେ ମଧ୍ୟ ଦୈନିକ ନଗଦ ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଏହି ମାସ୍କ ତିଆରି ପାଇଁ ୨୫୦ରୁ ଊର୍ଦ୍ଧ୍ୱ ତାଲିମପ୍ରାପ୍ତ ମହିଳା ନିୟୋଜିତ ହୋଇଛନ୍ତି ।

## ଅନ୍ ଗ୍ରାଉଣ୍ଡ ସେବା

ଭାରତରେ ଦେଖାଦେଇଥିବା କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍ ଲିଃ (ଜେଏସ୍‌ପିଏଲ୍), ଏହାର ସିଏସ୍‌ଆର୍ ଶାଖା ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍ ମାଧ୍ୟମରେ ଓଡ଼ିଶାସ୍ଥିତ ଏହାର ତିନିଗୋଟି ପରିଚାଳନାଗତ ଜିଲ୍ଲା ଅର୍ଥାତ୍ ଅନୁଗୋଳ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ସରକାର ତଥା ଗୋଷ୍ଠୀ ସମୁଦାୟ ସହ ହାତ ମିଳାଇ କରୋନା ଭାଇରସ୍ ବ୍ୟାପ୍ତିକୁ ରୋକିବାର ବିଭିନ୍ନ ପ୍ରୟାସରେ ଯୋଗଦାନ କରିଆସିଛି ।



ଜେଏସ୍‌ପିଏଲ୍ ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନ ତଥା ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍‌ର ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ରାଜ୍ୟରେ କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ଘୋଷଣା ହେବା ସଙ୍ଗେ ସଙ୍ଗେ କମ୍ପାନୀ ଗରିବ ଓ ବିପନ୍ନ ଜନସାଧାରଣଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏହାର ଗ୍ରାଉଣ୍ଡ ସେବା ଆରମ୍ଭ କରିଥିଲା।



## ମିଶନ୍ ଜିରୋ ହଙ୍ଗର୍

ଜେଏସ୍‌ପିଏଲ୍ ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ଦୂରଦର୍ଶିତା ଏବଂ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ସକ୍ଷମ ନେତୃତ୍ୱ ଓ ସକ୍ରିୟ ତତ୍ତ୍ୱାବଧାନ ଅଧୀନରେ ଓଡ଼ିଶା ସମେତ ଜେଏସ୍‌ପିଏଲ୍‌ର ଅନ୍ୟାନ୍ୟ ପରିଚାଳନାଗତ ରାଜ୍ୟରେ 'ମିଶନ୍ ଜିରୋ ହଙ୍ଗର୍' କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ କରାଯାଇଛି।

ଏହି କାର୍ଯ୍ୟକ୍ରମ ଅଧୀନରେ ଗରିବ ଓ ଅଭାବୀ ବ୍ୟକ୍ତିବିଶେଷ ଯେପରିକି ବିଭିନ୍ନ ସ୍ଥାନରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର, ପ୍ରବାସୀ ଶ୍ରମିକ ଏବଂ ସାରା ଦେଶର ଅନ୍ୟାନ୍ୟ ଅସୁରକ୍ଷିତ ସମ୍ପ୍ରଦାୟଙ୍କ ନିମନ୍ତେ ଖାଦ୍ୟ ସୁରକ୍ଷା ତଥା ସେମାନଙ୍କର ମୌଳିକ ପୋଷଣକୁ ସୁନିଶ୍ଚିତ କରିବା ପାଇଁ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି।

ଫାଉଣ୍ଡେଶନ ବୃଦ୍ଧାଶ୍ରମ, ବାଳାଶ୍ରମ, ଶେଲ୍‌ଟର୍ ହୋମ୍ ଏବଂ ଭିନ୍ନକ୍ଷମ ଶିଶୁ ଆଶ୍ରମରେ ଚାଉଳ, ଡାଲି, ତେଲ, ଗୁଡ଼/ଚିନି, ଚୁଡ଼ା/ପୋହା, ଆଳୁ, ପିଆଜ, ସୋୟାବିନ୍ ଓ ବିରି, ସାବୁନ, ଲୁଣ ଇତ୍ୟାଦି ଭଳି ଶୁଖିଲା ଖାଦ୍ୟସାମଗ୍ରୀ ମଧ୍ୟ ଯୋଗାଇଆସିଛି । ଆଜି ତାରିଖ ସୁଦ୍ଧା ଫାଉଣ୍ଡେଶନ୍



ଓଡ଼ିଶାରେ ଏପରି ଅଭାବୀ ବ୍ୟକ୍ତିମାନଙ୍କୁ ୫୦,୦୦୦ରୁ ଅଧିକ ଭୋଜନ ଯୋଗାଇଛି। ଫାଉଣ୍ଡେଶନ୍ ୬୫ ଗୋଟି କୁଷ୍ଠ ଆକ୍ରାନ୍ତ ପରିବାରକୁ ୧୦ ଦିନ ପାଇଁ ଶୁଖିଲା ରାଶନ ମଧ୍ୟ ବଣ୍ଟନ କରିଥିଲା।

ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା କୃଷି ଉତ୍ପାଦନ ଓ ଉତ୍ପାଦନକ୍ଷମତା ବୃଦ୍ଧି ଲାଗି ସହାୟତାପ୍ରାପ୍ତ ୨୫୦ରୁ ଊର୍ଦ୍ଧ୍ୱ ପରିବା ଓ ଦୁଗ୍ଧ ଚାଷୀ ଟାଉନଶିପ୍ ଓ ଜେଏସ୍‌ପିଏଲ୍‌ର କଲୋନୀଗୁଡ଼ିକରେ ନିୟମିତ ଭାବେ ଉଚିତ ମୂଲ୍ୟରେ କୃଷିଜାତ ଉତ୍ପାଦ ଯୋଗାଉଛନ୍ତି, ଏହାଦ୍ୱାରା ସେମାନଙ୍କୁ ଅଭାବୀ ବିକ୍ରିରୁ ସୁରକ୍ଷା ମିଳିପାରୁଛି।

## ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ପାଇଁ ଗୃହଭିତ୍ତିକ ଉପଚାର



ଆଶା ଦି ହୋପ୍ ଓଡ଼ିଶାର ଅନୁଗୋଳ ଜିଲ୍ଲାରେ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଓ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ପାଇଁ ଥଇଥାନ ଓ ସହାୟତା ସେବା ଯୋଗାଇଆସୁଛି। ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଓ ଅପ୍ରତ୍ୟାଶିତ ଭାବେ ସେବା ବନ୍ଦ ହେବା ଦ୍ୱାରା ଏପରି ବ୍ୟକ୍ତିବିଶେଷ ଓ ଶିଶୁମାନେ ଆହରଣ କରିସାରିଥିବା ଜ୍ଞାନ ଓ ଦକ୍ଷତାକୁ ହରାଇବାର ସମ୍ଭାବନା ରହିଥାଏ। ଏହାକୁ ଦୃଷ୍ଟିରେ ରଖି, କେନ୍ଦ୍ର ବୈଦ୍ୟୁତିକ ଏବଂ ଟେଲିଯୋଗାଯୋଗ ପଦ୍ଧତିରେ ଏହି ସେବାଗୁଡ଼ିକୁ ପ୍ରଦାନ କରିବା ଜାରି ରଖିଥିଲା। ସେବା ଜାରି ରଖିବା ପାଇଁ ମାତାପିତାଙ୍କୁ ମାର୍ଗଦର୍ଶନ ଯୋଗାଇବା ନିମନ୍ତେ ଭିଡିଓ ଅଧିବେଶନ ସଞ୍ଚାଳନ କରାଯାଇଥିଲା। ସମ୍ଭବ ହୋଇଥିବାସ୍ଥଳରେ ଆଶା ଦି ହୋପ୍‌ର ଥେରାପିଷ୍ଟମାନେ ସେମାନଙ୍କ ଘରକୁ ଯାଇ 'ଘରୋଇ ବ୍ୟାୟାମ ପ୍ରୋଟୋକଲ୍', ଉପଚାରାତ୍ମକ ଦକ୍ଷତା, ପ୍ରାକ୍-ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଓ ଶିକ୍ଷାଗତ କାର୍ଯ୍ୟକ୍ରମର ଅଭ୍ୟାସ କରାଇଥିଲେ। କେନ୍ଦ୍ର ଅନୁଗୋଳରେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ୬୪ ଜଣ ଶିଶୁଙ୍କ ଗୃହ ଭିତ୍ତିକ ଉପଚାର ଜାରି ରଖିଛି।

## ଗୋଷ୍ଠୀ ସଚେତନତା




ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍ ଏଭି, ସୋସିଆଲ ମିଡିଆ, ପ୍ରଚାର ପତ୍ର, ଅଡିଓ ଜିଙ୍ଗଲ୍ ଓ ରେଡିଓ ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ଗ୍ରାମଗୁଡ଼ିକରେ ସେମାନଙ୍କ ମାତୃଭାଷାରେ କୋଭିଡ୍-୧୯



ମହାମାରୀର ପ୍ରତିରୋଧ ସମ୍ପର୍କିତ ସଚେତନତା ସୃଷ୍ଟି କରିଆସିଛି। ଆଦିବାସୀ ଓ ଗ୍ରାମୀଣ ପରିବାର ବହୁଳ ଓଡ଼ିଶାର ଏହି ତିନିଗୋଟି ଜିଲ୍ଲାରେ ସାମାଜିକ ଦୂରତା, ହାତ ଧୋଇବା ଓ ପରିଚ୍ଛନ୍ନତା, ଘରେ ରହିବାର ଆବଶ୍ୟକତା, ଲକ୍‌ଡାଉନ୍ ନିୟମ ପାଳିବାର ମହତ୍ତ୍ୱ ଇତ୍ୟାଦି ସମ୍ପର୍କରେ ଗୋଷ୍ଠୀ ସଚେତନା ସୃଷ୍ଟି କରାଯାଉଛି। ଜେଏସ୍‌ପିଏଲ୍ ଓଡ଼ିଶାର ତିନିଟି ଜିଲ୍ଲାରେ ପାଖାପାଖି ୧୧୭ ଗୋଟି ସଚେତନତା ଅଧିବେଶନ ସଞ୍ଚାଳନ କରିଛି।

ହୋ' ଆଦିବାସୀ ସମ୍ପ୍ରଦାୟ ନିକଟରେ ପହଞ୍ଚିବା ପାଇଁ, ସେମାନଙ୍କ ହୋ' ଭାଷାରେ ସଚେତନତା ଜିଙ୍ଗଲ୍ ପ୍ରସ୍ତୁତ କରାଯାଇ ଜେଏସ୍‌ପିଏଲ୍ ଫାଉଣ୍ଡେଶନ୍ ଦ୍ୱାରା ପ୍ରସାରିତ କରାଯାଉଛି। ଫାଉଣ୍ଡେଶନ୍ ପ୍ରଚାରପତ୍ର, ହୋର୍ଡିଂ, ସୋସିଆଲ ମିଡିଆ ଓ ରେଡିଓ ଜରିଆରେ ମଧ୍ୟ ପ୍ରତିରୋଧମୂଳକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସଞ୍ଚାଳନ କରୁଛି।

## ଟୁଇଟରରେ ପ୍ରଶଂସିତ




ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ବ୍ୟତୀତ, ଭୁବନେଶ୍ୱର ଓ ଦିଲ୍ଲୀରେ ପ୍ରବାସୀ ଶ୍ରମିକ ଓ ସାମାଜିକ ବିପନ୍ନଙ୍କୁ ଗରମ ରନ୍ଧାଖାଦ୍ୟ ଯୋଗାଇଦିଆଯାଇଥିଲା। ଦିଲ୍ଲୀରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର 'ମିଶନ୍ ଜିରୋ ହଙ୍ଗର୍' ଅଧୀନରେ ଏବେ ସୁଦ୍ଧା ୪୧୦୦୦ରୁ ଅଧିକ ଭୋଜନ ବଣ୍ଟନ କରାଯାଇସାରିଛି।

## ପ୍ରମୁଖ ସହାୟତାମୂଳକ କାର୍ଯ୍ୟ

- ଅଭାବୀ ଓ ବିପନ୍ନଙ୍କୁ ୧,୭୦,୦୦୦ ଭୋଜନ ଯୋଗାଣ - ଓଡ଼ିଶାରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ
- ୨୦୦,୦୦୦ ଫେସ୍ କଭର୍ ମାସ୍କ ସିଲେଇ ଓ ବଣ୍ଟନ
- ୫୦୦୦୦ ପରିବାରଙ୍କୁ ହ୍ୟାଣ୍ଡ ୱାଶ୍, ସାନିଟାଇଜର୍, ଫିନାଇଲ୍ ଓ ସାବୁନ ବଣ୍ଟନ
- ୫୦୦ ପରିବା ଓ ଦୁଗ୍ଧ ଚାଷୀଙ୍କୁ ଅଭାବୀ ବିକ୍ରିରୁ ସୁରକ୍ଷା ପ୍ରଦାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଶୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପରଲୋକରେ ମନୋଜ ପଣ୍ଡା

**ଭୁବନେଶ୍ୱର,୯।୭(ବ୍ୟୁରୋ)**



ମନୋଜ କୁମାର ପଣ୍ଡା

ବିଶିଷ୍ଟ ସାହିତ୍ୟିକ ତଥା ଲେଖକ ମନୋଜ କୁମାର ପଣ୍ଡାଙ୍କର ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୧୯୫୪ରେ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିବା ମନୋଜ ଜଣେ କଥାଶିଳ୍ପୀ ତଥା ଭାଷା ବିଚାରକଭାବେ ବେଶ୍ ପରିଚିତ। 'ହାଡ଼ ବଗିଚା', 'ବର୍ଣ୍ଣ ବଗିଚା' ଓ 'ମାୟା ବଗିଚା' ଗଳ୍ପ ସଂକଳନ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ। 'ମାୟା ବଗିଚା' ଗଳ୍ପ ସଂକଳନ ପାଇଁ ସେ ୨୦୧୫ରେ ସମ୍ମାନଜନକ ଶାରଳା ପୁରସ୍କାର ଲାଭ କରିଥିଲେ। ଏହାସହ ସେ ଅଖିଳ ମୋହନ ସାହିତ୍ୟ ସମ୍ମାନ ଓ ଅଶୋକ ଚନ୍ଦନ ସାହିତ୍ୟ ସମ୍ମାନ ହାସଲ କରିଥିଲେ। ୨୦୧୦ରେ ତାଙ୍କ ଦ୍ୱାରା ଅନୁଦିତ ପୁସ୍ତକ 'ଦି ବୋନ ଗାର୍ଡେନ ଆଣ୍ଡ୍ ଅଦର ଷ୍ଟୋରିଜ' ଅନ୍ତର୍ଜାତୀୟ ଗଳ୍ପ ପୁରସ୍କାର ପାଇଁ ଏସିଆ ମହାଦେଶରୁ ୧୦ ଜଣ ଗାଳ୍ପିକଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଖୁବ୍ ବେଶି ଲେଖି ନ ଥିଲେ ମଧ୍ୟ ତାଙ୍କର କଥନଶୈଳୀ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ସମକାଳୀନ ଗଳ୍ପ କ୍ଷେତ୍ରରେ ତାଙ୍କର ଏକ ନିଜସ୍ୱ ଶୈଳୀ ରହିଥିଲା। ବର୍ଣ୍ଣନାବହୁଳ ଗପର ଧାରାଠାରୁ ଭିନ୍ନ ପ୍ରତୀକାତ୍ମକ ଗଳ୍ପଧାରାର ସେ ଜଣେ ଅଗ୍ରଣୀ ଶିଳ୍ପୀ ଥିଲେ। ଭାଷା, ଶୈଳୀ, ବିଷୟବସ୍ତୁ ଓ ଚରିତ୍ର ନିର୍ମାଣରେ ତାଙ୍କର ସ୍ୱାତନ୍ତ୍ର୍ୟ ରହିଥିଲା। ବୃତ୍ତିରେ ଇଂଲିଶ ଶିକ୍ଷକ ଥିବା ପଣ୍ଡା ଚାକିରିରୁ ଅବସର ଗ୍ରହଣ କରି ସାହିତ୍ୟ ସାଧନାରେ ବ୍ରତୀ ଥିଲେ। କେବଳ ଗଳ୍ପ ରଚନା ନୁହେଁ, ପ୍ରବନ୍ଧ ଓ ଭାଷା ଚର୍ଚ୍ଚା କ୍ଷେତ୍ରରେ ମଧ୍ୟ ମନୋଜଙ୍କର ସ୍ୱତନ୍ତ୍ର ଅବଦାନ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ;**
**ଚିତା କୁଟିଦେବି ମନକୁ ଚାହିଁ,**
**ଝଟକ ଦିଶିବ ଦିହ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ। ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫେଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତଳ ହାତରେ ମୁଁ ଦେବି;**
**ତମେ ଉପର ହାତରେ ଦେ।**

ବେଳେବେଳେ ନିଜର ବ୍ୟକ୍ତିଗତ କାର୍ଯ୍ୟ କରାଇବାକୁ ମନ ଚାହୁଁ ନ ଥିଲେ ମଧ୍ୟ ହାତଗୁଞ୍ଜା ଦେବାକୁ ମଣିଷ ବାଧ ହୁଏ। ନ ହେଲେ ସେସବୁ କରାଇବା ବା ପାଇବା ଦୁଷ୍ପ୍ରାପ୍ୟ ହୋଇଯାଏ। କିଛି ପାଇବାକୁ ହେଲେ ଦେବାକୁ ପଡୁଥିବା ଭଳି ଲାଞ୍ଚ ଦିଆନିଆ ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଖଣିଜ ଚୋରା ଚାଲାଣ ପାଇଁ ହ୍ୱାଟ୍‌ସଆପ୍ ଗ୍ରୁପ୍

**ଓଡ଼ାପଡ଼ା, ୯।୭(ଡି.ଏନ୍.ଏ.)**



ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଚାଲିଥିବା ଏକ ପଥର ଖାଦାନ।

- ଓଡ଼ାପଡ଼ା ତହସିଲରେ ଢୋଲ ଭିତରେ ମୂଷା
- ଚଢ଼ାଉ ପୂର୍ବରୁ ବ୍ୟବସାୟୀଙ୍କୁ ଦେଉଛନ୍ତି ସୂଚନା
- ଅଡିଓ ଭାଇରାଲ ପରେ ଜୋର୍‌ଦାର ଚର୍ଚ୍ଚା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲରେ ବାଡ଼ ଖାଉଛି ଫସଲ। ଚଢ଼ାଉ ପୂର୍ବରୁ ପ୍ରଶାସନର ବ୍ଲୁ-ପ୍ରିଣ୍ଟ ସମ୍ପର୍କରେ ତହସିଲ କର୍ମଚାରୀ ଅସାଧୁ ବ୍ୟବସାୟୀଙ୍କୁ ପଠାଇ ଦେଉଛନ୍ତି ସୂଚନା। ଏଥିପାଇଁ ସ୍ୱତନ୍ତ୍ର ଭାବେ ତିଆରି ହୋଇଛି ହ୍ୱାଟ୍‌ସଆପ୍ ଗ୍ରୁପ୍। ଅଧିକାରୀମାନେ ଚଢ଼ାଉ ସମୟରେ କେଉଁ ଗାଡ଼ି ବ୍ୟବହାର କରୁଛନ୍ତି, କେତେଜଣ ଯାଉଛନ୍ତି, ଗାଡ଼ିର ନମ୍ବର, ରୁଟ୍ ମ୍ୟାପ୍ ସବୁ କିଛି ଆଗୁଆ ପହଞ୍ଚି ଯାଉଛି ଖଣିଜ ଚାଲାଣକାରୀଙ୍କ ପାଖରେ। ତହସିଲର ଜଣେ କର୍ମଚାରୀ ଏବଂ ଚୋରା ବ୍ୟବସାୟୀଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ଭାଇରାଲ ହେବା ପରେ ଏହି କାରବାର ପଛରେ ଏକ ର୍ୟାକେଟ କାମ କରୁଥିବା ଚର୍ଚ୍ଚା ଜୋର୍ ଧରିଛି। ଏଥିରୁ ଖଣିଜ ଚୋରା ଚାଲାଣର ଚେର ବହୁତ ଗହୀରକୁ ଲମ୍ବିଥିବା ଅନୁମାନ କରାଯାଉଛି।

ଢେଙ୍କାନାଳ ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ନିକଟରେ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ରୋକିବାରେ ବିଫଳ ଓଡ଼ାପଡ଼ା ସମେତ ୬ ବ୍ଲକର ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଏହାପରେ ବ୍ଲକ ଅଞ୍ଚଳରେ ଚଢ଼ାଉକୁ ଜୋର୍‌ଦାର କରାଯାଇଛି। ହେଲେ ଅସାଧୁ କର୍ମଚାରୀଙ୍କ ସହ ମାଫିଆଙ୍କ ଲିଙ୍କ୍ ଯୋଗୁ ପ୍ରଶାସନର ଯୋଜନା ଫସର ଫାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

୪ ରାଜସ୍ୱ ସର୍କଲକୁ ନେଇ ଗଠିତ ଓଡ଼ାପଡ଼ା ତହସିଲ ଲଘୁ ଖଣିଜରେ ଭରପୂର। ଅଞ୍ଚଳରେ ମିଳୁଥିବା କଳାମୁଗୁନି ପଥରର ଚାହିଦା ରାଜ୍ୟ ସମେତ ରାଜ୍ୟ ବାହାରେ ମଧ୍ୟ ରହିଛି। ବ୍ରାହ୍ମଣୀ ନଦୀର ବାଲି ମଧ୍ୟ ନିର୍ମାଣ କାର୍ଯ୍ୟ ଲାଗି ବେଶ୍ ଉପଯୋଗୀ। ଫଳରେ ଏହି ଲଘୁ ଖଣିଜ ଦ୍ରବ୍ୟର ଉତ୍ସଗୁଡ଼ିକ ଉପରେ ଅସାଧୁ ବ୍ୟବସାୟୀଙ୍କ ନଜର ପଡ଼ିଛି। ଦୈନିକ ଶତାଧିକ ଟ୍ରକ୍ କଳା ମୁଗୁନି ପଥର ଚୋରାରେ ଉତ୍ତୋଳନ କରାଯାଉଛି। ସେଥିରୁ ପ୍ରସ୍ତୁତ ଚିପ୍ସ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ସୂଚନା ଅନୁଯାୟୀ, ବ୍ଲକରେ ୧୫ ଊର୍ଦ୍ଧ୍ୱ ସଇରାତ ନିଲାମ କରାଯାଇଛି। ଚୋରାରେ ୧୦୦ ଖଣିରୁ ଅଧିକ ଚାଲୁଥିବା ବିଶ୍ୱସ୍ତସୂତ୍ରରୁ ଜଣାପଡ଼ିଛି। ଏସବୁ ଖାଦାନରେ ଚଢ଼ାଉ କରିବା ଲାଗି ଜିଲା ପ୍ରଶାସନର ନିର୍ଦ୍ଦେଶରେ ତହସିଲ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଗ୍ରୁପ୍ ଗଠନ କରାଯାଇଛି। ତେବେ ତଳୁଆ କର୍ମଚାରୀଙ୍କ କାର୍ଯ୍ୟକଳାପ ଯୋଗୁ ଯେଉଁ ଲକ୍ଷ୍ୟ ନେଇ ଉକ୍ତ ଗ୍ରୁପ୍ କରାଯାଇଛି ତାହା ସଫଳ ହୋଇପାରୁନାହିଁ। ଚଢ଼ାଉ ପୂର୍ବରୁ ସବିଶେଷ ତଥ୍ୟ ଚୋରା ବ୍ୟବସାୟୀଙ୍କୁ ମିଳିଯାଉଛି। ଫଳରେ ଚୋରା ଖଣିଜ ଦ୍ରବ୍ୟ ରୋକିବାରେ ପ୍ରଶାସନ ସଫଳ ହୋଇପାରୁ ନ ଥିବାବେଳେ ଚଢ଼ାଉ ବେଳେ ଅନେକ ସମୟରେ ଅଧିକାରୀଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି। ଚୋରାଚାଲାଣ ଯୋଗୁ ମୁନାଫାଖୋର୍ ବ୍ୟବସାୟୀ ମାଲାମାଲ ହେଉଥିବାବେଳେ ରାଜସ୍ୱ ଆଦାୟ କମି ଚାଲିଛି। ଅନ୍ୟପକ୍ଷରେ ଏପରି କାର୍ଯ୍ୟକଳାପ ଯୋଗୁ ନିଲାମ ନେଇ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଚଳାଉଥିବା ବ୍ୟବସାୟୀ କ୍ଷତି ସହୁଛନ୍ତି। ଭାଇରାଲ ହୋଇଥିବା ଅଡିଓର ବୈଷୟିକ ଯାଞ୍ଚ କରାଗଲେ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବହୁ ତଥ୍ୟ ପଦାକୁ ଆସିବା ସହ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଅଡିଓ ଭାଇରାଲ ନେଇ ତାଙ୍କ ନିକଟରେ ସୂଚନା ରହିଛି। ଏ ସଂକ୍ରାନ୍ତରେ ତହସିଲଦାରଙ୍କ ସହ ଆଲୋଚନା କରାଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ୭ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୯।୭(ବ୍ୟୁରୋ):** ଦକ୍ଷିଣ ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ଅନୁଗୋଳ, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ୬.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ୨୧.୫, କେନ୍ଦୁଝର ୪୭.୬, ତାଳଚେର ୪୦, ବଲାଙ୍ଗୀର ୧୦.୬, ଟିଟିଲାଗଡ଼ ୯.୮, ସୋନପୁର ୧୧.୮, ନୟାଗଡ଼ ୩୭.୧, ବୌଦ୍ଧ ୫୬.୨ ଏବଂ ଛତ୍ରପୁରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍

**ବାଲେଶ୍ୱର ଅଫିସ ୯।୭:** ବାଲେଶର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଛି। ଗତ ୬ତାରିଖରେ ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ସେ କୋଭିଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନୀଳଗିରି ବିଧାୟକ ନାୟକଙ୍କ ସହ ମିଶି ଗତ ୨ ଓ ୩ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏପରି କି ବାଲେଶ୍ୱର ସଦର ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଏକାଦଶାହ କାର୍ଯ୍ୟରେ ମଧ୍ୟ ଯୋଗ ଦେଇଥିଲେ। ବିଧାୟକ ନାୟକ କରୋନା ପଜିଟିଭ ଚିହ୍ନଟ ହେବାପରେ ଗତ ୬ତାରିଖଠାରୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ସଙ୍ଗରୋଧରେ ଥିଲେ। ଗୁରୁବାର ତାଙ୍କର ସ୍ୱାବ ସଂଗ୍ରହ କରାଯାଇ ଦିଲ୍ଲୀ ଏମ୍‌ସରେ ପରୀକ୍ଷା କରାଯାଇଥିଲା।

# କରୋନା ଚିକିତ୍ସା: ୪ ଜିଲାରେ ଡିଏମ୍‌ଏଫ୍ ପାଣ୍ଠିରୁ ଖର୍ଚ୍ଚ ହେବ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

କରୋନା ସମ୍ପର୍କିତ ଉଚ୍ଚ କ୍ଷମତାସମ୍ପନ୍ନ ମନ୍ତ୍ରୀସ୍ତରୀୟ ବୈଠକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ହୋଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଛି। କମିଟି ଦ୍ୱାରା ଗ୍ରହଣ କରାଯାଇଥିବା ପୂର୍ବ ପ୍ରସ୍ତାବଗୁଡ଼ିକୁ ଆବଶ୍ୟକସ୍ଥଳେ ସଂଶୋଧନ କରି ଅନୁମୋଦନ କରାଯାଇଥିଲା। ରାଜ୍ୟରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଓ ପରୀକ୍ଷଣର ଆବଶ୍ୟକତା ଦୃଷ୍ଟିରୁ କଟକର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲାର ଭିମ୍‌ସାର, ପୁରୀସ୍ଥିତ ସଂକ୍ରାମକ ରୋଗ ନିରାକରଣ ହସ୍ପିଟାଲ ପାଇଁ ଅତିରିକ୍ତ ଗୋଟିଏ ଲେଖାଏ ଆର୍‌ଟିପିସିଆର୍ ମେଶିନ ଯୋଗାଇଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର ଓ କଳାହାଣ୍ଡି ଜିଲା ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ଆବଶ୍ୟକ ଅର୍ଥ ବ୍ୟୟ ବରାଦରେ ଓଡ଼ିଶା ରାଜ୍ୟ ଔଷଧ ନିଗମ ଜରିଆରେ ଆର୍‌ଟିପିସିଆର୍ ମେଶିନ ବ୍ୟବସ୍ଥା କରାଯିବ। ସେହିପରି କୋଭିଡ୍ ପରୀକ୍ଷା ନିମନ୍ତେ ଡିଏମ୍‌ଇଟିଙ୍କ ଅନୁମୋଦନ ଅନୁଯାୟୀ ମୟୂରଭଞ୍ଜ ଜିଲା ପାଇଁ ଜିଲା ଖଣିଜ ପାଣ୍ଠିରୁ ୫ଟି ଟ୍ରୁନ୍ୟାଟ୍ ମେଶିନ କିଣାଯିବ। ରାଜ୍ୟରେ ଏବେ ୧୯ଟି ସରକାରୀ ଓ ୭ଟି ଘରୋଇ ଲାବ୍ ମୋଟ ୨୬ଟି ଲାବ୍ ମାଧ୍ୟମରେ ଦିନକୁ ୬ ହଜାରରୁ ଅଧିକ କୋଭିଡ୍ ପରୀକ୍ଷା ଚାଲିଛି। ଆବଶ୍ୟକ ସ୍ଥଳେ କିଟ୍ ଦିଆଯାଇ ଲାବ୍‌ରେ ପରୀକ୍ଷଣ ସଂଖ୍ୟା ବୃଦ୍ଧି କରାଯାଇପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି।

# 'ଶେଷ ସେମିଷ୍ଟର ନିଷ୍ପତ୍ତି ପୁନର୍ବିଚାର ହେଉ'

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

**ମାନବ ସମ୍ବଳ ମନ୍ତ୍ରୀଙ୍କୁ ଅରୁଣଙ୍କ ଚିଠି**

ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୟୁଜି(ସ୍ନାତକ) ଏବଂ ପିଜି(ସ୍ନାତକୋତ୍ତର)ର ଶେଷବର୍ଷ ସେମିଷ୍ଟର ପରୀକ୍ଷା ଆସନ୍ତା ଅଗଷ୍ଟ ୩୦ ସୁଦ୍ଧା ଅନୁଷ୍ଠିତ ହେବ। ଏ ନେଇ ୟୁଜିସି ପକ୍ଷରୁ ଗତ ୬ରେ ପରିବର୍ତ୍ତିତ ମାର୍ଗଦର୍ଶିକା ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଫିସରୁ ବିଜ୍ଞପ୍ତି ଜାରିହୋଇଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଏହି ମାର୍ଗଦର୍ଶିକା ଗତ ଏପ୍ରିଲ ୨୪ରେ ପ୍ରକାଶିତ ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରୁଛି। ତେଣୁ ୟୁଜିସି ଦ୍ୱାରା ଜାରି ପରିବର୍ତ୍ତିତ ମାର୍ଗଦର୍ଶିକାର ପୁନର୍ବିଚାର କରାଯିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପୂର୍ବ ନିଷ୍ପତ୍ତି ଲାଗୁ କରିବା ପାଇଁ ମନ୍ତ୍ରୀ ସାହୁ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## 'ସ୍ପେଶାଲ କୋଭିଡ୍ ଫି'...

ତାରିଖରେ ସରକାର ମଦ ଅନ୍‌ଲାଇନରେ ବିକ୍ରି କରିବାକୁ ଅନୁମତି ଦେଇଥିଲେ। ଏହା ପରେ ଜୁଲାଇ ପହିଲାରୁ କାଉଣ୍ଟରରେ ବିକ୍ରି କରିବାକୁ ଅନୁମତି ଦେଇଥିଲେ। ସ୍ପେଶାଲ କୋଭିଡ୍ ଟିକସ ଲାଗୁ କରିବା ପରେ ରାଜ୍ୟ ସରକାରଙ୍କୁ ୨୦୦ କୋଟି ଟଙ୍କାର କୋଭିଡ୍ ଟିକସ ମିଳିପାରିଛି। ଟିକସ ବୃଦ୍ଧି ଯୋଗୁ ମଦ ବିକ୍ରି ହ୍ରାସ ପାଇଥିଲା। ଟିକସ କମାଇବାକୁ ଖୁଚୁରା ବ୍ୟବସାୟୀମାନେ ଦାବି କରିଆସୁଥିଲେ। ବ୍ୟବସାୟ ହ୍ରାସ ପାଇବା ଯୋଗୁ ଟିକସକୁ ସରକାର କମାଇ ଦେଇଛନ୍ତି।

## ଗିରଫ ନା...

ଏହାସହ ପୋଲିସକୁ ତାଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ଦେବା ପାଇଁ କହିଥିଲେ। ପରେ ପୋଲିସ ଆସି ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେବାବେଳେ ବିକାଶ ଗଣମାଧ୍ୟମକୁ ଚିତ୍କାର କରୁଥିଲେ, ହଁ ମୁଁ ବିକାଶ ଦୁବେ କାନପୁରବାଲା। ଏନ୍‌କାଉଣ୍ଟରରେ ଜୀବନ ଯିବା ଭୟରେ ସେ ଆତ୍ମସମର୍ପଣ ପାଇଁ ଯୋଜନାବଦ୍ଧ ଭାବେ ମହାକାଳ ମନ୍ଦିର ପରିସର ଭଳି ସୁରକ୍ଷିତ ସ୍ଥାନକୁ ବାଛିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଗ୍ୟାଙ୍ଗଷ୍ଟରଙ୍କ ଗିରଫଦାରିର ଶ୍ରେୟ ନେବାକୁ ଯାଇ କହିଛନ୍ତି, ଗୋଇନ୍ଦା ସଂସ୍ଥାଗୁଡ଼ିକ ଆଲର୍ଟ କରିବା ପରେ ପୋଲିସ ସତର୍କ ହୋଇଯାଇଥିଲା। ଆମ ପୋଲିସ କାହାକୁ ଛାଡ଼େନାହିଁ। ଆମର ବାହାଦୁର ପୋଲିସ ଯବାନମାନେ ବିକାଶଙ୍କୁ କାବୁ କରିଛନ୍ତି। ଅନ୍ୟପକ୍ଷରେ ୟୁପି ପୋଲିସ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ କାନପୁରକୁ ନେବା ପାଇଁ କୋର୍ଟରେ ଆବେଦନ କରିବ। ଏହି ବହୁଚର୍ଚ୍ଚିତ ଆକ୍ରମଣ ମାମଲାରେ ଜଡ଼ିତ ସମସ୍ତ ଅପରାଧୀଙ୍କୁ ଧରିବା ଯାଏ ଅପରେଶନ ଜାରି ରହିବ ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶୁକ୍ର ଓ ଚନ୍ଦ୍ର ଧନ ଏବଂ ଲାଭଭାବସ୍ଥ ହେତୁ ଆର୍ଥିକ ଉନ୍ନତି ସହ ମାନସିକ ସ୍ଥିତି ଭଲ ରହିବ। ପୂର୍ବ ପରିକଳ୍ପିତ ନୂଆଁ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। ଆଲୋଚନା ପରିସର, ସଭାସମିତିରେ, କଳା-ସାହିତ୍ୟରେ, ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ। ଯାତ୍ରା, ବ୍ୟବସାୟ, ନୂତନକର୍ମାରମ୍ଭ ପ୍ରୀତିପ୍ରଦ ରହିବ।

**ବୃଷ** ଦ୍ୱାଦଶାଧିପ ରବି ଓ ବୁଧଙ୍କୁ ଦେଖୁଥିବାରୁ ବୟସ୍କବ୍ୟକ୍ତିଙ୍କ ସକାଶେ ଖର୍ଚ୍ଚାନ୍ତ ହେବେ। ରାଶିରେ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ କିନ୍ତୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯିବ। ବନ୍ଧୁଙ୍କ ପରାମର୍ଶରେ ସତସଙ୍ଗ ଓ ଆଧ୍ୟାତ୍ମିକତା କାର୍ଯ୍ୟରେ ରୁଚି ବଳିବ।

**ମିଥୁନ** ଶୁକ୍ରଙ୍କ ପ୍ରଭାବରୁ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ନୂତନ ପ୍ରକଳ୍ପକାର୍ଯ୍ୟ, ଆନୁଷ୍ଠାନିକ କାମ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କଠିନ ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। କୌଣସି ଅସଫଳତା ନେଇ ମହିଳାମାନଙ୍କ ମନ ଭଲ ରହିବ ନାହିଁ।

**କର୍କଟ** ଅଷ୍ଟମଚନ୍ଦ୍ର ଯୋଗୁ ଅନ୍ୟମାନଙ୍କ କଥାରେ ପଡି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କିଛି ମୂଲ୍ୟବାନ ଜିନିଷ କିଣିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ନିଜର ଲୋକମାନଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଗ୍ରହସ୍ଥିତିର ସୁଫଳ ସ୍ୱରୂପ ଆଜିର ଯାତ୍ରାରେ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବେ। ପାରିବାରିକ ସମସ୍ୟାର ସମାଧାନ କରିବା ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆର୍ଥିକ ଅନଟନ ଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିପାରେ। ରୁଗ୍ଣ ସ୍ୱାସ୍ଥ୍ୟ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କନ୍ୟା** ବନ୍ଧୁଙ୍କ ପରାମର୍ଶରେ ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ଯୋଜନା କରିପାରନ୍ତି। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ବଢ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ଆଶଙ୍କା ରହିଛି।

**ତୁଳା** ପରୋକ୍ଷ ଶତ୍ରୁତାଜନିତ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ସ୍ୱାର୍ଥ କାରଣରୁ ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ବିଶାଖା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**ବିଛା** ଶନିକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମନ ଅସ୍ଥିର ରହିବ ଏବଂ କେତେକ କ୍ଷେତ୍ରରେ ଧର୍ମ ସଙ୍କଟରେ ପଡିପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷ ପରୋକ୍ଷ ଭାବେ ବିରୁଦ୍ଧାଚରଣ କରିବେ। ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ଏବଂ ଋଣପରିଶୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** ସରକାରୀ କାମରେ ସହଯୋଗ କରି ପଦସ୍ଥବ୍ୟକ୍ତିଙ୍କ ସୁନଜରରେ ଆସିପାରନ୍ତି। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ହୋଟେଲ,ଦୋକାନ, ବ୍ୟବାସାୟ,ବାଣିଜ୍ୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ। ବନ୍ଧୁଙ୍କ ସହାୟତାରେ ନୂତନ କାମଟିଏ କରି ଆତ୍ମତୃପ୍ତି ଲାଭ କରିବେ।

**ମକର** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ସଜାଗ ରହି କାମ କରନ୍ତୁ, କାରଣ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଅତିଥି ଚର୍ଚ୍ଚା, ଯାତ୍ରାକ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ** କର୍ମ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡି କିଣା, କରଜ ଦେବା, କାମରେ ମନ ଦେଇପାରନ୍ତି।

**ମୀନ** କାର୍ଯ୍ୟସିଦ୍ଧି ଯୋଗୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଭୁଲ୍‌ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଶୁଭଙ୍କରୀ ରହିବ। ଚୋରୀ ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଶୁକ୍ରବାର, ଜୁଲାଇ ୧୦ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ବିଦ୍ୟାରମ୍ଭ ପାଇଁ ଶୁଭ। ଦିବା ଘ.୧୨.୧୮ମି. ଗତେ ଘ.୦୨.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୦୮.୩୬ମି. ମଧ୍ୟେ, ରାତ୍ରି ଘ.୧୨.୫୭ମି. ଗତେ ଘ.୦୩.୦୮ମି. ମଧ୍ୟେ, ଘ.୦୩.୫୧ମି. ଗତେ ଘ.୦୫.୧୮ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୪୯ମି. ଗତେ ଘ.୦୬.୨୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୧୦ମି. ଗତେ ଘ.୦୭.୦୩ମି. ମଧ୍ୟେ, ଘ.୦୯.୪୦ମି. ଗତେ ଘ.୧୦.୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୩ମି. ଗତେ ଘ.୧୧.୫୨ମି. ମଧ୍ୟେ, ରାହୁକାଳ।

## classifieds Everyday
0674-2580101, 2549302



**SALE**

**Earthquake proof 2BHK flat in Apartment Avantika near Gokul Kunj Apartment on Rasulgarh GGP Pandra road for immediate sale. Contact: 9938095118, 8763935874 during Office hour.** D-68095

Residential plot size 50 decimal for sale in Surendrapatna near to Saraswati Sishu Vidya Mandira in Village Nuapatna P.S- Tigiria, Dist- Cuttack. Interested persons Contact: 9437570657, 8249397172. D-17708

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

**ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040.** D-69127

**LAND FOR SALE- at- Jajpur road, Bank Street near Suryansh, Hotel, 68,000sqft. Contact: 9338812345 abhishek7422@gmail.com.** D-17617

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320



Vacant 2BHK of Tile Flooring with 24hours water supply at Niccopark Lane, Nayapalli. Contact: 8270887551, 9090606433. D-68355



Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

Newly open full body massage SPA in Bhubaneswar. Contact: 7205058838. D-69703

Ayurvedic full body massage ladies and gents, Contact: 9861064981. D-69523

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Herbal full body massage by smart / expert therapist. Contact: 8338067247. D-69702

Get refreshment body massage by expert therapist contact for. 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

**AFFIDAVIT**

By virtue of an affidavit sworn before the Notary Public, Sambalpur I, Sabitri Surujal, W/o- Satrughan Surujal, R/o- Baijamunda, P.S.- Burla, Dist- Sambalpur declare that my actual name is Sabitri Surujal, but in Reliance Life Insurance Policy having No. 19634927 my name has been wrongly written as Sabitri Subhita. That above both the names are one and same person. D-69801

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚାକିରି ଦେବା ନାଁରେ ମହିଳାଙ୍କୁ ବଳାତ୍କାର

**ବାରଙ୍ଗ,୯।୭(ଡି.ଏନ.ଏ):** ଚାକିରି ଦେବାକୁ କହି ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ମେଣ୍ଢାଶାଳ ଫାଣ୍ଡିରେ ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଚନ୍ଦକା ଥାନାରେ ନଂ.୧୨୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଫାଣ୍ଡି ଅଧୀନରେ ଜଣେ ମହିଳା ଚାକିରି ସନ୍ଧାନରେ ଥିଲେ। ଏହି ସମୟରେ ଜଟଣୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପରିଚୟରେ ଆସିଥିଲେ। ବ୍ୟକ୍ତି ଜଣକ ଛତାବର ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଚାକିରି କରାଇଦେବେ ବୋଲି ମହିଳାଙ୍କୁ କହିଥିଲେ। ଏଥିପାଇଁ ତାଙ୍କୁ ସୋମବାର ଉକ୍ତ କଲେଜକୁ ଡାକିଥିବାରୁ ପୁଅ ସହ ମହିଳା ଜଣକ ଯାଇଥିଲେ। ପୁଅ ବାହାରେ ଥିବାବେଳେ ମହିଳା ଉକ୍ତ ବ୍ୟକ୍ତିଙ୍କ ସହ କଲେଜର ତିନି ମହଲା ଉପରକୁ ଯାଇଥିଲେ। ଜଣେ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇ ବଳାତ୍କାର କରିବା ସହ କାହାକୁ ଜଣାଇଲେ ମାରିଦେବାର ଧମକ ଦେଇଥିଲେ। ସେଠାରୁ ଆସି ଘରେ ମାନସିକ ଦୁଶ୍ଚିନ୍ତାରେ ରହିବା ସହ ଶାରୀରିକ ଅସୁସ୍ଥତା ଅନୁଭବ କରିବାରୁ ବୁଧବାର ପୁଅଙ୍କୁ ସବୁ କଥା କହିଥିଲେ। ଏ ନେଇ ପୁଅ ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ଫାଣ୍ଡି ଅଧିକାରୀ ଥାନାରେ ଲିଖିତ ଭାବେ ଜଣାଇବାକୁ କହିଥିଲେ।

### ନଦୀରେ ଭାସିଗଲେ ବୃଦ୍ଧ

**ଖୋର୍ଦ୍ଧା ଅଫିସ/ବାଣପୁର, ୯।୭(ଡି.ଏନ୍.ଏ.):** ବାଣପୁର କଂସାରୀ ନଦୀରେ ଗୁରୁବାର ଜଣେ ବୃଦ୍ଧ ଭାସିଯାଇଥିବା ଜଣାପଡିଛି। ସେ ହେଲେ ଭୀମପୁର ବିଶୋୟୀ ସାହିର ଖଲି ଦାସ(୭୨)। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ଖଲି ବିଲକୁ ଯିବା ଲାଗି ନଦୀ ପାର ହେଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ପାଣି ସ୍ରୋତରେ ଭାସିଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖଲିଙ୍କ କୌଣସି ସନ୍ଧାନ ମିଳି ପାରି ନ ଥିବା ଜଣାପଡିଛି।

### ଖୋର୍ଦ୍ଧା: ୭ ଦୋକାନ ସିଲ୍

**ଖୋର୍ଦ୍ଧା ଅଫିସ,୯।୭:** କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଗୁରୁବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ୭ଟି ଦୋକାନ ସିଲ୍ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଜିଲା(ଭୁବନେଶ୍ୱରକୁ ବାଦ୍ ଦେଇ)ରେ ୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଲୁଗାଁର ଜଣେ ୪୩ ବର୍ଷୀୟ ପୁରୁଷ, ବୋଲଗଡ଼ର ଜଣେ ୩୨ବର୍ଷୀୟ ପୁରୁଷ, ବାଲିପାଟଣାର ଜଣେ ୨୯ ବର୍ଷୀୟ ପୁରୁଷ, ଭୁବନେଶ୍ୱର ବ୍ଲକର ଜଣେ ୨୫ବର୍ଷୀୟ ପୁରୁଷ, ଖୋର୍ଦ୍ଧା ବ୍ଲକର ଜଣେ ୩୭ ବର୍ଷୀୟା ମହିଳା ଓ ଜଣେ ୩୫ବର୍ଷୀୟ ପୁରୁଷ, ଜଟଣୀର ୩ଜଣ ରହିଛନ୍ତି। ଅନ୍ୟପକ୍ଷେ ଜିଲାର ୧୦୧ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

# ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଉଛି ଜୈବଶକ୍ତି

**କଟକ ଅଫିସ,୯।୭**

ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଉଛି ଜୈବଶକ୍ତି। ଏକସଙ୍ଗେ ସୃଷ୍ଟି ହେଉଛି ବାୟୋ-ଅଏଲ, ବାୟୋ-ଚାର ଓ ପାଇରୋ ଗ୍ୟାସ୍। ଗୋଟିଏ ପଦ୍ଧତିରେ ୩ଟି ଜୈବଶକ୍ତି ସୃଷ୍ଟି କରିବାର ବିରଳ ରେକର୍ଡ ରଚିଛି ଗୁଜରାଟସ୍ଥିତ ସର୍ଦ୍ଦାର ପଟେଲ ନବୀକରଣୀୟ ଶକ୍ତି ଗବେଷଣା ଅନୁଷ୍ଠାନ। ଓଡ଼ିଆ ବୈଜ୍ଞାନିକ ଡ. ସଞ୍ଜୀବ କୁମାର କର୍ମୀଙ୍କ ନେତୃତ୍ୱରେ ଉକ୍ତ ଗବେଷଣା ସମ୍ପନ୍ନ ହୋଇଛି। ଏହି ଗବେଷଣା ଆଗାମୀ ଦିନରେ ଭାରତ ପାଇଁ ଏକ ପ୍ରମୁଖ ଶକ୍ତିର ଉତ୍ସ ହେବ ବୋଲି କୁହାଯାଉଛି।

**ଓଡ଼ିଆ ବୈଜ୍ଞାନିକଙ୍କ ବିରଳ ଉଦ୍ଭାବନ**



ସଞ୍ଜୀବ କୁମାର କର୍ମୀ

ଯୁବ ବୈଜ୍ଞାନିକ ସଞ୍ଜୀବଙ୍କ ଘର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଟେଭାପଦର ଗ୍ରାମରେ। ପିତା ବିଶ୍ୱନାଥ କର୍ମୀ ଓ ମା' କମଳିନୀ କର୍ମୀଙ୍କ ପୁଅ ସଞ୍ଜୀବ ସୋନପୁରରେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ। ମାଡ୍ରାସ ଆଇଆଇଟିରୁ ସେ ପିଏଚ୍.ଡି. ହାସଲ କରିଛନ୍ତି। ଜର୍ମାନର ଆଚେନ୍ ବିଶ୍ୱବିଦ୍ୟାଳୟ, ନେଦରଲ୍ୟାଣ୍ଡର ଡେଲଫ୍ଟ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସିଙ୍ଗାପୁର, ହଂକଂ ସମେତ ଅନେକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଛନ୍ତି। ଏବେ ଗୁଜରାଟର ସର୍ଦ୍ଦାର ପଟେଲ ନବୀକରଣୀୟ ଶକ୍ତି ଗବେଷଣା ଅନୁଷ୍ଠାନରେ ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ଗୋଟିଏ ପଦ୍ଧତିରେ ୩ଟି ଜୈବଶକ୍ତି ସୃଷ୍ଟି ନେଇ ତାଙ୍କର ଗବେଷଣା ସଫଳ ରୂପ ନେବାକୁ ୩ବର୍ଷ ଲାଗିଥିଲା। ଆଗାମୀ ଦିନରେ ଏହି ପ୍ରକଳ୍ପ ଭାରତ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସଞ୍ଜୀବ ସୂଚନା ଦେଇଛନ୍ତି।

ସମ୍ପ୍ରତି ସମଗ୍ର ବିଶ୍ୱ ୩ଟି ସମସ୍ୟାରେ ଘାଣ୍ଟି ହେଉଛି। ସେଗୁଡ଼ିକ ହେଲା, ତୈଳ ଦରବୃଦ୍ଧି, ପାଣିପାଗ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ। ଜୀବାଶ୍ମରୁ ଅନେକ ଶକ୍ତିର ଉତ୍ସ ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ଗୁଜରାଟର ଏହି ଅନୁଷ୍ଠାନ ନୂତନ ଉଦ୍ଭାବନ ପାଇଁ ଅଣ୍ଟା ଭିଡ଼ିଥିଲା। ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲଚରାଲ ରିସର୍ଚ୍ଚ (ଆଇସିଏଆର୍) ଏହି ଗବେଷଣାର ଭାର ବହନ କରିଥିଲା। ଯେଉଁ ନୂତନ ଉଦ୍ଭାବନ ହୋଇଛି ସେ ସମ୍ପର୍କରେ ସଞ୍ଜୀବ କୁହନ୍ତି ଯେ, ବର୍ଜ୍ୟବସ୍ତୁକୁ ଆର୍ଗନ ଓ ନାଇଟ୍ରୋଜେନ ଗ୍ୟାସ ବ୍ୟବହାର ଦ୍ୱାରା ପାଇରୋଲିସିସ କରାଯାଉଛି। ଯେଉଁଥିରୁ ୩ଟି ଜୈବଶକ୍ତି ସୃଷ୍ଟି ହେଉଛି। ଗୋଟିଏ ହେଲା ବାୟୋ ଅଏଲ୍। ଯାହା ପେଟ୍ରୋଲ ଓ ଡିଜେଲର ବିକଳ୍ପ ଅଟେ। ଅନ୍ୟ ଗୋଟିଏ ଉତ୍ପାଦନ ହେଉଛି ପାଇରୋ ଗ୍ୟାସ୍। ମସଲାଜାତୀୟ ସାମଗ୍ରୀ ଉତ୍ପାଦନ କରୁଥିବା ଶିଳ୍ପଗୁଡ଼ିକରେ ମୁଖ୍ୟତଃ ଏହି ଗ୍ୟାସ ବ୍ୟବହାର କରାଯାଏ। ୩ୟ ଉତ୍ପାଦନ ହେଉଛି ବାୟୋ ଚାର୍। କୃଷି କ୍ଷେତ୍ରରେ ମୁଖ୍ୟତଃ ଏହି ଉତ୍ପାଦନ ବହୁଳ ଭାବେ ବ୍ୟବହୃତ ହୁଏ। ଗୋଟିଏ ଘଣ୍ଟାରେ ୧୫ କେଜି ବର୍ଜ୍ୟବସ୍ତୁ ପାଇରୋଲିସିସ୍ କରାଯାଉଛି। ଯେଉଁଥିରୁ ପ୍ରାୟ ୪୦ ପ୍ରତିଶତ ବାୟୋ ଅଏଲ, ୨୫ରୁ ୩୦ ପ୍ରତିଶତ ବାୟୋ-ଚାର୍ ଓ ୨୦ ପ୍ରତିଶତ ବାୟୋ-ଗ୍ୟାସ ସୃଷ୍ଟି ହେଉଛି। ଆଗାମୀ ଦିନରେ ପାଇରୋଲିସିସ୍ ପ୍ରକ୍ରିୟାକୁ ବୃଦ୍ଧି କରାଯିବା ପାଇଁ ପ୍ରଚେଷ୍ଟା ଚାଲିଥିବା ସଞ୍ଜୀବ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟାକୁ ଆପଣାଇ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ତାଙ୍କ ମତ। ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇ ୩ଟି ଜୈବଶକ୍ତି ଉତ୍ପାଦନ ହେବା ପ୍ରଥମ ଘଟଣା ବୋଲି ସେ ପ୍ରକାଶ କରିଛନ୍ତି।

# ପଣ୍ୟ ପରିବହନରେ ରେଳପଥର ରିହାତି ଘୋଷଣା

**ଭୁବନେଶ୍ୱର, ୯।୭ (ବ୍ୟୁରୋ):** ପଣ୍ୟ ପରିବହନ କ୍ଷେତ୍ରରେ ପ୍ରୋତ୍ସାହନ ଦେବାକୁ ଭାରତୀୟ ରେଳପଥ ପକ୍ଷରୁ ରିହାତି ଘୋଷଣା କରାଯାଇଛି। ସ୍ୱଳ୍ପ ଓ ଅଧିକ ଦୂରତ୍ୱ ପଣ୍ୟ ପରିବହନ କ୍ଷେତ୍ରରେ ଭଡାରେ ରିହାତି ଦେବା ପାଇଁ ସ୍ଥିର ହୋଇଛି। କୋଇଲା, ଲୁହାପଥର, ଲୌହ ଜାତୀୟ ସାମଗ୍ରୀ, ସାମରିକ ଦ୍ରବ୍ୟ ପରିବହନ, ରେଳପଥ ସରଞ୍ଜାମ ଏବଂ କଣ୍ଟେନର ପରିବହନ ବ୍ୟତୀତ ସ୍ୱଳ୍ପ ଦୂରତା ପାଇଁ ଅନ୍ୟାନ୍ୟ ପଣ୍ୟ ପରିବହନରେ ୫୦ କିମି ପର୍ଯ୍ୟନ୍ତ ୫୦% ରିହାତି ଦିଆଯିବ। ସେହିଭଳି ୫୧ରୁ ୭୫ କିମି ପର୍ଯ୍ୟନ୍ତ ଦୂରତ୍ୱ ପରିବହନ ପାଇଁ ୨୫% ରିହାତି ଏବଂ ୭୬ରୁ ୯୦ କିମି ପର୍ଯ୍ୟନ୍ତ ପରିବହନ ପାଇଁ ୧୦% ରିହାତି ଦିଆଯିବ। ୯୧ରୁ ୧୦୦ କିମି ଦୂରତ୍ୱ ପାଇଁ ପଣ୍ୟ ପରିବହନ ଦେୟ ଅପରିବର୍ତ୍ତିତ ରହିବ। ଏହି ରିହାତି କୋଇଲା, ଲୁହାପଥର, ଲୌହ ଜାତୀୟ ସାମଗ୍ରୀ, ସାମରିକ ଦ୍ରବ୍ୟ ପରିବହନ, ରେଳପଥ ସରଞ୍ଜାମ ଏବଂ କଣ୍ଟେନର ପରିବହନ ବ୍ୟତୀତ ଅନ୍ୟ ସମସ୍ତ ସାମଗ୍ରୀ ପରିବହନ ପାଇଁ ଲାଗୁ ହେବ। ୨୦୨୦ ଜୁଲାଇ ପହିଲାରୁ ୨୦୨୧ ଜୁନ ୩୦ ପର୍ଯ୍ୟନ୍ତ ଏହି ରିହାତି ଲାଗୁ କରାଯାଇଛି। କେବଳ ଦେଶର ପୂର୍ବ-ଉତ୍ତର କ୍ଷେତ୍ରକୁ ଏବଂ ଏହାର ପରିସୀମା ମଧ୍ୟରୁ ପଣ୍ୟ ପରିବହନ ପାଇଁ ୬% ରିହାତି ଲାଗୁ କରାଯିବ। ପୂର୍ବରୁ ସ୍ୱଳ୍ପ ଦୂରଗାମୀ ପଣ୍ୟ ପରିବହନ ପାଇଁ ଅତି କମ୍‌ରେ ୧୦୦କିମି ପର୍ଯ୍ୟନ୍ତ ପରିବହନ ବାବଦରେ ଭଡା ଧାର୍ଯ୍ୟ କରାଯାଇଥିଲା।

### ସପ୍ତାହକୁ ଦୁଇଦିନ ଚାଲିବ ସିଆଲ୍‌ଦା-ଭୁବନେଶ୍ୱର-ସିଆଲ୍‌ଦା ଟ୍ରେନ୍

କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଚାଲୁଥିବା ଆଉ ଏକ ସ୍ୱତନ୍ତ୍ର ଟ୍ରେନ୍‌ର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଯାତ୍ରୀ ଅଭାବରୁ ସପ୍ତାହକୁ ୩ଦିନ ଚାଲୁଥିବା ସିଆଲ୍‌ଦା-ଭୁବନେଶ୍ୱର- ସିଆଲ୍‌ଦା ସ୍ୱତନ୍ତ୍ର ଟ୍ରେନ୍ ଏଣିକି ୨ଦିନ ଚଳାଚଳ କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍‌ଆସନ୍ତା ୧୩ରୁ ପ୍ରତି ସୋମବାର ଏବଂ ଶୁକ୍ରବାର ସିଆଲ୍‌ଦାରୁ ଚଳାଚଳ କରିବ। ୧୪ ତାରିଖରୁ ଭୁବନେଶ୍ୱରରୁ ଏହା ପ୍ରତି ମଙ୍ଗଳବାର ଏବଂ ଶନିବାର ଚାଲିବ। ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟରେ ଚାଲିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ବାଣ୍ଟିଲେନି, ଖତ କରିଦେବେ

**ମାଲକାନଗିରି/ଚିତ୍ରକୋଣ୍ଡା, ୯।୭ (ଡି.ଏନ୍.ଏ.)**

ଗୁରୁପ୍ରିୟା ସେତୁ ନିର୍ମାଣ ହେବା ପରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଥିବା ୯ଟି ପଞ୍ଚାୟତର ରୂପରେଖ ବଦଳି ଯାଇଛି। ପୂର୍ବରୁ ଥିବା ମାଓବାଦୀଙ୍କ ଦବ୍‌ଦବା ଏବେ ଏଠାରେ ନାହିଁ। ନିଜ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ସିଧା ପ୍ରଶାସନ ନିକଟରେ ପହଞ୍ଚି ପାରୁଛନ୍ତି। ସେତୁର ଲୋକାର୍ପଣ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଞ୍ଚଳର ଉନ୍ନତି ପାଇଁ ୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିବାରୁ ପ୍ରଶାସନ ମଧ୍ୟ ତାହାକୁ ବେଶ୍ ଗୁରୁତ୍ୱ ଦେଉଛି। କିନ୍ତୁ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଦିଦାଇ ଜନଜାତିଙ୍କ ଉନ୍ନତି ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ସେମାନଙ୍କୁ ପ୍ରଦାନ କରା ନ ଯାଇ ମାସ ମାସ ଧରି ସ୍ୱିଲ୍‌ଓ୍ୱେ ଘାଟସ୍ଥିତ ଏକ ଗୃହରେ ପକାଇ ନଷ୍ଟ କରାଯିବା ବୁଦ୍ଧିଜୀବୀମହଲକୁ ଚକିତ କରିଛି।

ପ୍ରକାଶ ଯେ, ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଗତ ଫେବୃୟାରୀ ୨୮ରେ ଜନ୍ତାପାଇଠାରେ ଏକ ଜନ ସମାବେଶର ଆୟୋଜନ କରିବା ସହ ସରକାରଙ୍କ ସମସ୍ତ ବିଭାଗର ଅଧିକାରୀଙ୍କୁ ସେଥିରେ ସାମିଲ କରିଥିଲେ। ପ୍ରତ୍ୟେକ ବିଭାଗ ସ୍ୱାଭିମାନ ଅଞ୍ଚଳ ପାଇଁ କ'ଣ କରିଛନ୍ତି, ଆଗାମୀ ଦିନରେ କ'ଣ କରିବେ ସେ ସମ୍ପର୍କରେ ଲୋକଙ୍କୁ ସୂଚନା ଦେବା ସହିତ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ଏକ ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ଅଞ୍ଚଳବାସୀଙ୍କ ବିଭନ୍ନ ଅଭିଯୋଗ ମଧ୍ୟରୁ ଅନେକର ସମାଧାନ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲାର ଜନଜାତି ଦିଦାଇ ସମ୍ପ୍ରଦାୟର ଲୋକଙ୍କ ଉନ୍ନତି ପାଇଁ କୃଷି ଯନ୍ତ୍ରପାତି, ବିହନ ଏବଂ ଅନ୍ୟାନ୍ୟ ସାମଗ୍ରୀର ଏକ ଷ୍ଟଲ୍ ଖୋଲାଯାଇ ପ୍ରଦର୍ଶନ ସହ ବଣ୍ଟନ କରାଯାଇଥିଲା। ଦିଦାଇ ପ୍ରକଳ୍ପ ପରିଚାଳକଙ୍କ ଉପସ୍ଥିତରେ ୬୧୬ ବସ୍ତା ହଳଦୀ ବିହନ ମଧ୍ୟରୁ ୫୯୫ ବସ୍ତା ବିତରଣ କରାଯାଇଥିଲା। ମାତ୍ର ଏରାପଦର ଗ୍ରାମବାସୀଙ୍କ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କାର ଲାଇଫ୍ ଜ୍ୟାକେଟ, ୨ଟି ପାୱାର ଟିଲର, ୨ଟି ପମ୍ପସେଟ୍ ଏବଂ ହଳଦୀ ବିହନ ଆଦି ପ୍ରାୟ ୧୫ ଲକ୍ଷ ଟଙ୍କାର ସାମଗ୍ରୀକୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିତରଣ କରି ନ ଥିଲେ। ସେସବୁ ସାମଗ୍ରୀ ଚିତ୍ରକୋଣ୍ଡା ସ୍ୱିଲ୍‌ଓ୍ୱେ ଘାଟକୁ ଲାଗି ରହିଥିବା ଏକ ଘର ଅଗଣାରେ ରଖାଯାଇଥିଲା। ବର୍ତ୍ତମାନ ମଧ୍ୟ ତାହା ସେଠାରେ ପଡିରହି ନଷ୍ଟ ହେଉଛି। ହଳଦୀ ବିହନଗୁଡିକ ଗଜାହୋଇ ବସ୍ତା ଉପରକୁ ବାହାରିପଡ଼ିଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଦିଦାଇ ସଂସ୍ଥା ଦାୟିତ୍ୱରେ ଥିବା ଖଇରପୁଟ ବିଡିଓ ହୃଦୟ ରଞ୍ଜନ ସାହୁ କହିଛନ୍ତି, ଉକ୍ତ ସାମଗ୍ରୀଗୁଡ଼ିକୁ ସେ ଗ୍ରାମ କମିଟିକୁ ହସ୍ତାନ୍ତର କରିବାକୁ କହିଥିଲେ। ଦିଦାଇ ପ୍ରକଳ୍ପ ପରିଚାଳକ କାହିଁକି ତାହା ଦେଇନାହାନ୍ତି ସେ ସମ୍ପର୍କରେ ଆଲୋଚନା କରାଯିବ। ଦିଦାଇ ପ୍ରକଳ୍ପ ପରିଚାଳକ ଶିବ ପାତ୍ର କହିଛନ୍ତି, ଲକ୍‌ଡାଉନ ଯୋଗୁ ସେହିସବୁ ଅଞ୍ଚଳକୁ ଜଳପଥରେ ଡଙ୍ଗା ଯାତାୟାତ ବନ୍ଦ ରହିଥିଲା। ଫଳରେ ଉପରୋକ୍ତ ସାମଗ୍ରୀ ପଠାଯାଇପାରି ନାହିଁ। ଏବେ ଡଙ୍ଗା ମାଧ୍ୟମରେ ସାମଗ୍ରୀ ସବୁ ପଠାଯାଇ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯିବାର ବ୍ୟବସ୍ଥା କରାଯାଉଛି ବୋଲି ପ୍ରକଳ୍ପ ପରିଚାଳକ ପାତ୍ର ପ୍ରକାଶ କରିଛନ୍ତି।



ଗୃହ ବାହାରେ ରଖାଯାଇଥିବା ସାମଗ୍ରୀ ନଷ୍ଟ ହେଉଛି।

# ଆୟୁଷ ନିର୍ଦ୍ଦେଶକ ଗିରଫ, ଜେଲ ଗଲେ

**ଭୁବନେଶ୍ୱର,୯।୭ (ବ୍ୟୁରୋ)**

**ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ମେସେଜ, ଭିଡିଓ ପଠାଇବା ମାମଲା**

ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଭିଡିଓ ଓ ମେସେଜ ପଠାଇବା ସହ ଚାକିରି ନେଇଯିବାକୁ ଧମକ ଦେବା ଜଣେ ଓଏଏସ୍ ଅଫିସରଙ୍କୁ ମହଙ୍ଗା ପଡିଛି। ମହିଳା ଥାନା ପୋଲିସ ଗୁରୁବାର ତାଙ୍କୁ ଗିରଫ କରିଛି। ସେ ହେଲେ ଆୟୁଷ ନିର୍ଦ୍ଦେଶକ ବିଭୂପ୍ରସାଦ ଷଡ଼ଙ୍ଗୀ। ଆଇପିସି ଦଫା ୩୫୪(ଡି), ୨୯୪, ୫୦୬, ୫୦୭, ୫୦୯ ଓ ଆଇଟି ଆକ୍ଟ ୬୭ ଓ ୬୭(ଏ)ରେ ମାମଲା (ନଂ.୩୪/୨୦) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଭୂପ୍ରସାଦଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ଥାନାରେ ହାଜର ହୋଇ ବୟାନ ଦେବାକୁ ବିଭୂପ୍ରସାଦଙ୍କୁ ନୋଟିସ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସେ ହାଜର ହେବା ପରେ ପୋଲିସ ତାଙ୍କୁ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲା। ହେଲେ ପ୍ରତିଟି ପ୍ରଶ୍ନର ଉତ୍ତର ସେ ଅତି ଚତୁରତାର ସହ ଦେବା ସହ ଅଭିଯୋଗକୁ ଖଣ୍ଡନ କରିଥିଲେ। ଶେଷରେ ଆବଶ୍ୟକ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ବନୀତା ମହାରଣା କହିଥିଲେ। ପରେ ତାଙ୍କୁ ଡାକ୍ତରୀ ମାଇନା କରାଯିବା ସହ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ କୋର୍ଟ ଚାଲାଣ ସମୟରେ ବିଭୂପ୍ରସାଦ ଗଣମାଧ୍ୟମରେ ନିଜର ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କୁ ମିଛ ମାମଲାରେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଫସାଇ ଦେଇଛନ୍ତି। ସେପଟେ ଆୟୁଷ ନିର୍ଦ୍ଦେଶକ ବିଭୂପ୍ରସାଦ ମଧ୍ୟ କ୍ୟାପିଟାଲ ଥାନାରେ ଯେଉଁ ଅଭିଯୋଗ କରିଥିଲେ ତାହାର ତଦନ୍ତ ଚାଲିଛି।


**ଇ-ନିଲାମ**

(ଇନ୍‌ସଲଭେନ୍ସି ଓ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୱିଡେଶନ୍ ପ୍ରୋସେସ୍) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୩ ଓ ସିଡ୍ୟୁଲ୍ । (୧) ଅଧୀନରେ)

ମାନ୍ୟବର ଏନ୍‌ସିଏଲ୍‌ଟି ଚେନ୍ନାଇଙ୍କ ତା୨୯।୦୫।୨୦୨୦ରିଖର ଆଦେଶ ଦ୍ୱାରା ନିଯୁକ୍ତ ପରିସମାପନକାରୀଙ୍କ ଦଖଲରେ ଥିବା ସିଡିର ପରିସମାପନ ଇଷ୍ଟେଟ୍‌ର ଅଂଶରେ ପରିଣତ ମେସର୍ସ ଜୟପୁର ସୁଗାର କମ୍ପାନୀ ଲିଃ (ପରିସମାପନରେ)ର ସ୍କ୍ରାପ୍ ବିକ୍ରୟ

(ସ୍କ୍ରାପର ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ଜରିଆରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କରାଯିବ)

| ସାମଗ୍ରୀର ବର୍ଣ୍ଣନା | ଅମାନତ ରାଶିର ଅପସେଟ୍ ମୂଲ୍ୟ (ଆନୁମାନିକ) | ନିଲାମର ତାରିଖ ଓ ସମୟ | ସାମଗ୍ରୀର ଅବସ୍ଥିତି |
|---|---|---|---|
| ୧. ୟୁକାଲିପଟାସ୍ ଗଛ (ଆନୁମାନିକ ୫୯୦ ଟନ) | ୧୫.୫୦ ଲକ୍ଷ | ୨୪।୦୭।୨୦୨୦ ଅପରାହ୍ନ ୩ ଘଟିକାରୁ ୫ ଘଟିକା (ପ୍ରତ୍ୟେକ ୫ ମିନିଟ୍‌ର ଅସୀମିତ ସମ୍ପ୍ରସାରଣ ସହିତ) | ମେସର୍ସ ଜୟପୁର ସୁଗାର କମ୍ପାନୀ ଲିଃ ରାୟଗଡ଼ା, ଓଡ଼ିଶା ଏବଂ ଛଗାଲ୍ଲୁ, ଆନ୍ଧ୍ରପ୍ରଦେଶ |
| ୨. ଆଇରନ ସ୍କ୍ରାପ୍ (ଆନୁମାନିକ ୧୦୦ ଟନ) | ୧୫.୦୦ ଲକ୍ଷ | | |
| ୩. ବାୟେ କମ୍ପୋଷ୍ଟ (ଆନୁମାନିକ ୨୦୦୦ ଟନ) | ୫୦.୦୦ ଲକ୍ଷ | | |
| ୪. ଆଇରନ ସ୍କ୍ରାପ୍ (ଆନୁମାନିକ ୯୦ ଟନ) | ୧୪.୦୪ ଲକ୍ଷ | | |
| ୫. ଚାରିଚକିଆ (୨୩ ଗୋଟି) | ୨୧.୦୦ ଲକ୍ଷ | | |
| ୬. ଦୁଇଚକିଆ (୨୩ ଗୋଟି | ୪.୦୦ ଲକ୍ଷ (ଇଏମ୍‌ଡି- ଅପସେଟ୍ ମୂଲ୍ୟର ୧୦%) | | |

ଅଧିକ ବିବରଣୀ ପାଇଁ ଟେଣ୍ଡର ଟାଇଗରର ନିମ୍ନପ୍ରଦତ୍ତ ଲିଙ୍କ୍‌ରେ ଅପ୍‌ଲୋଡ୍ ହୋଇଥିବା ପ୍ରକ୍ରିୟା ସ୍ମାରକପତ୍ର ଦେଖନ୍ତୁ: https://ncltauction.auctiontiger.net

ସ୍ଥାନ: ଚେନ୍ନାଇ
ତାରିଖ: ୦୯।୦୭।୨୦୨୦

ଯୋଗାଯୋଗ
ଭି. ଭେଙ୍କଟ ଶିବକୁମାର
ମେସର୍ସ ଜୟପୁର ସୁଗାର କମ୍ପାନୀ ଲିଃର ପରିସମାପକ
୧୦/୧୧, ଡା. ସୁବାରାୟାନ ନଗର ମେନ୍ ରୋଡ୍, କୋଦୟକମ୍, ଚେନ୍ନାଇ-୬୦୦୦୨୪
ଫୋନ୍ ନଂ.: ୦୪୪-୨୪୮୩ ୭୭୭୭, ମୋ: ୯୪୪୪୭୮୫୫୦୦
ଇମେଲ୍: arunasri.siva@gmail.com; jscliquidation@gmail.com


# ଆୟୋଜନ ହେବ ଚଳଚ୍ଚିତ୍ର ମହୋତ୍ସବ

**ଭୁବନେଶ୍ୱର,୯।୭(ବ୍ୟୁରୋ):** ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଆୟୋଜନକୁ ନେଇ ରହିଥିବା ଦ୍ୱନ୍ଦ୍ୱର ଅନ୍ତଘଟିଛି। କୋଭିଡ୍ ସ୍ଥିତି ଠିକ୍ ହେବାପରେ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଥର କେବଳ ପୁରସ୍କାର ପ୍ରଦାନ କରାଯିବନି, ଏହାସହ ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମେଗା ଚଳଚ୍ଚିତ୍ର ମହୋତ୍ସବର ଆୟୋଜନ କରାଯିବ। ରାଜ୍ୟ ଓ ବାହାରୁ ଉତ୍କୃଷ୍ଟ ଫିଲ୍ମ ସ୍କ୍ରିନିଂ ସହ ଓଡ଼ିଆ ଫିଲ୍ମର ପ୍ରଚାର ପ୍ରସାରକୁ ପ୍ରାଧାନ୍ୟ ଦିଆଯିବ। ବାହାରୁ ଆସୁଥିବା ପ୍ରତିନିଧି, ଫିଲ୍ମ ନିର୍ମାତା, କଳାକାରମାନେ ଯେପରି ଓଡ଼ିଆ ଫିଲ୍ମ ସମ୍ପର୍କରେ ଅଧିକ ଜାଣିପାରିବେ ଏବଂ ଏଠାରେ ରହିଥିବା ସୁଯୋଗ ସମ୍ପର୍କରେ ଅବଗତ ହୋଇପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ମିଳିତ ଭାବେ ଏହି ମହୋତ୍ସବକୁ ଆୟୋଜନ କରିବେ। କୋଭିଡ ପରବର୍ତ୍ତୀ ସମୟରେ ରାଜ୍ୟରେ କିଭଳି ଏହାର ସଫଳ ଆୟୋଜନ କରାଯିବ ସେନେଇ ବୁଧବାର ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଳ୍ପମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଭାଗ ବିଶାଲ ଦେବ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଅଧ୍ୟକ୍ଷ କୁନା ତ୍ରିପାଠୀ, ପରିଚାଳନା ନିର୍ଦ୍ଦେଶକ ନୀତିନ୍ ଭାନୁଦାସ ଜାୱଲେ ଏବଂ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କରୋନା କଟକଣା ଯୋଗୁ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏହି ଶିଳ୍ପ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି। ତେବେ କିପରି ଏଥିରେ ସୁଧାର ଅଣାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ରହିଥିବା ଅସୀମ ବିଭବ ଓ ପ୍ରାକୃତିକ ଶୋଭା ସମ୍ପର୍କରେ ବହୁ ଚଳଚ୍ଚିତ୍ର ନିର୍ମାତାଙ୍କୁ ଜଣାନାହିଁ। ଓଡ଼ିଶା ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ସର୍ବୋତ୍କୃଷ୍ଟସ୍ଥଳୀ ହୋଇ ପାରିବ ବୋଲି ଓଏଫ୍‌ଡିସି ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ।


**ଓଡ଼ିଶା ଲଳିତ କଳା ଏକାଡେମୀ**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)
ସଂସ୍କୃତି ଭବନ, ଭୁବନେଶ୍ୱର- ୭୫୧୦୧୪
ଦୂରଭାଷ ନଂ-୦୬୭୪-୨୪୩୧୬୧୨, ୨୪୩୧୬୧୧

**୩୯ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର**

ଆସନ୍ତା ୨୦୨୦ -୨୧ ମସିହା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ରକଳା / ମୁଦ୍ରଣକଳା / ଭାସ୍କର୍ଯ୍ୟ / ପାରମ୍ପରିକ ଚିତ୍ରର ପ୍ରଦର୍ଶନୀ ଆୟୋଜନ କରାଯିବ । ଉକ୍ତ ବିଭାଗ ଗୁଡିକରେ ଶ୍ରେଷ୍ଠ କୃତି ପାଇଁ ସର୍ବମୋଟ୍ ୮ଗୋଟି ପୁରସ୍କାର କୃତି ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ । ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା, ମାନପତ୍ର ଓ ଟ୍ରଫି ସହିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବ । ଆଗ୍ରହୀ ଶିଳ୍ପୀମାନେ ନିୟମାବଳୀ ଓ ଫର୍ମ ଏକାଡେମୀ website:www.odishalalitkalaakademi.org ରୁ ଡାଉନ୍‌ଲୋଡ କରି ପାରିବେ ।

ଅଂଶ ଗ୍ରହଣକାରୀ ଶିଳ୍ପୀମାନେ ନିଜର ଦୁଇଟି ରଂଗୀନ ପାସ୍ ପୋର୍ଟ ଫଟୋ, ନିଜର କଳା କୃତିର ସର୍ବାଧିକ ୨ ଗୋଟି ୭"X୫" ଆକାରର ରଙ୍ଗୀନ ଫଟୋ ଓ ପ୍ରବେଶିକା ଦେୟ ୨୦୦ ଟଙ୍କାର ବ୍ୟାଙ୍କ ଡ୍ରାଫ୍‌ଟ୍ ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟକୁ ତା. ୨୦.୦୮.୨୦୨୦ ରିଖରୁ ତା. ୩୧.୦୮.୨୦୨୦ରିଖ ମଧ୍ୟରେ ପ୍ରେରଣ କରିପାରିବେ ।

ଗଜେନ୍ଦ୍ର ପ୍ରସାଦ ସାହୁ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ



ଆପଣ ବୈଜ୍ଞାନିକ ପଦ୍ଧତି ଦ୍ୱାରା
**ମଧୁରଜଳ ମାଛ ଚାଷ**
ଶିଖିବାକୁ ଚାହୁଁଛନ୍ତି କି ?
ଯୋଗାଯୋଗ କରନ୍ତୁ :
ask.cifa@icar.gov.in 7790007797
ଭା.କୃ.ଅନୁ.ପ -
କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା CIFA
କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା
Follow us on www.facebook.com/icarcifa



THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
LIVE 24 X 7 NEWS
NEPAL 1 TV ALSO
Lucky Yantra In Every 15 Minutes
Check Your Lucky Yantra on 24 X 7 NEWS

| DTH Platform | Channel No. |
|---|---|
| AIRTEL | 362 |
| DD DIRECT | 102 |
| DEN | 316 |
| HATHW@Y | 210 |
| VIDEOCON | 335 |
| GTPL | 250 |
| F W | 193 |
| SITI | 372 |
| JIO TV | |
| ADARSH CABLE | 432 |

| 09.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 00 | 63 | 14 | 32 |
| 09.00 | 73 | 73 | 65 | 85 |
| 09.30 | 99 | 24 | 99 | 87 |
| 10.00 | 08 | 97 | 13 | 34 |
| 10.30 | 80 | 74 | 93 | 04 |
| 11.00 | 14 | 60 | 36 | 63 |
| 11.30 | 30 | 93 | 34 | 40 |
| 12.00 | 94 | 52 | 66 | 27 |
| 12.30 | 60 | 51 | 10 | 40 |
| 01.00 | 59 | 27 | 37 | 17 |
| 01.30 | 30 | 54 | 84 | 90 |
| 02.00 | 96 | 54 | 42 | 13 |
| 02.30 | 71 | 71 | 70 | 62 |
| 03.00 | 07 | 91 | 82 | 15 |
| 03.30 | 27 | 69 | 29 | 90 |
| 04.00 | 93 | 01 | 74 | 88 |
| 04.30 | 99 | 90 | 62 | 06 |
| 05.00 | 30 | 68 | 13 | 68 |
| 05.30 | 26 | 71 | 24 | 35 |
| 06.00 | 99 | 39 | 97 | 54 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website : navratnayantracoupon.com goldennavratnacoupon.com



सेन्ट्रल इंस्टीट्यूट ऑफ पेट्रोकेमिकल्स इंजीनियरिंग एण्ड टेक्नोलॉजी : सिपेट : आईपिटी
**Central Institute of Petrochemicals Engineering & Technology : CIPET: IPT**
Department of Chemicals & Petrochemicals, Minsitry of Chemicals & Fertilizers, Govt. of India
B-25, C.N.I Complex, Patia, Bhubaneswar - 751024, Odisha
Email Id: cipetbbsr@gmail.com, Website: www.cipet.gov.in

**ADMISSIONS - 2020**

**CIPET: IPT Bhubaneswar,** a premier national institution under the Deptt. of Chem. & Petrochem., Min. of Chem. & Fertilizers, Govt. of India, announces Admission Notice for the following UG & PG programs in Engineering and Science for the Academic Session 2020-21.

| PROGRAM | QUALIFICATION | DURATION |
|---|---|---|
| Int. M. Sc. (Mat. Sc. & Engg.) with an option to exit after 3 years B. Sc. | 12th pass with Mathematics, Physics, Chemistry, Aggregate min. 45% marks | 5 Years |
| B.Tech (Plastic Engg.)<br>B.Tech (Manf. Engg. & Tech.) | 12th pass with Mathematics, Physics, Chemistry, Aggregate min. 45% marks | 4 Years |
| B.Tech (Plastic Engg.) : Lateral Entry<br>B.Tech (Manf. Engg. & Tech.) : Lateral Entry | Diploma in Plastics Tech./ Plastic Mould Tech./Mech. / Chemical/ Production/ Automobile/Electrical/ Electrical & Electronics Engg. (or) B.Sc with minimum 45% marks | 3 Years |
| M. Tech. (Plastics Engineering)<br>M. Tech. (Polymer Nanotechnology) | B.Tech in Plastics Engg./Tech./ Mech. Engg./ Production/Polymer/ Chemical/ Manf./ Metallurgical/Mat. Sc./ Rubber & Plastics Tech./ (or) M. Sc. in Pol. Sc./ Pol. Chem./Polymer Phys./ Biopolymer Sc./ Chemistry/ Applied Chem. | 2 Years |
| M. Sc. (Polymer Science) | B. Sc. with Chem./ Industrial Chem./ Polymer Sc./ Bio-Polymer Sc./Applied Chem./ Industrial Polymer Chem. Any B. Sc. degree with Chem. as on of the subjects. | 2 Years |

Apply through Online :
* https://www.cipet.gov.in/centres/cipet-bhubaneswar/ug_pg_advt.php
Scan QR to apply ONLINE
Last Date of Online Application: 31st July 2020
Date of Examination : 01st August 2020
EXCELLENT PLACEMENT TRACK RECORD
Contact: 7566177001, 9437496911, 9436462489, 9556188871, 9102698992, Whatsapp: 8144919801

ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା । କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ- ତେବେ ତାହା ଆଦୌ ଭଲ କଥା ନୁହେଁ । କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ । ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ । –ଶ୍ରୀଅରବିନ୍ଦ

# ସାମାଜିକ ବନ୍ଧକ

ରାଜ୍ୟର ଭୂମିହୀନ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଏକ ଋଣ ଯୋଜନା ଆରମ୍ଭ କରିଛନ୍ତି । କାଳିଆ ବା ଜଗନ୍ନାଥଙ୍କ ବଡ଼ଭାଇ ବଳରାମଙ୍କ ନାମରେ ନାମିତ ଏହି ଯୋଜନା କାଳିଆ ପରି ଏକ ଅନୁରୂପ ଯୋଜନା ବୋଲି କୁହାଯାଉଛି । ଉପରୁ ଉପରୁ ଦେଖିଲେ ତ ଯୋଜନାଟି ଅତ୍ୟନ୍ତ ଉପାଦେୟ ଭଳି ଜଣାପଡୁଛି । କାରଣ ଏହି ସମସ୍ତ ନଗଦ ଋଣ ବନ୍ଧକମୁକ୍ତ ରହିବ । ମିଳିତ ଦାୟିତ୍ୱ ଗୋଷ୍ଠୀ (ଜେଏଲ୍‌ଜି) ନାମକ ପାଞ୍ଚ ସଦସ୍ୟ ବିଶିଷ୍ଟ ଗୋଷ୍ଠୀକୁ ଋଣ ପ୍ରଦାନ କରାଯିବ, ଯେଉଁମାନେ ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ଋଣ ପାଇଁ 'ସାମାଜିକ ବନ୍ଧକ' ଭାବରେ କାର୍ଯ୍ୟ କରିବେ । ଯଦି ସେମାନଙ୍କର ସହ-ସଦସ୍ୟମାନଙ୍କ ମଧ୍ୟରୁ କେହି ଜଣେ ଋଣ ପରିଶୋଧରେ ଖିଲାପ କରନ୍ତି, ତେବେ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ଉତ୍ତରଦାୟୀ ରହିବେ । ରାଜ୍ୟରେ କାର୍ଯ୍ୟ କରୁଥିବା ଶାଖା ସଂଖ୍ୟାକୁ ଆଧାର କରି ପ୍ରତ୍ୟେକ ବ୍ୟାଙ୍କକୁ ଏକ ଋଣପ୍ରଦାନ ଲକ୍ଷ୍ୟ ଦିଆଯାଇଛି । ପ୍ରତ୍ୟେକ ଋଣଦାତା ବ୍ୟାଙ୍କ ଗୋଟିଏ ବର୍ଷରେ ଅତି କମ୍‌ରେ ୧୦ଟି ଜେଏଲ୍‌ଜିକୁ ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଦୁଇବର୍ଷ ମଧ୍ୟରେ ଏହି ଯୋଜନାରେ ୭ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ସରକାର ଚିହ୍ନଟ କରିଛନ୍ତି । ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ଋଣ ସମବାୟ ସମିତି (ପିଏସି)ଗୁଡ଼ିକୁ କୃଷକମାନଙ୍କୁ ଋଣ ପ୍ରଦାନ କରିବାକୁ କୁହାଯାଇଛି । ଓଡିଶାରେ ୭୦୦୦ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଅଛି ଏବଂ ପ୍ରତ୍ୟେକ ବ୍ୟାଙ୍କିଙ୍ଗ୍ ୟୁନିଟ୍ ୧୦ଟି ଜେଏଲ୍‌ଜିକୁ ଅର୍ଥ ପ୍ରଦାନ କରିବେ । ପ୍ରତ୍ୟେକ ଜେଏଲ୍‌ଜିର ପାଞ୍ଚଜଣ ସଦସ୍ୟ ରହିବେ ଏବଂ ସେମାନେ ପ୍ରତ୍ୟେକେ ୧.୬ ଲକ୍ଷ ଟଙ୍କା ପାଇବେ । ଦୁଇବର୍ଷ ମଧ୍ୟରେ ୧.୪୦ ଲକ୍ଷ ଜେଏଲ୍‌ଜି ମାଧ୍ୟମରେ ପ୍ରାୟ ସାତ ଲକ୍ଷ ଭୂମିହୀନ କୃଷକଙ୍କୁ ଉପକୃତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ୧୦୪୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ରାଜ୍ୟରେ ଏହି ଯୋଜନାକୁ ବୀମା ଗ୍ୟାରେଣ୍ଟି ପ୍ରଦାନ କରିବ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଫ୍ ଏଗ୍ରିକଲ୍‌ଚରାଲ ଏକ୍ସଟେନ୍‌ଶନ (ଇମେଜ୍) ଏବଂ ଏଗ୍ରିକଲ୍‌ଚରାଲ ଟେକ୍ନୋଲୋଜି ମ୍ୟାନେଜ୍‌ମେଣ୍ଟ ଏଜେନ୍ସି (ଆତ୍ମା) ଯଥାକ୍ରମେ ରାଜ୍ୟ ଓ ଜିଲା ସ୍ତରରେ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ । କାଳିଆଠାରୁ ବଳରାମ ଭିନ୍ନ, କାରଣ ପ୍ରଥମଟି ଫସଲ ଋଣ ହୋଇଥିବାବେଳେ ପରବର୍ତ୍ତୀଟି ହେଉଛି କେବଳ ମାଗଣା ଅର୍ଥ ବଣ୍ଟନ । କାଳିଆ ଜମି ଥିବା ଲୋକଙ୍କୁ ଉପକୃତ କରିଥିବାବେଳେ, ବଳରାମ ଭୂମିହୀନ ଚାଷୀଙ୍କୁ ଉପକୃତ କରିବାର ଲକ୍ଷ୍ୟ ରଖାଯାଇଛି, ଯେଉଁମାନେ ପୂର୍ବ ଯୋଜନାରେ କୃଷି ଋଣ ପାଇପାରି ନ ଥିଲେ । କ୍ଷେତ୍ର ସ୍ତରରେ ଏହାର ସୁଷ୍ଠୁ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଲ୍‌ଡବ୍ଲ୍ୟୁଏସ୍)ମାନଙ୍କୁ ଏଥିରେ ସଂଶ୍ଳିଷ୍ଟ କରିଛନ୍ତି । ଏଥିସହ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସରକାର ଏକ ପ୍ରୋତ୍ସାହନ ବ୍ୟବସ୍ଥା ରଖିଛନ୍ତି ।

## ଆଜିର ଅର୍ଥନୀତି

ଏକ ଭଲ ସମୟରେ ଯୋଜନାଟି ଆସିଛି । ବର୍ତ୍ତମାନ କୋଭିଡ୍-୧୯ ହେତୁ ଗ୍ରାମଗୁଡ଼ିକରେ କୃଷି ଶ୍ରମିକମାନେ ଢେର୍ ସମସ୍ୟା ଭିତରେ ଅଛନ୍ତି । ଗ୍ରାମଗୁଡ଼ିକୁ ପ୍ରବାସୀ ଶ୍ରମିକ ବହୁ ସଂଖ୍ୟାରେ ଆସିବା ଯୋଗୁ ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କ ଘନତା ବୃଦ୍ଧି ପାଇଛି । ସେମାନଙ୍କୁ ଯାହା ଦରକାର ତାହା ହେଉଛି ଶସ୍ତା ଋଣର ଉପଲବ୍ଧତା । ଯଦି ସରକାର ଏହି ଶ୍ରମିକମାନଙ୍କୁ ସେମାନଙ୍କର ଦକ୍ଷତା ଓ ଅଭିଜ୍ଞତା ଉପରେ ଆଧାର କରି କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କରିବା ପାଇଁ ଏହି ଟଙ୍କା ଦିଅନ୍ତେ ତେବେ ତାହା ସେମାନଙ୍କୁ ସାହାଯ୍ୟ କରନ୍ତା । ବ୍ୟାଙ୍କଗୁଡ଼ିକ ପାଇଁ କୃଷି ଏକ ପ୍ରାଥମିକ ଋଣ ପ୍ରଦାନ କ୍ଷେତ୍ର ଏବଂ ବଳରାମ ବ୍ୟାଙ୍କଗୁଡ଼ିକୁ ଏହି ପ୍ରାଥମିକ କ୍ଷେତ୍ରକୁ ଋଣପ୍ରଦାନ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ । ତେବେ ଏହା ଏକ ସାଧାରଣ ଜ୍ଞାନ ଯେ, ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଭୂମିହୀନ ଚାଷୀଙ୍କ କଥା ଦୂରେ ଥାଉ, ଚାଷୀମାନଙ୍କୁ ହିଁ ଋଣ ଦେବାକୁ ଆଗ୍ରହ ଦେଖାନ୍ତି ନାହିଁ । ସେଥିପାଇଁ ଏହି ଯୋଜନାର ସଫଳତା ଉପରେ ସନ୍ଦେହ ଅଛି । ଏହି ସାମାଜିକ ବନ୍ଧକ ପ୍ରଣାଳୀ କିପରି ତଳସ୍ତରରେ କାର୍ଯ୍ୟ କରିବ ସେ ନେଇ ସରକାର ଅଧିକ ସ୍ପଷ୍ଟୀକରଣ ନ ଦେଲେ ବ୍ୟାଙ୍କଗୁଡ଼ିକ ଋଣପ୍ରଦାନ କରିବାକୁ ବିଶେଷ ଆଗ୍ରହୀ ନ ହୋଇପାରନ୍ତି । ଯଦି ସରକାର ଏଭଳି ଋଣ ପାଇଁ ଗ୍ୟାରେଣ୍ଟି ଦେବେ ତେବେ ଭଲ ହେବ । ତା'ହେଲେ ଏହି ଋଣଗୁଡ଼ିକର ପରିଶୋଧ ନେଇ ବ୍ୟାଙ୍କଗୁଡ଼ିକ ନିଶ୍ଚିତ ହୋଇପାରିବେ । ତା' ନ ହେଲେ ବଳରାମ ଯୋଜନା କିପରି କାର୍ଯ୍ୟ କରିବ ତାହା ଏବେଠୁ କହିବା କଷ୍ଟକର । ଯେହେତୁ ବଳରାମ ସାଧାରଣ ଫସଲ ଋଣ, ହିତାଧିକାରୀଙ୍କୁ ଏପରି ଋଣ ଦେବା ପାଇଁ ବ୍ୟାଙ୍କଗୁଡ଼ିକ ନିରନ୍ତର ଫଲୋଅପ୍ ଓ ମନିଟରିଂ କରିବା ଦରକାର । ରାଜ୍ୟ ଏବଂ ଜିଲା ସ୍ତରରେ ଅଧିକାରୀମାନଙ୍କୁ କେବଳ ଦାୟିତ୍ୱ ଦେଲେ ହେବ ନାହିଁ ବରଂ ଯୋଜନାର ସଫଳତା ପାଇଁ ଲକ୍ଷ୍ୟଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯିବା ଆବଶ୍ୟକ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଜୁଲାଇ ୧୯୯୫**

- ପାକିସ୍ତାନସ୍ଥିତ ହାଇଦ୍ରାବାଦ ଓ କରାଚୀର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ।
- ବିଶ୍ୱର ପ୍ରଥମ ଖେଳାଳି ଭାବେ ସର୍ବାଧିକ ୧୪୭ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳି ବିଶ୍ୱରେକର୍ଡର ଅଧିକାରୀ ସୌଦି ଆରବିୟାନ ଫୁଟବଲ ତାରକା ମଜିଦ ଅବଦୁଲ୍ଲା ଏସିଆନ୍ ଫୁଟବଲର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।
- ମାଧୁରୀ ଦୀକ୍ଷିତଙ୍କ ଅଭିନୀତ ଚଳଚ୍ଚିତ୍ର 'ହମ୍ ଆପ୍‌କେ ହୈ କୌନ୍' ଲଣ୍ଡନର ବେଲଭ୍ୟୁ ପ୍ରେକ୍ଷାଳୟ ଓ ଟରଣ୍ଟୋର ଆଲିବିନୋ ପ୍ରେକ୍ଷାଳୟରେ ଦୀର୍ଘ ୫୦ ସପ୍ତାହ ଧରି ଚାଲି ଗୋଲ୍‌ଡେନ୍ ଜୁବୁଲି ସପ୍ତାହ ପାଳନର ଗୌରବ ହାସଲ କରିଛି ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 9 | | | B | | | 5 | | | | | 8 |
| | | | | | 7 | E | 4 | 3 | | 0 | | | 5 | 1 |
| 8 | | | 1 | 3 | B | | | | | | D | | | |
| 4 | | | | | | | | A | | 6 | | | | D |
| | B | | | | 8 | 2 | 9 | 5 | C | A | | | 7 | |
| 5 | | 7 | | | 9 | | A | | | B | | | | |
| | | 6 | | C | | | | | | 3 | | | 2 | B |
| | 2 | | | E | 4 | | | C | | | 6 | | | 3 |
| 9 | | | 2 | | | | | 7 | | | | | | C |
| | E | | 8 | D | A | 9 | | | 0 | | C | | | |
| | 7 | | | 9 | | | | 8 | | | | | 1 | |
| 2 | 0 | 9 | | | E | | 5 | 6 | | 4 | A | | | |
| | A | | 5 | | | | C | 9 | B | 2 | | D | | 0 |
| E | | D | | | 0 | | B | | | | | | | 4 |
| | 8 | | | | 6 | | | 2 | 3 | 1 | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 6 | D | B | C | 7 | 4 | 0 | A | 1 | 5 | 3 | 2 | 9 |
| 3 | 4 | 1 | E | 7 | 5 | A | 2 | 6 | 8 | C | 9 | D | B | 0 |
| A | C | 9 | 2 | 0 | 6 | 3 | 8 | D | 7 | E | B | 1 | 4 | 5 |
| 7 | B | D | 8 | 9 | 4 | 5 | E | 1 | 0 | 3 | 2 | A | 6 | C |
| 5 | 0 | 2 | A | 1 | 3 | B | C | 9 | 6 | D | 4 | 8 | 7 | E |
| 0 | 6 | E | 4 | D | B | 8 | A | 5 | 1 | 7 | 3 | 9 | C | 2 |
| 8 | 5 | C | 7 | A | E | 9 | 3 | B | 4 | 2 | 6 | 0 | D | 1 |
| 2 | 7 | 3 | 0 | 5 | 1 | C | D | 4 | E | 9 | 8 | 6 | A | B |
| B | 1 | A | 9 | 3 | 8 | 6 | 7 | 2 | C | 0 | D | 5 | E | 4 |
| 9 | D | 4 | C | 6 | 2 | 1 | 0 | E | B | 5 | A | 7 | 8 | 3 |
| 6 | A | 5 | B | 4 | 0 | E | 1 | 7 | 9 | 8 | C | 2 | 3 | D |
| 1 | 3 | 8 | 5 | C | 7 | D | 9 | A | 2 | B | E | 4 | 0 | 6 |
| 4 | 9 | B | 3 | E | D | 2 | 6 | 8 | 5 | A | 0 | C | 1 | 7 |
| D | 2 | 0 | 1 | 8 | 9 | 4 | B | C | 3 | 6 | 7 | E | 5 | A |
| C | E | 7 | 6 | 2 | A | 0 | 5 | 3 | D | 4 | 1 | B | 9 | 8 |

ଗତକାଲିର ଉତ୍ତର

# କଳାହୀରାରେ ସୁଯୋଗ



ସାରଦା ପ୍ରସାଦ କର

କଳାହୀରା ଭାବରେ ଜଣାଶୁଣା କୋଇଲା ଭୂତଳର ଏକ ମୂଲ୍ୟବାନ୍ ସମ୍ପତ୍ତି । ଏହାର ଉତ୍ତୋଳନ, ବିପଣନ ଓ ଶକ୍ତିକ୍ଷେତ୍ରରେ ପ୍ରୟୋଗାତ୍ମକ ବିଦ୍ୟା ଏବେ ପାରମ୍ପରିକତାଠାରୁ ଊର୍ଦ୍ଧ୍ୱକୁ ଯାଇ ଆପଣେଇଛି ଯାନ୍ତ୍ରିକ କୌଶଳ । କେନ୍ଦ୍ର ସରକାରଙ୍କ ଏକକ ମାଲିକାନା ଓ ନିଷ୍ପତ୍ତି ଭିତରେ ଆସୁଥିବା କୋଇଲା ବିଭାଗଟି ନିଜେ ସମୃଦ୍ଧ ହେବା ପରିପ୍ରେକ୍ଷୀରେ ଭୌଗୋଳିକ ସ୍ଥିତି ଭିତରେ ଆସୁଥିବା ରାଜ୍ୟଟି ମଧ୍ୟ ରୟାଲଟି ନେଇ ନିଜେ ସମୃଦ୍ଧ ହେଉଛି । ନିୟମ ଅନୁସାରେ କୋଇଲା ଖଣି ବାଣିଜ୍ୟିକ ଓ ଘରୋଇ ବ୍ୟବହାର ପାଇଁ ଭିନ୍ନ ଭିନ୍ନ ନିଲାମ ପ୍ରକ୍ରିୟାରେ ଅଧିଗ୍ରହଣ ଓ ଉତ୍ତୋଳନ ହୋଇଥାଏ । ଆତ୍ମନିର୍ଭର ଭାରତର ଦୂରଦୃଷ୍ଟି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବାଣିଜ୍ୟିକ ଖଣି ପାଇଁ ୪୧ଟି କୋଇଲା ବ୍ଲକ୍ ନିଲାମ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଏହା କୋଇଲା କ୍ଷେତ୍ରରେ ସୁଯୋଗ ସୃଷ୍ଟି ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ପୂର୍ବାଞ୍ଚଳ କୋଇଲା ସମୃଦ୍ଧ ରାଜ୍ୟଗୁଡ଼ିକରେ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇବା ଆଶା ରଖାଯାଇଛି । ସୂଚନାଯୋଗ୍ୟ, ଭାରତର ସମସ୍ତ ରାଜ୍ୟ ମଧ୍ୟରେ ଅବିଭକ୍ତ ବିହାର ଓ ଓଡ଼ିଶା ଏହି କଳାହୀରା ଉତ୍ପାଦନରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଦଖଲ କରିସାରିଥିଲେ ମଧ୍ୟ ଗରିବୀ ଇଣ୍ଡେକ୍ସରେ ଭାରତର ଶୀର୍ଷ ଦୁଇ ସ୍ଥାନରେ ସଂଘର୍ଷ ଜାରି ରଖିଛନ୍ତି । ବାଣିଜ୍ୟିକ ଖଣି ଭାରତରେ କୋଇଲା ଉତ୍ପାଦନର ଉନ୍ନତି କରିବା ସହ ପୁଞ୍ଜିନିବେଶ ପ୍ରତି ଆକର୍ଷିତ କରିବା ଓ ୨୦୩୦ ସୁଦ୍ଧା ୧୦୦ ମିଲିୟନ ଟନ୍ କୋଇଲା ଗ୍ୟାସିଫିକେଶନ୍ ଲକ୍ଷ୍ୟ ହାସଲ ହେବାର ଯେଉଁ ସରକାରୀ ଦୀର୍ଘସୂତ୍ରୀ ଲକ୍ଷ୍ୟ ରଖାଯାଇଛି, ତାହା 'ଜଳବିହୁନେ ସୃଷ୍ଟିନାଶ' ପରି ଏକ ସମ୍ବେଦନଶୀଳ ତଥା ଅଭାବୀ ସମ୍ଭାବନାକୁ ଆମନ୍ତ୍ରଣ କଲାଣି ବୋଲି ସରକାର ଜାଣିବା ଉଚିତ । ଏବେ ଚାଇନା ୧୦୦୫, ଆମେରିକା ୨୪୬, ଭାରତ ୨୨୯ ଗିଗାୱାଟ୍ ତାପଜ ଶକ୍ତି ଉତ୍ପାଦନ କରିପାରୁଛନ୍ତି । ବାର୍ଷିକ ୨୩୫ ମିଲିୟନ୍ ଟନ୍ ଆମଦାନି କରୁଥିବା କୋଲ୍ ଇଣ୍ଡିଆକୁ କେନ୍ଦ୍ରୀୟ ଶକ୍ତି ଆୟୋଗ (ସିଇଏ) ୪୮ ପ୍ରତିଶତ ତାପଜ ଶକ୍ତି ଅଭାବ ପଡୁଥିବା ଦର୍ଶାଇସାରିଛନ୍ତି ।

ତାପଜ ବିଦ୍ୟୁତ୍ ଶିଳ୍ପରେ ଅତି ଉଚ୍ଚକୋଟୀର କୋଇଲାର ଆବଶ୍ୟକତା ଥିବାବେଳେ ବେଳେବେଳେ ଏଭଳି ମାନଯୁକ୍ତ କୋଇଲା ଉତ୍ପାଦନ ନ ହୋଇପାରି ଶକ୍ତିକ୍ଷେତ୍ରରେ ସଙ୍କଟ ଉପୁଜିଛି । ଏହି ପରିସ୍ଥିତି ଯଦି ଲାଗି ରୁହେ ତେବେ ତାପଜ ବିଦ୍ୟୁତ୍ ପରି ଭାରିଶିଳ୍ପ ପ୍ରଥମେ ବନ୍ଦ ହେବ । କୋଲ୍ ଇଣ୍ଡିଆ ଯାହା ଭାରତ ସରକାରଙ୍କ ତରଫରୁ କୋଇଲାର ସ୍ଥାନ-ମାନ-ଉତ୍ପାଦନ ପାଇଁ ସବୁ ପ୍ରକାର ଦାୟିତ୍ୱ ବହନ କରେ, ତାହା ୨୦୧୩ରୁ କୋଇଲା ସଙ୍କଟ ବିଷୟରେ ସୂଚନା ଦେଇସାରିଛି । ୧୭ବର୍ଷ ବା ତା'ଠାରୁ କମ୍ ସମୟ ମଧ୍ୟରେ କୋଇଲା ସରିଯିବାର ଯେଉଁ ତଥ୍ୟ ଗ୍ଲୋବାଲ୍ କୋଲ୍ ରିସୋର୍ସ ଷ୍ଟାଣ୍ଡାର୍ଡ ସୂଚେଇଥିଲେ ସେଥିରୁ ଆମେ ୭ ବର୍ଷ ଖର୍ଚ୍ଚ କରିସାରିଛୁ । ଆଉ ୧୦ ବର୍ଷ ବା ତା'ଠାରୁ କମ୍ ସମୟ ପାଇଁ କୋଇଲା କ୍ଷେତ୍ରରେ ନିଯୁକ୍ତି କଥାକୁ ଗୋଟିଏ ବଡ଼ ସୁଯୋଗ ଭାବିବା ଅପରିଣାମଦର୍ଶିତାର ପରିଚୟ ଦେଉଛି । ମାତ୍ର ୭୦ ହଜାର ପ୍ରତ୍ୟକ୍ଷ ଓ ୨ଲକ୍ଷ ୧୦ ହଜାର ପରୋକ୍ଷ ନିଯୁକ୍ତି ଅଭିଜ୍ଞତା ପାଇସାରିଥିବା କୋଲ୍ ଇଣ୍ଡିଆ ୨୦୨୫-୨୬ ବେଳକୁ ଆବଶ୍ୟକ ହେଉଥିବା ପ୍ରକୃତ ଶିଳ୍ପ ଚଳାଇବା ମାନଯୁକ୍ତ କୋଇଲାର ମାତ୍ର ୧୫ ପ୍ରତିଶତ ଉତ୍ପାଦନ କରି ଶକ୍ତି ଆଉ ନିଯୁକ୍ତି କ୍ଷେତ୍ରରେ କିଭଳି ପାରଦର୍ଶିତା ଦେଖାଇବେ ? ବେଳ ଥାଉଁ ଚିନ୍ତା ନ କଲେ ସରକାର ଏବେ ଖଣି ଆବଣ୍ଟନ ନାମରେ ନିଲାମ କରିଥିବା ଉଚ୍ଚତାପଜ ଗ୍ରେଡ୍‌ର କୋକିଙ୍ଗ୍ କୋଇଲା ପାଇଁ ଅଷ୍ଟ୍ରେଲିଆ ଦେଶ ଭଳି ଅନ୍ୟର ଦରଜା ବାଡ଼େଇ କହିବେ, 'ଆମ ଦେଶରେ ଭଣ୍ଡାର ଅଭାବରୁ ନଷ୍ଟ ହେଉଥିବା ଚାଉଳ କିଛି ନେଇ ଆମକୁ କୋଇଲା ଦିଅ' । କୁହାଯାଉଛି ବାଣିଜ୍ୟିକ ଖଣି ଭାରତରେ କୋଇଲା ଉପଲବ୍ଧି କରିବା ସହ ପୁଞ୍ଜିନିବେଶ ପ୍ରତି ଆକର୍ଷିତ ଓ କୋଇଲା ଗ୍ୟାସିଫିକେଶନକୁ ମଧ୍ୟ ବଡ଼ ପ୍ରଗତି ଦେବ । ଦେଶର ଖାଦ୍ୟ ସୁରକ୍ଷା ଓ ଉର୍ଜା ସୁରକ୍ଷାର ଉଦ୍ଦେଶ୍ୟଗୁଡ଼ିକ ପୂରଣ କରିବ । ଏମିତି ଅନେକ ଆଶା ରଖି ବାଣିଜ୍ୟିକ କୋଇଲା ଖଣି କ୍ଷେତ୍ରରେ ସବୁଠାରୁ ବଡ଼ ସଂସ୍କାର ଓ ଐତିହାସିକ ପଦକ୍ଷେପ କଥା ଯାହା କୁହାଯାଉଛି ତାହା ତରବରିଆ ଭାବରେ ନ ହୋଇ ଦୀର୍ଘମିଆଦୀ ଓ ସୁଚିନ୍ତିତ ରୂପାୟନ ହେଲେ ୨୦୩୦ ସୁଦ୍ଧା ହାସଲ ହେବାକୁ ଥିବା ଲକ୍ଷ୍ୟ ୨୦୨୫ରୁ ପକ୍ଷାଘାତପୀଡ଼ିତ ହେବନାହିଁ ।

ପୂର୍ବ ଭାରତ ବିଶେଷକରି ଆଦିବାସୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିକୁ ବିକାଶର ପ୍ରମୁଖ ସ୍ତମ୍ଭ ରୂପେ ରୂପାନ୍ତରିତ କରିବା କଥାଟିକୁ ସକାରାତ୍ମକ ଦିଗରୁ ବିଚାରକଲେ ଜାଣିପାରିବା ଏହା ଆଦିବାସୀଙ୍କ କି ପ୍ରକାର ଉନ୍ନତି କରିବ । ପାହାଡ଼, ଜଙ୍ଗଲ ଓ ଖଣି ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କର ଏହା ନିଜସ୍ୱ ପରିବେଶ ଯେହେତୁ ଖଣିରେ ଶ୍ରମିକ କାମଟିଏ ପାଇବା ସରକାରଙ୍କ ଦୟାନୁହେଁ ବରଂ ସରକାରଙ୍କ ପାଇଁ ସହଜ ଶ୍ରମସମ୍ବଳର ଫାଇଦା । ଖଣି ଯୋଗୁ ସରକାର ଯେଉଁ ୨ଲକ୍ଷ ୮୦ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ଢୋଲ ବାଡ଼ଉଛନ୍ତି ସେହି ତଥ୍ୟଟି ଖାତାପତ୍ରରେ ବହୁ ଆଗରୁ ଚଢ଼ିସାରିଛି । ତେବେ ସବୁବର୍ଗର ଫାଇଦା ହେବ କହି ଖଣି ନିଲାମୀ ନାମରେ ପୁଞ୍ଜିପତିମାନଙ୍କ ହାତକୁ ଯେଭଳି ବଡ଼ ବଡ଼ ଖଣି ଟେକିଦିଆଯାଉଛି ତାହା ଫଳରେ 'ଯଥା ପୂର୍ବଂ ତଥା ପରମ୍' ନ୍ୟାୟରେ ହାତଗଣତି କେଇଟା ବର୍ଷରେ ଖାଲି ଖଣି ଥିବ ହେଲେ କୋଇଲା ନ ଥିବ । ବାର୍ଷିକ ୬ଶହ ମିଲିୟନ୍ ଟନ୍ ଉତ୍ତୋଳନ ହିସାବରେ ଗଚ୍ଛିତ ୩୦୧.୫ ବିଲିୟନ୍ ଅର୍ଥାତ୍ ୩୦୧୫୦୦/୬୦୦=୫୦୦ ବର୍ଷର କଥା ସରକାରଙ୍କର ଏକ କଳ୍ପନା ମାତ୍ର । ଆବଶ୍ୟକ କୋଇଲା ଭରଣା କରିବାରେ ଅସହାୟତାରୁ ୨୩୫ ମିଲିୟନ୍ ଟନ୍ ଏମିତି ତ ଏବେଠାରୁ ଆମଦାନି କରି ବି ତାପଜବିଦ୍ୟୁତ୍‌ରେ ସଙ୍କଟ ସୃଷ୍ଟି ହୋଇଛି । ଜୀବାଶ୍ମ ଇନ୍ଧନ ପ୍ରକୃତିର ସୀମିତ ଦାନ ହେତୁ ସରକାର ଏହାର ନିୟନ୍ତ୍ରିତ ଉପଯୋଗ କରିବା ଉଚିତ । ବିଟୁମିନସ୍ ଓ ଆନ୍ଥ୍ରାସାଇଟ୍ ମାନର କୋଇଲା ଅଭାବରୁ ତାପଜ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବା ନିଶ୍ଚିତ । କୋଇଲାକୁ କଳାହୀରାର ମାନ୍ୟତା ଦେଇ ସରକାର ୨୦୫୦ ପର୍ଯ୍ୟନ୍ତ ନିଯୁକ୍ତିର ଏକ ସୁଯୋଗ ସୃଷ୍ଟି କରନ୍ତୁ ।

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ମିଳୁଥିବା କୋଇଲା ମଧ୍ୟରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ କୋଇଲାର ମାନ ସର୍ବାଧିକ । ଦେଶରେ ସମୁଦାୟ ଶକ୍ତି ଉତ୍ପାଦନର ୫୫ ଭାଗ କେବଳ କୋଇଲାରୁ ମିଳୁଥିବାବେଳେ ସମସ୍ତ ୪ଟି ବର୍ଗ- ପିଟ୍, ଲିଗ୍‌ନାଇଟ୍, ବିଟୁମିନସ୍ ଏବଂ ଆନ୍ଥ୍ରାସାଇଟ୍ (ଉଚ୍ଚତାପ ନିଃସରଣକାରୀ) ୯୦ ଭାଗ କୋଇଲା କେବଳ ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରୁ ଆସୁଛି । ସଞ୍ଚିତ ଥିବା ଝାଡ଼ଖଣ୍ଡର ୮୩.୧୫ ବିଲିୟନ୍ ଟନ୍, ଓଡ଼ିଶାର ୭୯.୩୦ ବିଲିୟନ୍ ଟନ୍ ଆଉ ଛତିଶଗଡ଼ର ୫୭ବିଲିୟନ୍ ଟନ୍ କୋଇଲା ଉତ୍ତୋଳନ କଲେ ସରକାର ରୟାଲଟି ପାଇବେ ସିନା କିନ୍ତୁ ଏଯାବତ୍ ଉତ୍ତୋଳନ କରିଥିବା କୋଇଲା ରୟାଲଟିରେ ଉକ୍ତ ରାଜ୍ୟଗୁଡ଼ିକରୁ ଗରିବୀ ତ ହଟିପାରିନାହିଁ ! ଦ୍ୱିତୀୟ ବୃହତ୍ ଉତ୍ପାଦନକାରୀ ଓ ତୃତୀୟ ବୃହତ୍ ଉପଭୋକ୍ତା ଭାବେ ବାସ୍ତବିକ ନିଯୁକ୍ତି, ସ୍ୱାସ୍ଥ୍ୟ ଓ ଖଣି ସୁରକ୍ଷାକୁ ଅଗ୍ରାଧିକାର ଦେବାର ସମୟ ଏବେ ଆସିଛି । ପ୍ରତିବର୍ଷ ଖଣିଧସେଇ ମରୁଥିବା ପାଖାପାଖି ବିଶ୍ୱର ୧୫ହଜାର ଖଣିକର୍ମଚାରୀଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଦାୟିତ୍ୱ ନିଶ୍ଚିତ କରିବା ସରକାରଙ୍କ କାମ । ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ବୀମା ଓ ବ୍ଲାକ୍ ଲଙ୍ଗ୍ (କଳା ଫୁସ୍‌ଫୁସ୍) ରୋଗକୁ ବାହାରିପାରି ନ ଥିବା ଔଷଧ ପାଇଁ ବିକଳ୍ପ ଔଷଧ ବ୍ୟବସ୍ଥା ସରକାର କରିନାହାନ୍ତି । ଚାଇନା, ଆମେରିକା, ଭାରତ ଓ ଜାପାନ ଯଥାକ୍ରମେ କୋଇଲାର ବଡ଼ ଉପଭୋକ୍ତା ରହିଆସିଛନ୍ତି । ଇଣ୍ଡୋନେସିଆ ୫ମ ବୃହତ୍ ଉତ୍ପାଦନକାରୀ ହେଲେ ମଧ୍ୟ ଉପଭୋକ୍ତାରେ ୧୦ ନମ୍ବର । ସେହିପରି ଚାଇନା, ଭାରତ, ଆମେରିକା ଓ ଅଷ୍ଟ୍ରେଲିଆ ଯଥାକ୍ରମେ ବଡ଼ ଉତ୍ପାଦନକାରୀ । କୋକିଙ୍ଗ୍ କୋଲ୍ ଆବଶ୍ୟକତାର ପାଖାପାଖି ୫୦ ମିଲିୟନ୍ ଟନ୍ ଯାହା ସମୁଦାୟ ଆବଶ୍ୟକତାର ୮୫ପ୍ରତିଶତ, ଅଷ୍ଟ୍ରେଲିଆରୁ ଆମଦାନି ହେଉଥିବାବେଳେ ଏବେ ମଙ୍ଗୋଲିଆ ଓ ରୁଷ୍‌କୁ ଚାହିଦା ପୂରଣ ପାଇଁ କଥାବାର୍ତ୍ତା ସରିଛି । ଆଗକୁ ବହୁ ଷ୍ଟିଲ୍ ପ୍ଲାଣ୍ଟ, ଆଇରନ୍ ସ୍ମେଲଟର୍ ପ୍ଲାଣ୍ଟ ପାଇଁ ସରକାର ଚୁକ୍ତିବଦ୍ଧ ଥିବାବେଳେ ତାହା ଆବଶ୍ୟକ କୋକିଙ୍ଗ କୋଲ୍ ବିନା ଅଧାରେ ଝୁଲିବା ସହ ନିଯୁକ୍ତି ସୁଯୋଗକୁ ବାଧା ଆଣିବ । ଏମିତି ତ ସରକାର ୨୦୩୦ ସୁଦ୍ଧା ଷ୍ଟିଲ୍ ଉତ୍ପାଦନରେ ଚାଇନାକୁ କାଟି ପୃଥିବୀରେ ଅଦ୍ୱିତୀୟ ହେବାର ଲକ୍ଷ୍ୟ ରଖିଛନ୍ତି । ଖଣିଗୁଡ଼ିକରେ ବାର୍ଷିକ ରାଜସ୍ୱ ବାବଦରେ ରାଜ୍ୟ ସରକାରଙ୍କୁ ମିଳିବ ୨୦ ହଜାର କୋଟି । ଭାରତ ସରକାର ୨୦୩୦ ସୁଦ୍ଧା ୧୦୦ ମିଲିୟନ୍ ଟନ୍ କୋଇଲା ଗ୍ୟାସିଫିକେଶନ୍ ଲକ୍ଷ୍ୟ ରଖିଥିବାବେଳେ ନିବେଶ କରିବେ ୨୦ ହଜାର କୋଟି । ତେବେ ବିଶ୍ୱବଜାରରୁ ଦୀର୍ଘଅବଧି ଋଣ ଆଣି ଉତ୍ପାଦନ ଓ ଆୟସମୃଦ୍ଧ ହେବା ଅପେକ୍ଷା ନିଲାମୀ ଆୟ ୨୦ ହଜାର କୋଟି ଗୋଟିଏ ଥର ଖର୍ଚ୍ଚ କରି ବାର୍ଷିକ ୨୦ ହଜାର କୋଟିର ଫାଇଦା ଉଠାଇଲେ ବ୍ୟବସାୟିକ ଲାଭ କେତେ ହେଉଛି ଆଉ କାହା ଖାତାକୁ କେତେ ଯାଉଛି ଜଣାପଡ଼ନ୍ତା ।

ପୁରୁଣା ଭୁବନେଶ୍ୱର, ମୋ- ୮୨୪୯୮୨୭୧୪୮

# କିଏ ଉପାସ୍ୟ-ପ୍ରକୃତି ନା ପରମାତ୍ମା



ଶ୍ରୀ ସନ୍ୟାସୀ

ଈଶ୍ୱର ମଣିଷକୁ ମାଗଣାରେ ଜଳ, ପବନ, ଅନୁପମ ନୀଳ ଆକାଶ, ବାସ କରିବା ପାଇଁ ପୃଥିବୀ, ଅନେକ ଗଛଲତା, ଚନ୍ଦ୍ର ଓ ସୂର୍ଯ୍ୟ ଆଦି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ସର୍ବଶକ୍ତିମାନ ଈଶ୍ୱରଙ୍କୁ କେବଳ ଭଜନକୀର୍ତ୍ତନ କରି ଆରାଧନା କଲେ ଯେ ସେ ସନ୍ତୁଷ୍ଟ ହେବେ ତା' ନୁହେଁ, ଅପରନ୍ତୁ ତାଙ୍କଦ୍ୱାରା ସୃଷ୍ଟିର ଉଚିତ ରକ୍ଷଣାବେକ୍ଷଣ କଲେ ହିଁ ସେ ଖୁସି ହେବେ । ଆମେ ପ୍ରକୃତିର ଏ ତତ୍ତ୍ୱକୁ ଆଜି ପର୍ଯ୍ୟନ୍ତ ହୃଦୟଙ୍ଗମ କରିପାରିଲୁ ନାହିଁ । ବଣଜଙ୍ଗଲ ନଷ୍ଟ କଲୁ, ବାୟୁମଣ୍ଡଳକୁ ବିଷାକ୍ତ କଲୁ, ଜଳକୁ ଅବାରିତ ଭାବେ ପ୍ରଦୂଷିତ କଲୁ । ତେଣେ ମଠ, ମନ୍ଦିର ବା ଠାକୁର ଘରେ ଘଣ୍ଟା ଘଣ୍ଟା ଧରି ଘଣ୍ଟି ବଜାଇ କୀର୍ତ୍ତନ କରୁଛୁ । ଚର୍ଚ୍ଚ, ମସଜିଦ୍‌ରେ ମୁଣ୍ଡ ଗଡ଼ାଉଛୁ । ହେଲେ ଫଳ ?

ଏବେ କରୋନା ପରିପ୍ରେକ୍ଷୀରେ ମଠ, ମନ୍ଦିର, ଚର୍ଚ୍ଚ, ଗୁରୁଦ୍ୱାର ଆଉ ମସଜିଦ୍‌କୁ ଯାଇ ଯେଉଁ ସର୍ବଶକ୍ତିମାନଙ୍କ ଆଗରେ ମଣିଷ ନିଜର ଦୁଃଖ ଜଣାଉଥିଲା, ସେ ସ୍ଥାନ ଆଜି ନିର୍ଜନ । ମୁଖ୍ୟ ଫାଟକରେ ପଡ଼ିଛି ତାଲା । ସେଠାରେ ପୂଜିତ ଈଶ୍ୱର ଚୁପ୍ । କାହିଁକି ? ଦିନକୁ ଦିନ ଛତୁ ଫୁଟିବା ଭଳି ପ୍ରତି ଗାଁ ଛକ ଓ ବଜାରମାନଙ୍କରେ ଗଢ଼ି ଉଠୁଥିବା ଉପାସନା ସ୍ଥଳୀ ଏବଂ ସେଠାରେ ଉପାସ୍ୟ ଦେବତା କାହିଁକି ଆଜି ନୀରବ ଆଉ ନିଷ୍ପନ୍ଦ । ଏହାର କାରଣ ଗୋଟିଏ । ଆମେ ପ୍ରକୃତି ପୂଜାକୁ ଛାଡି ଅନ୍ୟ ପୂଜାରେ ମାତିଲେ । ପୂଜା ହେଉ, କିନ୍ତୁ ପ୍ରକୃତିର ଉପାସନାରୁ ମଣିଷ ଦୂରେଇ ନ ଯାଉ । ପ୍ରକୃତି ରହିଲେ ସିନା ମଣିଷ ବଞ୍ଚିବ । ଖାସ୍ ସେଇଥିପାଇଁ ବୈଦିକ ସଭ୍ୟତାର ମଣିଷ ପ୍ରକୃତି ପୂଜା ଉପରେ ଗୁରୁତ୍ୱ ଦେଉଥିଲା । ଜଳକୁ ଆରତି କରାଯାଉଥିଲା, ଭୂମିକୁ ପୂଜା କରାଯାଉଥିଲା, ଚନ୍ଦ୍ର ଆଉ ସୂର୍ଯ୍ୟଙ୍କୁ ନମସ୍କାର କରାଯାଉଥିଲା, ଗଛଲତାଙ୍କୁ ବିଭିନ୍ନ ଦେବଦେବୀଙ୍କ ଆଧାରଶିଳା ମନେକରି ପୂଜା କରାଯାଉଥିଲା । ସୃଷ୍ଟି ଆରମ୍ଭର ମଣିଷ ସାମାନ୍ୟ ଜ୍ଞାନପ୍ରାପ୍ତ ହେବାପରେ ପ୍ରକୃତି ପୂଜାରେ ମଗ୍ନ ରହୁଥିଲା । ବାର ବାର ପ୍ରଣାମ ଜଣାଉଥିଲା ଆକାଶ, ପାଣି, ପବନ, ଚନ୍ଦ୍ର, ସୂର୍ଯ୍ୟ ଆଉ ଗଛଲତାଙ୍କୁ ।

ସମୟ ସହ ତାଳ ଦେଇ ସୃଷ୍ଟି ଆଗେଇ ଚାଲିଲା । କିନ୍ତୁ ପଛରେ ରହିଗଲା ମଣିଷର ଚିନ୍ତା ଆଉ ଚେତନାର କ୍ରମୋନ୍ନତି କ୍ରିୟା । ପ୍ରକୃତିକୁ ଛାଡି ସେ ଧରିଲା ନିଜସ୍ୱ ପରିକଳ୍ପିତ ଦେବତାମାନଙ୍କୁ । ଆରାଧନା କଲା ତଥାକଥିତ କଳ୍ପିତ ଈଶ୍ୱରମାନଙ୍କୁ । ଏଥିରେ ବି କିଛି ଅସୁବିଧା ନ ଥିଲା । ମାନସିକ ଶାନ୍ତି ନିମନ୍ତେ ଭାବନାତ୍ମକ ଆବେଗର ହୁଏତ ଏହା ଏକ ଭିନ୍ନ ପରିପ୍ରକାଶ ହୋଇପାରେ, କିନ୍ତୁ ଅସଲରେ ପୂଜା ପରମ୍ପରାଟି ପ୍ରବର୍ତ୍ତନ ହେବା ପଛରେ ଯେଉଁ ମୁଖ୍ୟ ଉଦ୍ଦେଶ୍ୟଟି ନିହିତ ଥିଲା, ତା'ଠାରୁ ଢେର ଅପହଞ୍ଚ ରହିଗଲା ଏ ମଣିଷ । 'ପୂଜା' ଶବ୍ଦଟି 'ପୂଜ୍' ଧାତୁରୁ ଆସିଛି, ଯାହାର ଅର୍ଥ ହେଉଛି ସମ୍ବର୍ଦ୍ଧନା କରିବା । ଯେଉଁ ଦେବତାଙ୍କୁ ପୂଜା କରୁଛେ ତାଙ୍କର ଦିବ୍ୟ ଗୁଣ ଏବଂ ଦିବ୍ୟ କର୍ମକୁ ଯଥାସମ୍ଭବ ନିଜ ବ୍ୟକ୍ତିଗତ ଚରିତ୍ରରେ ଚିତ୍ରିତ କରିବା ହେଉଛି ପୂଜାର ମୂଳ ଉଦ୍ଦେଶ୍ୟ । ଏ ଧାରଣା କିନ୍ତୁ ଆଜି ସୁଦୂର ପରାହତ । ଭକ୍ତିରେ ଦୁଇ ହାତ ଉପରକୁ ଟେକି କୀର୍ତ୍ତନ କରୁଛୁ, କିନ୍ତୁ ପ୍ରଭୁଙ୍କ ପ୍ରଦତ୍ତ ଭାବଧାରାକୁ ପଛରେ ପକାଇ ଦେଉଛୁ । ଗୁରୁଙ୍କୁ ପୂଜା କରୁଛୁ, କିନ୍ତୁ ତାଙ୍କ କଥାକୁ ଅମାନ୍ୟ କରୁଛୁ । ଏ କି ପୂଜା ?

ଗିରି ଗୋବର୍ଦ୍ଧନଙ୍କ କୋଳରେ ଆମେ ବଢ଼ୁଛେ, ତା'ର ସୁଶୀତଳ ଛାୟାରେ ନିର୍ବିଘ୍ନରେ ଚରୁଛନ୍ତି ଆମ ଗୋମାତାଗଣ । ଏହାର ମଧ୍ୟଦେଇ ଝରି ଆସୁଥିବା ଝରଣାର ସ୍ନିଗ୍ଧ ଜଳରାଶିରେ ଆମମାନଙ୍କର ତୃଷ୍ଣା ମେଣ୍ଟୁଛି । ବର୍ଷାରାଣୀଙ୍କୁ ଆମ ପାଖରେ ପହଞ୍ଚାଇବାର ଗୁରୁଦାୟିତ୍ୱ ନିର୍ବାହ କରିଛନ୍ତି ଏ ଗୋବର୍ଦ୍ଧନ । ତେଣୁ ହେ ମାନବଗଣ ! ଇନ୍ଦ୍ର ଦେବତାଙ୍କ ପୂଜା କରିବାର କୌଣସି ଆବଶ୍ୟକତା ନାହିଁ । ଯଦି ପ୍ରକୃତରେ ପୂଜା କରିବାର ଅଛି, ତେବେ ଆସନ୍ତୁ ଇନ୍ଦ୍ରଙ୍କ ବଦଳରେ ଗିରିରାଜଙ୍କ ପୂଜା କରିବା । ଏକଥା ଶ୍ରୀକୃଷ୍ଣ କହିଥିଲେ ଗୋପପୁରବାସୀଙ୍କୁ । ବନବାସ ନିମନ୍ତେ ଅଯୋଧ୍ୟାରୁ ପ୍ରସ୍ଥାନ କରୁଥିବା ପ୍ରଭୁ ଶ୍ରୀରାମ ସଙ୍ଗରେ ନେଇଯାଇଥିଲେ ଅଯୋଧ୍ୟାର ପବିତ୍ର ମାଟିରୁ କିଛି । ଆଉ ବନବାସ ଜୀବନର ପ୍ରତିଟି ସୂର୍ଯ୍ୟୋଦୟରେ ମା' ମାଟିକୁ ପୂଜା କରୁଥିଲେ । ସେଠାରେ ନ ଥିଲା କେଉଁ ଦେବଦେବୀଙ୍କ ଫଟୋ ବା ମୂର୍ତ୍ତି । ଥିଲା କେବଳ ପ୍ରକୃତିର ଅନବଦ୍ୟ ଅଙ୍ଗ ମାଟିର ପିଣ୍ଡୁଳାଟିଏ ; ଖାସ୍ କରି ମଣିଷ ମନରେ ପ୍ରକୃତି ପୂଜାର ସ୍ପଷ୍ଟ ଝଲକ ଦେଖାଇ ଦେବାର ଏକ ନିଚ୍ଛକ ପ୍ରୟାସ । କେବଳ ସେତିକି ନୁହେଁ, ଶ୍ରୀରାମଙ୍କ ବନବାସ ନିମିତ୍ତ ଅନେକ କାରଣ ଥିବାବେଳେ ତନ୍ମଧ୍ୟରୁ ଗୋଟିଏ କାରଣ ଥିଲା, ପ୍ରକୃତିର ସୁରକ୍ଷା । ଜଙ୍ଗଲରାଜିର ସୁରକ୍ଷା ନିମନ୍ତେ ବି ପ୍ରତିଶ୍ରୁତିବଦ୍ଧ ଥିଲେ ରାମାୟଣର ପ୍ରଭୁ ଶ୍ରୀରାମ ଆଉ ଲକ୍ଷ୍ମଣ ।

ଏବେ ମନରେ ପ୍ରଶ୍ନଉଠେ ଆମେ କାହାକୁ ପୂଜା କରିବା- ସୃଷ୍ଟିକୁ ନା ସ୍ରଷ୍ଟାଙ୍କୁ ? ପ୍ରକୃତି ନା ପରମାତ୍ମାଙ୍କୁ ? ଆଜିର କରୋନାକବଳିତ ବିଶ୍ୱର ବାସ୍ତବ ଚିତ୍ରକୁ ଅବଲୋକନ କଲେ ଏହାର ଉତ୍ତର ସ୍ପଷ୍ଟ ଅନୁମିତ । ସ୍ରଷ୍ଟାଙ୍କ ପୂଜା କରିବାର କୌଣସି ଆବଶ୍ୟକତା ନାହିଁ । ସେ ସମସ୍ତଙ୍କ ହୃଦୟ ଭିତରେ ଅଛନ୍ତି, ତାଙ୍କୁ କେବଳ ଅନୁଭବ କରାଯିବା ଦରକାର । ତାଙ୍କ ପାଖରେ ସମର୍ପିତ ହେବା ଦରକାର । ପରମାତ୍ମା କେବଳ ଚାହାନ୍ତି, ତାଙ୍କ ସୃଷ୍ଟି ସୁରକ୍ଷିତ ରହୁ । ଏଥିରେ ସେ ଢେର ଖୁସି ହେବେ । କିନ୍ତୁ ଦୁଃଖର କଥା, ଇତର ପ୍ରାଣୀମାନଙ୍କ ଅପେକ୍ଷା ଏ ମଣିଷ ହିଁ ଏବେ ସୃଷ୍ଟିକୁ ବେଶି ଉଜାଡ଼ିବାରେ ଲାଗିଛି । ପ୍ରତି ମୁହୂର୍ତ୍ତରେ କରୋନା ଏବେ ଏଇ ବାର୍ତ୍ତା ଦେଉଛି ଯେ, ହେ ମଣିଷ ! ସୃଷ୍ଟିକୁ ରକ୍ଷା କରିବା ପାଇଁ ଏବେ ବି ସମୟ ଅଛି । ପୃଥିବୀକୁ ଧ୍ୱଂସ କରିବା ପାଇଁ ପରମାଣୁ ବୋମା ବା ମିସାଇଲ ତିଆରିରେ ଆଉ ମନ ନ ଦେଇ ଏଣିକି ସମ୍ମିଳିତ ଭାବେ ପ୍ରକୃତିର ଉପାସନାରେ ବ୍ରତୀ ହୁଅ । ମନେରଖ, ପ୍ରକୃତି ପୂଜା ହିଁ ପ୍ରକୃତ ପୂଜା । ଏଥିରୁ ବିଚ୍ୟୁତ ହେଲେ ସୃଷ୍ଟି ବିପଦରୁ କେହି ବି ତୁମକୁ ରକ୍ଷା କରିପାରିବେ ନାହିଁ ।

ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ

## ଏଇ ଭାରତରେ

ଖାଦ୍ୟର କୌଣସି ବାଛବିଚାର ନାହିଁ, ତାହା କେବଳ ଅନ୍ୟର ଭୋକ ମେଣ୍ଟାଇ ଖୁସି ଦେଇଥାଏ ବୋଲି କହନ୍ତି କୋଏମ୍ବାଟୁର୍‌ର ଟ୍ରାନ୍ସଓମ୍ୟାନ୍ ସଙ୍ଗୀତା । ଏବେ ତାଙ୍କୁ ବୟସ ୬୦ । ସଙ୍ଗୀତା କ୍ୟାଟରିଂ ସର୍ଭିସ ଦୀର୍ଘ ୬ ବର୍ଷ ହେବ ଚଳାଇ ଆସୁଛନ୍ତି । ପ୍ରତିଦିନ ୩୦୦ରୁ ଊର୍ଦ୍ଧ୍ୱ ଗରିବଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । ଟ୍ରାନ୍ସଜେଣ୍ଡର ସମାଜରେ ସେ ନିଜକୁ ସଶକ୍ତ କରିବାକୁ ସଂଗ୍ରାମ କରିଛନ୍ତି । ତାଙ୍କର ନା ଥିଲା ଘର ନା ଖାଦ୍ୟ । ଭୋକିଲା ପେଟର ଜ୍ୱାଳା ସହିଛନ୍ତି ଓ ଏହା ଆଉ କାହା ଜୀବନରେ ନ ଆସୁ ବୋଲି କହନ୍ତି ସଙ୍ଗୀତା । ଏଣୁ ସେ ଏହି କ୍ୟାଟରିଂ ସର୍ଭିସ ମାଧ୍ୟମରେ କୋଭିଡ୍-୧୯ ମହାମାରୀ ସମୟରେ ଭିକାରି, ଦିନମଜୁରିଆ ଓ ବାସହୀନମାନଙ୍କୁ ଦୈନିକ ଖାଇବାକୁ ଦେଉଛନ୍ତି । ସେ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚ କରି ଏହାକୁ ପ୍ରଥମେ ଆରମ୍ଭ କରିଥିଲେ । ଏବେ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ ପାଣ୍ଠି ସଂଗ୍ରହ କରୁଛନ୍ତି । କିଛି ବ୍ୟକ୍ତିଙ୍କ ସହ ଟ୍ରାନ୍ସଜେଣ୍ଡର ସମାଜର ସମାନ ଚିନ୍ତାଧାରା ସମ୍ପନ୍ନ କେତେଜଣଙ୍କ ସାହାଯ୍ୟରେ ଏହି ସେବା କରୁଛନ୍ତି । ସେମାନଙ୍କ ସହ ସଙ୍ଗୀତା ସହରର ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି । କେବଳ ଏତିକି ନୁହେଁ, ଏହି ସମୟରେ ସେ ୩୦ ପରିବାରକୁ ୧,୦୦୦ ଟଙ୍କାର ଗ୍ରୋସରି ପ୍ୟାକେଟ୍ ବି ଦେଇଛନ୍ତି । ଏରୋଡର ଏକ ଛୋଟ ଗାଁ ବନ୍ନରୀରେ କୃଷକ ପରିବାରରେ ତାଙ୍କ ଜନ୍ମ । ୧୯୮୫ରେ ୨୫ ବର୍ଷ ବୟସରେ ସେ ଘର ଛାଡ଼ି କୋଏମ୍ବାଟୁର୍ ଚାଲି ଆସିଥିଲେ । ପରେ ଟ୍ରାନ୍ସଜେଣ୍ଡର ଗୋଷ୍ଠୀରେ ସାମିଲ ହୋଇଥିଲେ । କୋଏମ୍ବାଟୁର୍‌ର ଅବିନାଶିଲିଙ୍ଗମ୍ ବିଶ୍ୱବିଦ୍ୟାଳୟରୁ କ୍ୟାଟରିଂ କୋର୍ସ ଶେଷ କରିବା ପରେ ୩ ଲକ୍ଷ ଟଙ୍କା ଋଣ ଆଣି ୨୦୧୪ରେ ବ୍ୟବସାୟ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପାଇଁ ରୋଷେଇ ଆରମ୍ଭ କରିଥିଲେ । ପରେ ବାହାଘର କିମ୍ବା ଅନ୍ୟ ଘରୋଇ ଉତ୍ସବ ଲାଗି ରୋଷେଇ ଆରମ୍ଭ କରି ମାସକୁ ଅତି କମରେ ୫ଟି ଅର୍ଡର ପାଉଛନ୍ତି । ଏଥିରେ ବହୁ ଟ୍ରାନ୍ସଜେଣ୍ଡରଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି । ଏହାବାଦ୍ ସେ ୫୦ ଜଣ ଟ୍ରାନ୍ସଜେଣ୍ଡରଙ୍କୁ କଲେଜରେ କ୍ୟାଟରିଂ ପ୍ରଶିକ୍ଷଣ ନେବା ପାଇଁ ସାହାଯ୍ୟ କରିଛନ୍ତି । ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଟ୍ରାନ୍ସଜେଣ୍ଡରମାନଙ୍କୁ ବ୍ୟବସାୟ କରିବାର ବାଟ ଦେଖାଉଛନ୍ତି ।

# ପାଠକ ଶ୍ରେଷ୍ଠ ବିଚାରକ

## କରୋନା ଯୋଦ୍ଧା ନିରାଶ

ମହାଶୟ,

କରୋନା ଯୋଦ୍ଧାଙ୍କୁ ମିଳୁନି ମୌଳିକ ସୁବିଧା । ସେମାନେ ପାଉଛନ୍ତି ନା ସାମାଜିକ ସୁରକ୍ଷା ନା ଅଗ୍ରିମ ଭତ୍ତା । ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ର ୨୪ ପଞ୍ଚାୟତରେ ଅନେକ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି । ପ୍ରତିଦିନ ରାପିଡ୍‌ରେସପନ୍ସ ଟିମ୍‌ରେ କ୍ୱାରାଣ୍ଟାଇନ୍ ସେଣ୍ଟର ଯାଉଛନ୍ତି ଡାକ୍ତର ଓ କର୍ମଚାରୀ । ସ୍ୱାସ୍ଥ୍ୟକେନ୍ଦ୍ର ଓପିଡିରେ ମଧ୍ୟ ଚିକିତ୍ସା କରୁଛନ୍ତି । ତେବେ ସେମାନଙ୍କୁ ସାମାଜିକ ସୁରକ୍ଷା ଦିଆଯାଉନି । ସେମାନଙ୍କୁ ଏନ୍-୯୫ ମାସ୍କ, ପିପିଇ କିଟ୍, ଯଥେଷ୍ଟ ପରିମାଣରେ ସାନିଟାଇଜର ଦିଆଯାଉନି । ସ୍ଥାୟୀ ନିଯୁକ୍ତି ପାଇଥିବା ଡାକ୍ତର ଓ କର୍ମଚାରୀଙ୍କୁ ସରକାର ଅଗ୍ରିମ ୩ ମାସର ଦରମା ଦେଲେ । ହେଲେ ଠିକାରେ ନିଯୁକ୍ତି ପାଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଏଥିରୁ ବାଦ୍ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିନରାତି କାମ କରୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରିବା ପରିତାପର ବିଷୟ । ସତ୍ୟବାଦୀ ଅଞ୍ଚଳରେ କରୋନାରେ ଜଣଙ୍କର ମୃତ୍ୟୁ ହେବା ପରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗତ କିଛିମାସ ଧରି ଏହି ଯୋଦ୍ଧାମାନେ ପରିବାର ତଥା ବ୍ୟକ୍ତିଗତ କାମକୁ ପଛରେ ପକାଇ କରୋନା ଯୋଦ୍ଧା ପାଲଟିଥିବା ବେଳେ ସରକାର ଓ ପୁରୀ ଜିଲା ପ୍ରଶାସନ ସେମାନଙ୍କ ପ୍ରତି ସହାୟତା ଯୋଗାଇ ଦେଉ ନ ଥିବାରୁ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ମନୁଷ୍ୟର ବଡ଼ ଶତ୍ରୁ

କାମ, କ୍ରୋଧ ଓ ମୋହ ମନୁଷ୍ୟର ତିନି ଶତ୍ରୁ । ଏମାନେ ମନୁଷ୍ୟକୁ ପତନ ମୁଖକୁ ଟାଣି ନିଅନ୍ତି । ଆଳସ୍ୟ ମଧ୍ୟ ମନୁଷ୍ୟର ଏକ ବଡ଼ ଶତ୍ରୁ । ତାହା ସର୍ବଦା ଦୁଃଖ ଦେଇଥାଏ । ମନୁଷ୍ୟକୁ ବିନାଶ କରିବା ପାଇଁ ସବୁଠାରୁ ଶକ୍ତିଶାଳୀ ଶତ୍ରୁ ହେଉଛି ଅହଂକାର । ଭଗବାନ ସବୁ ସହନ୍ତି, ମାତ୍ର ଗର୍ବ ଓ ଅହଂକାରକୁ ଆଦୌ ସହ୍ୟ କରନ୍ତି ନାହିଁ । ଅହଂକାରରେ ପଡ଼ିଲେ ବିଚାରବୁଦ୍ଧି ହଜିଯାଏ । ବଳ, ଧନ, ଯୌବନ, ଜ୍ଞାନ, ସୌନ୍ଦର୍ଯ୍ୟ ଓ କ୍ଷମତା ଆଦି ସକଳ ପ୍ରକାର ଅହଂକାରକୁ ଚୂର୍ଣ୍ଣକରି ଅହଂକାରୀର ଶକ୍ତି ସାମର୍ଥ୍ୟକୁ ଭଗବାନ ପ୍ରତିହତ କରନ୍ତି । ଏହାଛଡ଼ା ଋଣ କରିଥିବା ପିତା, ବ୍ୟଭିଚାରିଣୀ ମାଆ, ରୂପବତୀ ଭାର୍ଯ୍ୟା ଓ ମୂର୍ଖ ପୁତ୍ରକୁ ମଧ୍ୟ ଶତ୍ରୁ ରୂପେ ବିବେଚନା କରାଯାଏ ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ସେ ମୋର ପ୍ରେମିକା ଦେଖିବାକୁ ମନ ଉଠଇ ମାତି
ତାହାରି ସ୍ୱପନେ ପୂରି ଉଠେ ମୋର ସକଳ ରାତି ।
ତାହାରି ଭାବନା ଭାବ ଭାବି ସଦା ବିତଇ କାଳ
ସୁଖେ ତା'ର ସୁଖୀ ହୁଏଁ ଦୁଃଖ ଦେଖି ଝରଇ ଝାଳ ।
(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କର୍ମଚାରୀଙ୍କୁ ସାମାଜିକ ଗଣମାଧ୍ୟମ ବାରଣ ନେଇ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଥିବା ୫୦ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପ୍ରତି ସରକାରଙ୍କ ଅବହେଳା ଅକ୍ଷମଣୀୟ। ଏମାନଙ୍କ ମଧ୍ୟରୁ ଅଧିକାଂଶ କରୋନା ମହାମାରୀ ଯୁଦ୍ଧରେ ଆଗଧାଡ଼ିର ସୈନିକ ଭାବେ କାମ କରୁଛନ୍ତି। ସେମାନଙ୍କ ଭିତରେ ଷ୍ଟାଫନର୍ସ, ପାରାମେଡିକାଲ ଷ୍ଟାଫ, ପୋଲିସ, ଶିକ୍ଷକ ଇତ୍ୟାଦି ଅନ୍ତର୍ଭୁକ୍ତ। ତାଙ୍କ ନ୍ୟାଯ୍ୟପ୍ରାପ୍ୟ ପାଇଁ ସାମାଜିକ ଗଣମାଧ୍ୟମରେ ସ୍ୱର ଉଠାଉଥିବା ବେଳେ ସେମାନଙ୍କୁ ସରକାର ନାଲିଆଖି ଦେଖାଉଛନ୍ତି ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି। ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି।

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରେ ସୁରଟ ଫେରନ୍ତାଙ୍କ ମୃତ୍ୟୁ

**ବୌଦ୍ଧ,୯।୭(ସ୍ୱ.ପ୍ର.):** ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ବଘିଆପଡା ଗୌଡଦେଇ ସଙ୍ଗରୋଧ କେନ୍ଦ୍ରରେ ଗୁରୁବାର ଜଣେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପ୍ରକାଶ ଯେ, ବୌଦ୍ଧ ଟିକରପଡ଼ା ପଞ୍ଚାୟତ ଅଧୀନ ମେଣ୍ଡିମାଳ ଗ୍ରାମର ଜଣେ ୨୨ ବର୍ଷୀୟ ଯୁବକ ଗୁଜରାଟର ସୁରଟରେ ଥିବା ଏକ ସୂତାକଳରେ କାମ କରୁଥିଲେ। କରୋନା ବ୍ୟାପିବାରୁ ସେ ଗତ ୬ ତାରିଖରେ ନିଜ ଗାଁ ମେଣ୍ଡିମାଳକୁ ଆସିଥିଲେ। କିନ୍ତୁ ତାଙ୍କୁ ଗାଁ ଭିତରକୁ ପୂରାଇ ଦିଆଯାଇ ନ ଥିଲା। ଫଳରେ ଉକ୍ତ ଦିନ ଶ୍ରମିକ ଜଣକ ଗାଁ ବିଦ୍ୟାଳୟରେ ଶୋଇଥିଲେ। ୭ ତାରିଖରେ ସରପଞ୍ଚଙ୍କ ସହାୟତାରେ ଗୌଡ଼ଦେଇ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗୁରୁବାର ସେ ଶୌଚାଳୟ ଯାଇଥିବା ବେଳେ ପଡିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ କୋଭିଡ୍ କେୟାର ସେଣ୍ଟର ନିଆଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କୁ ପଚାରିବାରେ, ଶ୍ରମିକ ଜଣକ ଗତ ୭ ତାରିଖରୁ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତାଙ୍କର ମୃତ୍ୟୁ ହେବା ନେଇ ପୋଲିସକୁ ଜଣାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ। ତାଙ୍କ ସ୍ୱାବ୍ ସଂଗ୍ରହ ହୋଇ ନ ଥିବା ଡା. ପ୍ରଧାନ କହିଛନ୍ତି।

### ଅଗ୍ରିମ ହୋଲ୍ଡିଂ ଟିକସଦାତାଙ୍କୁ ଅଗଷ୍ଟ ୩୧ ଯାଏ ରିହାତି

**ଭୁବନେଶ୍ୱର,୯।୭(ବ୍ୟୁରୋ):** ପୌରାଞ୍ଚଳରେ ଆଗୁଆ ହୋଲ୍ଡିଂ ଟିକସ ଦେଉଥିବା ଘରମାଲିକଙ୍କୁ ରିହାତି ଦେବା ଅବଧିକୁ ଆସନ୍ତା ଅଗଷ୍ଟ ୩୧ ତାରିଖ ଯାଏ ବୃଦ୍ଧି କରାଯାଇଛି। ଏ ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାର ଏହି ସୁବିଧା ପ୍ରଦାନ କରିଛନ୍ତି। ରାଜ୍ୟର ୧୧୪ଟି ମହାନଗର ନିଗମ, ମ୍ୟୁନିସିପାଲିଟି ଏବଂ ଏନ୍ଏସିରେ ବସବାସ କରୁଥିବା ଏବଂ ଆଗୁଆ ଟିକସ ଦେଉଥିବା ବ୍ୟକ୍ତିଙ୍କୁ ମେ ମାସ ଯାଏ ରିହାତି ବ୍ୟବସ୍ଥା ଥିଲା। କରୋନା ଯୋଗୁ ଅଧିକାଂଶ ଲୋକ ଟିକସ ପଇଠ କରି ପାରୁ ନ ଥିବାରୁ ରାଜ୍ୟ ସରକାର ରିହାତି ଅବଧି ଅଗଷ୍ଟ ୩୧ ଯାଏ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସହରାଞ୍ଚଳ ଲୋକମାନେ ଉପକୃତ ହେବେ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

# ଅର୍ଦ୍ଧଶତକ ଡେଇଁଲା କରୋନା ମୃତ୍ୟୁ

## ଆଉ ୫୭୭ ପଜିଟିଭ୍, ମୋଟ ଆକ୍ରାନ୍ତ ୧୧୨୦୧

- ଦିନକରେ ଗଲା ଆଉ ୪ ଜୀବନ
- ଗଞ୍ଜାମ ପରିସ୍ଥିତି ଅସମ୍ଭାଳ, ୩୦ ମୃତ
- ବଢ଼ିଚାଲିଛି ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ଦିନକୁ ଦିନ ରାଜ୍ୟରେ ଜଟିଳ ହେବାରେ ଲାଗିଛି କୋଭିଡ୍-୧୯ ସଂକ୍ରମଣ। ପୂର୍ବରୁ ଏହି ମହାମାରୀ ୪୮ଜଣଙ୍କ ଜୀବନ ନେଇଥିବାବେଳେ ଶେଷ ୨୪ ଘଣ୍ଟାରେ ଆଉ ୪ଜଣ ଆକ୍ରାନ୍ତ ଆଖିବୁଜିଛନ୍ତି। ଫଳରେ କରୋନା ମୃତ୍ୟୁସଂଖ୍ୟା ଅର୍ଦ୍ଧଶତକ ଅତିକ୍ରମ କରି ୫୨ରେ ପହଞ୍ଚିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ସୂଚନା ମିଳିଛି। ତେବେ ମୃତ ୪ଜଣଙ୍କ ମଧ୍ୟରୁ ୩ଜଣ ଗଞ୍ଜାମ ଜିଲାର ହୋଇଥିବାବେଳେ ଅନ୍ୟଜଣଙ୍କ ଘର ଭଦ୍ରକରେ। ଗଞ୍ଜାମ ମୃତକଙ୍କ ମଧ୍ୟରେ ଜଣେ ୬୩ ବର୍ଷୀୟ ପୁରୁଷ ଓ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେହିଭଳି ଅନ୍ୟଜଣେ ହେଲେ ୫୮ ବର୍ଷୀୟ ପୁରୁଷ ଓ ସେ ମସ୍ତିଷ୍କଜନିତ ରୋଗରେ ପୀଡିତ ଥିବାବେଳେ ତୃତୀୟ ମୃତକ ଜଣକ ହେଉଛନ୍ତି ୬୫ ବର୍ଷୀୟ ମହିଳା ଓ ସେ ମଧୁମେହ ସହ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ସେହିପରି କରୋନାରେ ଜୀବନ ହରାଇଥିବା ଭଦ୍ରକ ଜିଲାର ୫୮ ବର୍ଷୀୟ ପୁରୁଷ ଜଣକ ମଧୁମେହ ଓ କିଡ୍ନୀଜନିତ ରୋଗରେ ପୀଡ଼ିତ ଥିଲେ। ଏହାବ୍ୟତୀତ କୋଭିଡ୍ ପଜିଟିଭ୍ ଥିବା ଅନ୍ୟ ଦୁଇ ରୋଗୀଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେମାନେ ହେଲେ ଭଦ୍ରକ ଜିଲାର ଜଣେ ୮୮ ବର୍ଷୀୟା ମହିଳା ଓ କେନ୍ଦୁଝର ଜିଲାର ୪୨ ବର୍ଷୀୟା ମହିଳା। ଉଭୟଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଗଞ୍ଜାମ ଜିଲାରେ ସବୁଠାରୁ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଛି। ୩ ନୂଆ ମୃତକଙ୍କୁ ମିଶାଇଲେ ଏହି ଜିଲାରେ ଏବେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଛି। ଏଠାରେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗଞ୍ଜାମ ସଂକ୍ରମିତଙ୍କ ପାଇଁ ଭୁବନେଶ୍ୱର ଓ କଟକ ଏବେ କରୋନା ହଟ୍‌ସ୍ପଟ୍‌ରେ ପରିଣତ ହେବାକୁ ଯାଉଥିବାବେଳେ ରାଜ୍ୟର ପରିସ୍ଥିତି ଜଟିଳ ହେବାରେ ଲାଗିଛି।

ଏପଟେ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୨୨ଟି ଜିଲାରୁ ଆଉ ୫୭୭ଟି ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୪୧୬ଜଣ ସଂକ୍ରମିତ ବାହାରିଥିବାବେଳେ ୧୬୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନାନୁସାରେ, ଲଗାତର ଭାବେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୬୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ସୁନ୍ଦରଗଡରୁ ୮୩, ଖୋର୍ଦ୍ଧାରୁ ୪୮, କେନ୍ଦୁଝରରୁ ୪୮, ବାଲେଶ୍ୱରରୁ ୩୦, ଗଜପତିରୁ ୧୭, କଟକରୁ ୧୪, ମୟୂରଭଞ୍ଜରୁ ୧୪, ଯାଜପୁରରୁ ୯, ଅନୁଗୋଳରୁ ୭, ଜଗତସିଂହପୁରରୁ ୭, କୋରାପୁଟରୁ ୬, ପୁରୀରୁ ୫, ବୌଦ୍ଧରୁ ୫, ଢେଙ୍କାନାଳରୁ ୪, କେନ୍ଦ୍ରାପଡ଼ାରୁ ଓ ସମ୍ବଲପୁରରୁ ୩ଜଣ ଲେଖାଏ, ଭଦ୍ରକରୁ ୨ ଏବଂ ଝାରସୁଗୁଡା, ନୟାଗଡ, ମାଲକାନାଗିରି ଓ କନ୍ଧମାଳରୁ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଗୁରୁବାର ସୁଦ୍ଧା ଓଡିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧ ହଜାର ୨୦୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୭,୦୦୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ୪୧୨୮ ଜଣ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସେହିଭଳି ଏବେସୁଦ୍ଧା ମୋଟ ୩,୧୪,୯୮୭ କୋଭିଡ୍ ଟେଷ୍ଟ କରାଯାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### ସୁସ୍ଥହେଲେ ୪୦୧

ଗୁରୁବାର ରାଜ୍ୟରେ ରେକର୍ଡ ସଂଖ୍ୟକ ୪୦୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ୭୪୦୭ଜଣ କୋଭିଡ୍‌ମୁକ୍ତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆରୋଗ୍ୟ ହୋଇଥିବା ୪୦୧ଜଣ ଆକ୍ରାନ୍ତଙ୍କ ଭିତରୁ ସର୍ବାଧିକ ଗଞ୍ଜାମ ଜିଲାରୁ ୧୦୦ ଜଣ ଅଛନ୍ତି। ସେହିଭଳି ଗଜପତିରୁ ୬୭, କଟକରୁ ୪୨, ଯାଜପୁରରୁ ୩୨, ଦେବଗଡ଼ରୁ ୧୯, କୋରାପୁଟରୁ ୧୮, ଖୋର୍ଦ୍ଧାରୁ ୧୫, ବରଗଡ଼ ଓ ଭଦ୍ରକରୁ ୧୪ଜଣ ଲେଖାଏ, ବାଲେଶ୍ୱରରୁ ୧୨, କେଉଁଝରରୁ ୧୦, ମାଲକାନଗିରିରୁ ୧୦, ଜଗତ୍‌ସିଂହପୁରରୁ ୯, ଝାରସୁଗୁଡ଼ା ଓ ମୟୂରଭଞ୍ଜରୁ ୭ଜଣ ଲେଖାଏ, କନ୍ଧମାଳରୁ ୬, ନୟାଗଡ଼ ଓ ସମ୍ବଲପୁରରୁ ୫ଜଣ ଲେଖାଏ, ନବରଙ୍ଗପୁରରୁ ୪, କେନ୍ଦ୍ରପଡ଼ାରୁ ୩ ଓ ଢେଙ୍କାନାଳରୁ ୨ଜଣ ସୁସ୍ଥ ହୋଇଛନ୍ତି।

# ଭୁବନେଶ୍ୱର ଏମ୍‌ସ ଓପିଡି ଆଜିଠାରୁ ବନ୍ଦ

## ‘ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍’ ଲୋକାର୍ପିତ

**ଭୁବନେଶ୍ୱର,୯।୭(ବ୍ୟୁରୋ)**



- ଖୋଲା ରହିବ ଜରୁରିକାଳୀନ ବିଭାଗ
- ପୂର୍ବଭଳି ଇନ୍‌ଡୋର୍ ଚିକିତ୍ସା ସେବା ଜାରି ରହିବ

ଶୁକ୍ରବାରଠାରୁ ଭୁବନେଶ୍ୱର ଏମ୍‌ସ ଓପିଡିକୁ ସାଧାରଣ ରୋଗୀଙ୍କ ପାଇଁ ବନ୍ଦ ରଖାଯିବ। ହସ୍ପିଟାଲରେ କର୍ମଚାରୀ ଅଭାବ ଯୋଗୁ ଓପିଡି ବନ୍ଦ ନେଇ ନିଷ୍ପତ୍ତି ନିଆଯାଇଥିବା ଏମ୍‌ସ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି ସୂଚନା ଦେଇଛନ୍ତି। ତେବେ ଓପିଡି ବନ୍ଦ ରହିଲେ ମଧ୍ୟ ଡେ’ କେୟାର ସର୍ଭିସ୍ ତଥା କ୍ୟାନ୍‌ସର କେମୋ, ରେଡିଓଥେରାପି, ଡାଇଲିସିସ୍, ଟ୍ରମା ଓ ଏମରଜେନ୍ସି ଭଳି ଜରୁରିକାଳୀନ ବିଭାଗଗୁଡ଼ିକୁ ଖୋଲା ରଖାଯିବ। ସେହିଭଳି ସମସ୍ତ ପ୍ରକାର ଜରୁରିକାଳୀନ ଅସ୍ତ୍ରୋପଚାର କରାଯିବ। ପୂର୍ବଭଳି ଆନ୍ତଃବିଭାଗ ବା ଇନ୍‌ଡୋର୍ ରୋଗୀମାନଙ୍କର ଚିକିତ୍ସା ସହ ସମସ୍ତ ପ୍ରକାର ସେବା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ରୋଗୀଙ୍କୁ ଟେଲି ମେଡିସିନ ଏବଂ ଟେଲି କନ୍‌ସଲ୍‌ଟେସନ ସୁବିଧା ମିଳିବ। ଗୁରୁବାର ସ୍ୱତନ୍ତ୍ରଭାବେ ଲୋକାର୍ପିତ ହୋଇଥିବା ‘ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍’ ଜରିଆରେ ଡାକ୍ତରମାନେ ରୋଗୀଙ୍କୁ ପରାମର୍ଶ ଦେବେ। ଏହି ଆପ୍‌ରେ ରୋଗୀମାନେ ଆବାଶ୍ୟକସ୍ଥଳେ ଡାକ୍ତରଙ୍କୁ ଯୋଗାଯୋଗ କରିପାରିବେ। ଏହାସହ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରିଥିବା ରୋଗୀଙ୍କୁ ବିଶେଷଜ୍ଞ ଡାକ୍ତର ଏବଂ ସମ୍ପୃକ୍ତ ବିଭାଗ ଯୋଗାଯୋଗ କରି ଚିକିତ୍ସା ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ଦେବେ ବୋଲି ଗୀତାଞ୍ଜଳି କହିଛନ୍ତି।

ଏମ୍‌ସର ସୂଚନା ମୁତାବକ, ହସ୍ପିଟାଲର କେତେଜଣ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଥିବାରୁ କର୍ମଚାରୀର ଅଭାବ ଦେଖାଦେଇଛି। ସେହିଭଳି ଆଉ କେତେଜଣ କର୍ମଚାରୀ ରହୁଥିବା ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍‌ରେ ଥିବାରୁ ସେମାନଙ୍କୁ ଡାକ୍ତରଖାନା ଆସିବାକୁ ବାରଣ କରାଯାଇଛି। ଫଳରେ କର୍ମଚାରୀ ଅଭାବ ଯୋଗୁ ଜୁଲାଇ ୧୦ରୁ ଓପିଡି ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

# ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ ରାଜ୍ୟ ସରକାର

## ସିବିଏସ୍‌ଇ ପାଠ୍ୟକ୍ରମ ହ୍ରାସ ପ୍ରସଙ୍ଗ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

କରୋନା ମହାମାରୀ ଭୟାବହତା ଯୋଗୁ ପ୍ରଭାବିତ ହୋଇଛି ଶିକ୍ଷା ବ୍ୟବସ୍ଥା। ପରୀକ୍ଷା କରିବା ସମ୍ଭବ ନ ଥିବାରୁ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ବାତିଲ କରାଯାଇଛି। ଅନୁରୂପ ଭାବେ ରାଜ୍ୟ ସରକାର ମଧ୍ୟ ବାକିଥିବା ଯୁକ୍ତ ୨ ପରୀକ୍ଷା ଆଉ ହେବନାହିଁ ବୋଲି ଘୋଷଣା କରିସାରିଛନ୍ତି। ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରୁ ନ ଥିବାବେଳେ ସିବିଏସ୍‌ଇ ପକ୍ଷରୁ ନବମ, ଦଶମ ଶ୍ରେଣୀର ସିଲାବସ୍‌ର ୩୦% ହ୍ରାସ କରିଦିଆଯାଇଛି। ଏହାପରେ ରାଜ୍ୟ ସରକାରଙ୍କ ଭବିଷ୍ୟତ ପଦକ୍ଷେପ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ନେଇ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, କରୋନା ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଥିବାରୁ ସ୍କୁଲ କେବେ ଖୋଲିବ ତାହା ସ୍ଥିର ହୋଇପାରି ନାହିଁ। ଅଗଷ୍ଟରେ ସ୍ଥିତିକୁ ଦେଖି ସ୍କୁଲ ଖୋଲିବା ସମ୍ପର୍କିତ ନିଷ୍ପତ୍ତି ନିଆଯିବ। ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ସିଲାବସ୍‌ର ୩୦%ରୁ ଅଧିକ ହ୍ରାସ କରିପାରନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କରୋନା ସ୍ଥିତି ନିୟନ୍ତ୍ରଣକୁ ନ ଆସିଲେ ଚଳିତ ବର୍ଷ ସ୍କୁଲ, କଲେଜ ନ ଖୋଲିପାରେ। ସ୍ଥିତି ନିୟନ୍ତ୍ରଣ ଆସିବା ବେଳକୁ ଶିକ୍ଷାବର୍ଷ ଶେଷ ପାଖାପାଖି ହୋଇଯାଇଥିଲେ ଆହୁରି ଅଧିକ ପ୍ରତିଶତ ସିଲାବସ୍ କମାଇ ଦିଆଯାଇପାରେ। ସ୍କୁଲ ଖୋଲିବାକୁ ଆଧାର କରି କେତେ ପ୍ରତିଶତ ପାଠ ପଢ଼ାଯିବ ସେ ନିଷ୍ପତ୍ତି ନିଆଯିବ। ତେବେ ସ୍କୁଲ ନ ଖୋଲିବା ଯାଏ ସିଲାବସ ବାବଦରେ କହିବା ଠିକ୍ ହେବନାହିଁ। ସ୍କୁଲ ଖୋଲିଲେ ସିବିଏସଇ ଢାଞ୍ଚାକୁ ଗୁରୁତର ସହ ବିଚାର କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ୍ ‘ନିଶଙ୍କ’ କହିଥିଲେ, ସିବିଏସଇ ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିଲାବସ୍‌କୁ ୩୦% ହ୍ରାସ କରାଯିବ। ଆବଶ୍ୟକ ବିଷୟବସ୍ତୁକୁ ଛାଡ଼ିଦେଇ ଅତିରିକ୍ତ ୩୦% ବିଷୟ ପାଠ୍ୟ ଖସଡ଼ାରୁ ବାଦ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।

# ୨୩% କମିଲା ଟିକସ, ଅଣଟିକସ

- ରାଜକୋଷ ଉପରେ କରୋନା ମାଡ଼
- ଯୋଜନା ଖର୍ଚ୍ଚ ୫.୦୬ ପ୍ରତିଶତ ହ୍ରାସ

**ଭୁବନେଶ୍ୱର,୯।୭(ବ୍ୟୁରୋ)**



କରୋନା ମହାମାରୀ ଯୋଗୁ ରାଜକୋଷ ଗଭୀର ଭାବେ ପ୍ରଭାବିତ ହୋଇଛି। ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ହ୍ରାସ ପାଇଛି। ୨୦୨୦ ଜୁନ୍ ସୁଦ୍ଧା ନିଜସ୍ୱ ଟିକସ ଓ ଅଣଟିକସ ବାବଦରେ ୨୨.୯୪ ପ୍ରତିଶତ ହ୍ରାସ ହୋଇଛି। ୨୦୨୦ ଜୁନ୍ ସୁଦ୍ଧା ଏ ବାବଦରେ ୮୨୦୪ କୋଟି ଟଙ୍କା ଆଦାୟ କରାଯାଇଥିବା ବେଳେ ୨୦୧୯ ଏହି ସମୟ ସୁଦ୍ଧା ୧୦,୬୪୫ କୋଟି ଟଙ୍କା ଆଦାୟ କରାଯାଇଥିଲା। ଯଦିଓ ସମୁଦାୟ ନିଜସ୍ୱ ଟିକସ ୩୫% ପ୍ରତିଶତ ହ୍ରାସ ପାଇଛି ତେବେ ଅଣ ଟିକସ ରାଜସ୍ୱ ଆଦାୟ ୩% ବୃଦ୍ଧି ପାଇଛି। ୨୦୧୯ ଜୁନ୍ ସୁଦ୍ଧା ଅଣ ଟିକସ ରାଜସ୍ୱ ୩୫୦୬ କୋଟି ଟଙ୍କା ଥିବା ବେଳେ ୨୦୨୦ ଜୁନ୍ ସୁଦ୍ଧା ୩୬୦୯ କୋଟି ଟଙ୍କା ଆଦାୟ କରାଯାଇଛି। ଗୁରୁବାର ପ୍ରଥମ ଥର ଲାଗି ଡିଜିଟାଲ ମୋଡରେ ଓସ୍ୱାସ ଜରିଆରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି।

ରାଜସ୍ୱ ହ୍ରାସ ପାଇଥିବାବେଳେ ରାଜ୍ୟରେ ଚାଲୁରହିଥିବା ବିଭିନ୍ନ ଯୋଜନାରେ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି। ୨୦୨୦ ଜୁନ୍ ପର୍ଯ୍ୟନ୍ତ ସମସ୍ତ ବିଭାଗର ଗତ ବର୍ଷ ତୁଳନାରେ ୫.୦୬ ପ୍ରତିଶତ ଖର୍ଚ୍ଚ ହ୍ରାସ ପାଇଛି। ତେବେ ସାମାଜିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ପାଇଛି। ଜୁନ୍ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ମୋଟ ୮,୯୨୩ କୋଟି ବ୍ୟୟ କରାଯାଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୯୩୯୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସାମାଜିକ କ୍ଷେତ୍ର ଯଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାରର ବିଭିନ୍ନ ଯୋଜନା ଗୁଡ଼ିକରେ ୫,୨୮୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଗତବର୍ଷ ଏହି ସମୟ ମଧ୍ୟରେ ଉକ୍ତ ଯୋଜନାରେ ୪,୨୨୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ଗତବର୍ଷ ତୁଳନାରେ ଚଳିତବର୍ଷ ଜୁନ୍ ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରାଯାଇଛି। ଜୁନ୍ ସୁଦ୍ଧା ୧୬୦୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଗତବର୍ଷ ୩୦୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

### ‘ବିକାଶକୁ ତ୍ୱରାନ୍ୱିତ କରିବ ଆତ୍ମନିର୍ଭର ଭାରତ’

**ଭୁବନେଶ୍ୱର, ୯।୭(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭର ଭାରତ ଅଭିଯାନରେ ଗରିବଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦେବାସହ ଦେଶର ପୁଞ୍ଜିନିବେଶ, ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତିକୁ ପ୍ରୋତ୍ସାହନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଚାଷୀ, ଶ୍ରମିକ, ମଧ୍ୟବିତ୍ତ ଏବଂ ଉଦ୍ୟୋଗୀଙ୍କୁ ସଶକ୍ତ କରିଛି ଓ କୋଇଲା, ଖଣିଜ, ପ୍ରତିରକ୍ଷା ଉତ୍ପାଦନ, ବେସାମରିକ ବିମାନ ଚଳାଚଳ, ଶକ୍ତି ଯୋଗାଣ, ପରମାଣୁ ଏବଂ ମହାକାଶ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ସହାୟକ ହୋଇଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ମୋଦି ସରକାରଙ୍କ ଏହି ଐତିହାସିକ ପଦକ୍ଷେପ କରୋନା ପରବର୍ତ୍ତୀ ଭାରତର ବିକାଶକୁ ତ୍ୱରାନ୍ୱିତ କରିବ। ଏକ ଶକ୍ତିଶାଳୀ, ସ୍ଥିର ତଥା ପ୍ରଗତିଶୀଳ ଭାରତ ଗଠନ କରିବାରେ ସହାୟକ ହେବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ତହସିଲଦାରଙ୍କ କାର୍ଯ୍ୟାଳୟ, ନିଆଳୀ

ସଂଖ୍ୟା:୧୩୮୭ ତାରିଖ: ୦୮।୦୭।୨୦୨୦

ଲିଜ୍/ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିଆଳୀ ତହସିଲ ଅନ୍ତର୍ଗତ ବଛସାଇଲୋ ଦେବୀ ନଦୀ ବାଲିଘାଟକୁ ଦୀର୍ଘମିଆଦୀ ସୂତ୍ରରେ ପାଞ୍ଚ ବର୍ଷ ପାଇଁ ୨୦୨୦-୨୧ଠାରୁ ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଲିଜ୍ ବା ନିଲାମ ପାଇଁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନ ଫର୍ମ, ନିୟମାବଳୀ, ସମ୍ପୃକ୍ତ ସରକାରୀ ବିଜ୍ଞପ୍ତି, ସର୍ତ୍ତାବଳୀ ଓ ସୈରାତର ବିଶଦ୍ ବିବରଣୀ କଟକ ଜିଲ୍ଲାପାଳଙ୍କ ୱେବ୍‌ସାଇଟ (www.cuttack.nic.in)ରେ ଉପଲବ୍ଧ ଅଟେ । ଏତଦ୍‌ବ୍ୟତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ମିଳିପାରିବ ।

ସ୍ୱା./-ତହସିଲଦାର, ନିଆଳୀ

### The Odisha Small Industries Corporation Ltd.

( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

SHORT TENDER CALL NOTICE

Tender Notice No.2676 Date : 07.07.2020

Sealed quotations are invited from the original equipment manufacturers having GST Registration, PAN Certificate and after sales service facilities for supply of different items for controlling/fighting Covid-19 virus as per the tender document which can be downloaded from the website i.e osicltd.in . Any addendum/corrigendum will appear in OSIC's website only. The interested firms may submit their Quotation to OSIC latest by 12.30 PM on 13.07.2020 which shall be opened on the same date at 2.00 PM. Managing Director of OSIC reserves the right to accept or reject the bids in toto for supply of the items without assigning any reason thereof.

MANAGING DIRECTOR

### DIRECTORATE OF MEDICAL EDUCATION & TRAINING, ODISHA

ADVERTISEMENT FOR OPENING OF INSTITUTIONS FOR IMPARTING PHYSIOTHERAPY AND OCCUPATIONAL THERAPY COURSE-2020

Notice No. MET-III-Misc-26/2018/12293 Dt.08.07.2020

No. E-106: The applications are invited from interested Trusts/ Societies/ Universities to open institutions for imparting **Physiotherapy and Occupational Therapy** courses in the state of Odisha in the academic session 2020-21. The application form, detail guidelines and all other requisites are available in the website of DMET (O), i.e. **www.dmetodisha.gov.in** in **“Physiotherapy and Occupational Therapy”** section.

Sd./- Addl. DMET, Odisha
OIPR-10016/11/0005/2021

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 11430/ ଭୁ.ଉ.କ., ଭୁବନେଶ୍ୱର ତା19.06.2020ରିଖ
KNM-1749/93

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ଜମି ପ୍ରକଳ୍ପର MIG Plot No.K9B-371କୁ ଶ୍ରୀମତୀ ସ୍ୱାତୀ ପଟ୍ଟନାୟକ, ସ୍ୱାମୀ- ସରୋଜ କୁମାର ପଟ୍ଟନାୟକ, ସ୍ୱାମୀ- ସରୋଜ କୁମାର ପଟ୍ଟନାୟକ, ଗ୍ରାମ/ପୋଅ/ଥାନା/ଜିଲ୍ଲା- ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସ୍ୱାତୀ ପଟ୍ଟନାୟକ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଅନୁପମା ଜେନା, ସ୍ୱାମୀ- ଗଗନ ବିହାରୀ ଦାସ, ପ୍ଲଟ୍ ନଂ.-୧୬୧୦, ଫିସରୀ ଲେନ୍, ପୋଅ- ବୁଦ୍ଧେଶ୍ୱରୀ କଲୋନୀ, ଥାନା-ଲକ୍ଷ୍ମୀସାଗର, ଭୁବନେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା’ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷପ

### OFFICE OF THE REGULATED MARKET COMMITTEE, NIMAPARA

No.453 Date: 09.07.2020

SHORT TENDER/QUOTATION CALL NOTICE

The Sub-Collector, Puri-cum-Chairman, Regulated Market Committee, Nimapara, invites rate quoted bid in sealed cover from the eligible authenticated Suppliers/ Firms for installation and commissioning of fully electronic type (pitless kind) Weighbridge on turnkey basis with 60 M.T. capacity at Nimapara market yard under RMC, within two months from the finalization of the bid by signing of agreement by the bidder as per the specification given by the OSAM Board, Bhubaneswar vide letter no.1729 (66) dated 20.08.2019 attached with the notice and terms & condition as laid down vide OSAM Board, Bhubaneswar Notice no.2978 dated 19.10.2016. The quotations should be reached to this office by Regd. Post/Office Box on or before 3.00 P.M. of 20.07.2020. The bids will be opened at 11.00 A.M. on 22.07.2020 in Office of the Sub-Collector, Puri in presence of tenderers or their representatives. The intending Firms must submit papers like valid GST certificate, PAN and other related documents as per norms fixed by the Government.

The authority reserves all the right to reject all or any of the quotation without assigning any reason thereof. For further details contact vide e-mail: rmcnima@nic.in and also visit website www.puri.nic.in.

Sd./- Secretary
R.M.C., Nimapara

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଜୁଲାଇ ୧୦, ୨୦୨୦

## କୋରାପୁଟ: ୧୮ ସୁସ୍ଥ ହେଲେ

କୋରାପୁଟ,(ସ୍ୱ.ପ୍ର.) କୋରାପୁଟ ଜିଲାରେ ଗୁରୁବାର ୧୮ ଜଣ କରୋନା ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଗୁରୁବାର ସୁଦ୍ଧା ଜିଲାରେ ସମୁଦାୟ ପଜିଟିଭଙ୍କ ସଂଖ୍ୟା ୭୯ରେ ପହଞ୍ଚିଥିବାବେଳେ ସେଥିରୁ ୪୭ ଜଣ ସୁସ୍ଥ ହୋଇଛନ୍ତି। ଗୁରୁବାର ସୁଦ୍ଧା ଜିଲାରେ ୯ ହଜାର ୮୬୧ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୯ ହଜାର ୪୨ ଜଣଙ୍କ ରିପୋର୍ଟ ଆସିଛି। ଏମାନଙ୍କ ଭିତରୁ ୭୯ ପଜିଟିଭ ରହିଥିବାବେଳେ ବାକି ସବୁ ରିପୋର୍ଟ ନେଗେଟିଭ ରହିଛି।



### ସଂକ୍ଷେପରେ

## କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଟ୍ରକ୍ ନେଇ ବ୍ୟବସାୟୀ ଗଣିଲେ ୧୦ ହଜାର

ମାଲକାନଗିରି,୯।୭(ଡି.ଏନ୍.ଏ.)- ମାଲକାନଗିରି ଜିଲା ପୌରାଞ୍ଚଳ ବାଲିମେଳା ଛକରୁ ହାଇସ୍କୁଲ ଛକ ଅଞ୍ଚଳକୁ ଗତ ଦୁଇଦିନ ହେଲା କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବାଲିମେଳା ଛକରେ ପୌର ପରିଷଦ ବ୍ୟାରିକେଡ୍ କରି ରାସ୍ତା ବନ୍ଦ କରିଛି। ଗୁରୁବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ବ୍ୟାରିକେଡ୍ ଖୋଲି କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ପ୍ରବେଶ କରିଥିଲା। ପରେ ସେହି ଅଞ୍ଚଳକୁ କେତେଜଣ ବାଇକ୍ ଚାଳକ ଓ ପଥଚାରୀ ଯାତାୟାତ ବେଳେ ପୋଲିସ, ପୌର କର୍ମଚାରୀ ଓ ତହସିଲଦାର ମନା କରିଥିଲେ। ତେବେ ଏହି ରାସ୍ତାରେ ଟ୍ରକ୍ କିପରି ଗଲା ବୋଲି ଲୋକେ ପାଲଟା ଅଭିଯୋଗ କରିଥିଲେ। ଫଳରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଟ୍ରକ୍‌କୁ ସିଜ୍ କରାଯାଇଥିବା ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

## ଘରୋଇ ଟ୍ୟୁଶନ ଉପରେ କଟକଣା

କୋରାପୁଟ,୯।୭(ସ୍ୱ.ପ୍ର.)- କୋରାପୁଟରେ ଦିନକୁ ଦିନ କୋରନା ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ମଧୁସୂଦନ ମିଶ୍ର ଛାତ୍ରୀଛାତ୍ରଙ୍କ ଘରୋଇ ଟିଉସନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅଭିଯୋଗ ଆସିଲେ ସଂପୃକ୍ତ ଟିଉସନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ:୨ ଗିରଫ

ପଦ୍ମପୁର,୯।୭(ଡି.ଏନ୍.ଏ.):ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ବୁଧବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ କରିଛନ୍ତି। ଗୁଟ୍‌ଖା ଚାଲାଣ ହେଉଥିବା ଗାଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲା ବିଶ୍ୱନାଥପୁର ଅଞ୍ଚଳର ରମେଶ ଚନ୍ଦ୍ର ମଙ୍ଗଳପୁରୀ(୩୬) ଓ ପଦ୍ମପୁରର ତ୍ରିଲୋଚନ ମହାପାତ୍ର। ରମେଶ କଳାହାଣ୍ଡିରୁ ବେଆଇନଭାବେ ଗୁଟ୍‌ଖା ନେଇ ପଦ୍ମପୁର ବସ୍‌ଷ୍ଟାଣ୍ଡରେ ଥିବା ତ୍ରିଲୋଚନଙ୍କ ଦୋକାନକୁ ଆସିଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉକରି ଉଭୟଙ୍କୁ ଗିରଫ କରିଥିଲା।

## ଚାଷୀଙ୍କୁ ଉନ୍ନତ କିସମ ଚାରା ଯୋଗାଣ ଲକ୍ଷ୍ୟ

ନବରଙ୍ଗପୁର,୯।୭(ବି.ପ୍ର.)-ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ସରୁଗୁଡାରେ ଏକ ହାଇଟେକ ଚାରା ଉତ୍ପାଦନ କେନ୍ଦ୍ରର ଭୂମି ପୂଜନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ପ୍ରତ୍ୟୁଷ କୁମାର ପଣ୍ଡା, ଭୁବନେଶ୍ୱର ଆଞ୍ଚଳିକ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର ପ୍ରମୁଖ ବୈଜ୍ଞାନିକ ଡଃ. ପି.ଶ୍ରୀନିବାସ, ନନ୍ଦାହାଣ୍ଡି ବିଡିଓ ରତ୍ନାକର ସାହୁ, ଗୋବିନ୍ଦାଳୟର ଅଧକ୍ଷ ସନମୁଗା ପାତ୍ରଙ୍କ ସମେତ ଏହି ଚାରା ଉତ୍ପାଦନ କେନ୍ଦ୍ରର ଦାୟିତ୍ୱ ନେଇଥିବା ମା' ମହିମା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହା ଆଇସିଏଆର, ଆଇଆଇଏଚଆର ଓ ସିଏଚଇଏସ୍ ଦ୍ୱାରା ବିକଶିତ ଅଧିକ ଅମଳକ୍ଷମ ଫଳ, ପନିପରିବା ଓ ବିଭିନ୍ନ କିଷମର ଫୁଲ ଚାରା ଉତ୍ପାଦନ,ବିତରଣ ତଥା ବିକ୍ରୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଚାଷୀଙ୍କ ଆର୍ଥିକ ଉନ୍ନତିରେ ଏହା ସହାୟକ ହେବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି।

## ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ନିଶାରେ ଟେଲିଫୋନ ଟାୱାରେ ଚଢ଼ିଗଲେ

ଗୁଣପୁର,୯।୭(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ନିକଟ ଲବା ଗ୍ରାମରେ ଗୁରୁବାର ରାତିରେ ଜଣେ ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଯୁବକ ଜଣକ ନିଶାଶକ୍ତ ଅବସ୍ଥାରେ ଟେଲିଫୋନ ଟାୱାରରେ ଚଢ଼ିଯାଇଥିଲେ। ହେଲେ ଆଉ ଓହ୍ଲାଇ ପାରି ନ ଥିଲେ। ଦୀର୍ଘ ସମୟଧରି ସେ ସେଠାରେ ଅଟକି ରହିଥିବାବେଳେ ଜଣେ ଯୁବକ ଦେଖି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗର ଟିମ୍ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଯୁବକ ହେଲେ ଲବା ଗ୍ରାମର ତାର୍ଲାଙ୍ଗ ଶବର।

# ହାଇକୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରୁନି ପୌର ପରିଷଦ

- ଅଧିକାଂଶ ଷ୍ଟଲ୍ ଭଡ଼ା ବକେୟା ପଡ଼ିଛି
- ଏକାଧିକ ଷ୍ଟଲ୍ ହାତେଇଛନ୍ତି କେତେଜଣ ବ୍ୟକ୍ତି
- ଅନୁଧ୍ୟାନକରି କାର୍ଯ୍ୟାନୁଷ୍ଠାନ ନେବି: ହେମକାନ୍ତ

ଜୟପୁର,୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଯୁବ ସଙ୍ଗଠନ ଗୁରୁବାର ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସଏଙ୍କୁ ଭେଟି ହାଇକୋର୍ଟ ପକ୍ଷରୁ ଭଡ଼ା ଆଦାୟ ନେଇ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛି। ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସଏଙ୍କୁ ଏହି ଅବସରରେ ଏକ ଦାବିପତ୍ର ଦେଇଛନ୍ତି। ପୌରସଂସ୍ଥାର ପ୍ରାୟ ୭ଶହ ଷ୍ଟଲ୍ ନିର୍ମାଣ କରାଯାଇ ଭଡ଼ାସୂତ୍ରରେ ପ୍ରଦାନ କରାଯାଇଛି। ଅଧିକାଂଶ ଷ୍ଟଲ୍‌ର ଭଡ଼ା ବାବଦକୁ ବହୁବର୍ଷ ଧରି ଟଙ୍କା ବକେୟା ପଡିଛି। ଏପରିକି ଜଣେ ଜଣେ ଲୋକଙ୍କ ନାମରେ ଏକାଧିକ ଷ୍ଟଲ୍ ରହିଛି । ସେମାନେ ଷ୍ଟଲ୍‌କୁ ଅନ୍ୟକୁ ମଧ୍ୟ ଭଡ଼ା ସୂତ୍ରରେ ଦେଇଛନ୍ତି। ଏହା ପୌରସଂସ୍ଥାର ନିୟମ ଏବଂ ଚୁକ୍ତି ବିରୋଧରେ ହୋଇଥିବାରୁ ୨୦୧୯ରେ



ଯୁବ ସଙ୍ଗଠନ ସଦସ୍ୟମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି।

ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଫେବୃୟାରୀ ୨ରେ ସମସ୍ତ ବକେୟା ଭଡ଼ା ଟଙ୍କା ୩ ମାସ ମଧ୍ୟରେ ଆଦାୟ କରିବା, ନଚେତ୍ ବିନା ନୋଟିସରେ ଚୁକ୍ତି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ୩ ମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ସୁଦ୍ଧା ପୌରସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ସହିତ ଚୁକ୍ତିଖିଲାପକାରୀ ଏବଂ ଏକାଧିକ ଷ୍ଟଲ୍ ନେଇଥିବା ବ୍ୟକ୍ତିଙ୍କଠାରୁ ଷ୍ଟଲ୍ ଆଣି ବେକାର ଯୁବକଙ୍କୁ ବ୍ୟବସାୟ ପାଇଁ ପ୍ରଦାନ କରିବାକୁ ଯୁବ ସଙ୍ଗଠନ ଦାବି କରିଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସଏଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ ସମସ୍ତ ବିଷୟ ନେଇ ଅନୁଧ୍ୟାନକରି ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଦାବିପତ୍ର ପ୍ରଦାନ ବେଳେ ବାପି ପଣ୍ଡା, ଆଲାମ ନାୟକ, ସନ୍ତୋଷ ପୂଜାରୀ, ଜଗା ପାଇକରାୟ, ସୀମାଞ୍ଚଳ ସୁଆର, ଚନ୍ଦ୍ର ହରିଜନ, ରମେଶ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

# କୋରାପୁଟ ଜିଲାରୁ ୬ ପଜିଟିଭ

କୋରାପୁଟ/ଜୟପୁର/ବୈପାରୀଗୁଡା/ମାଲକାନଗିରି, ୯।୭ (ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବଢ଼ିଛି। ଗୁରୁବାର ପୁଣି ୬ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରେ ଜଣେ ସଙ୍ଗରୋଧ କେନ୍ଦ୍ରରୁ ,ଜଣେ ଘରୋଇ କ୍ୱାରାଣ୍ଟାଇନରୁ ଏବଂ ୪ ଜଣ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଜିଲାର ବନ୍ଧୁଗାଁ ବ୍ଲକର ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ବ୍ୟକ୍ତି ତାମିଲନାଡୁ ଫେରନ୍ତା ହୋଇଥିବାବେଳେ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ଘରୋଇ କ୍ୱାରାଣ୍ଟାଇନରୁ ଚିହ୍ନଟ ବ୍ୟକ୍ତି ଆନ୍ଧ୍ରପ୍ରଦେଶ ଫେରନ୍ତା ବୋଲି ଜଣାପଡିଛି। ସେହିପରି ଜିଲାରେ ସ୍ଥାନୀୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୪ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ଜଣେ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ, ୨ଜଣ ବୈପାରିଗୁଡ଼ା ବ୍ଲକ ଅଞ୍ଚଳରୁ ଏବଂ ଜଣେ ଦାମନଯୋଡ଼ିର ଭେଜାପୁଟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ବୈପାରୀଗୁଡାର ଚିହ୍ନଟ ୨ ଜଣ ହେଉଛନ୍ତି ସ୍ୱାସ୍ଥ୍ୟକର୍ମୀ। ଜଣେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଓ ଅନ୍ୟ ଜଣେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବୋଲି ଜଣାପଡିଛି। ଏହା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ୨ ସ୍ୱାସ୍ଥ୍ୟକର୍ମୀ ଲୋକାଲ କଣ୍ଟାକ୍ଟରେ ଆସି ସଂକ୍ରମିତ ହୋଇଥିବା କହାଯାଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂପୂର୍ଣ୍ଣ ସାନିଟାଇଜେସନ୍ କରାଯିବା ସହ କେବଳ ପ୍ରସବ ଓ ଜରୁରୀକାଳିନ ଚିକିତ୍ସା କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଧିରାଜ ସାହୁ କହିଛନ୍ତି।

# କଫିଚାଷ ଦେବ ପ୍ରବାସୀଙ୍କୁ କର୍ମନିଯୁକ୍ତି



ଜିଲାପାଳ କଫି ନର୍ସରି ବୁଲି ଦେଖୁଛନ୍ତି।

କୋରାପୁଟ,୯।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ କଫି ଓ ଗୋଲମରିଚ ଚାଷ ପାଇଁ ଉତ୍କୃଷ୍ଟ ଜଳବାୟୁ ରହିଛି। କରୋନା ପରିପେକ୍ଷୀରେ ରାଜ୍ୟ ବାହାରୁ ଜିଲାକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କୁ କର୍ମନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ ପ୍ରକାଶ କରିଛନ୍ତି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ଜିଲାର ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଚଳିତବର୍ଷ କୋରାପୁଟ ଜିଲାରେ ୫୫୫ ହେକ୍ଟର ଜମିରେ କଫିଚାଷ ପାଇଁ ଛାୟା ବୃକ୍ଷରୋପଣ ସହ ୬୯ ହେକ୍ଟର ଜମିରେ କଫି ଓ ୭ ହେକ୍ଟର ଜମିରେ ଗୋଲମରିଚ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାପାଳ ଏହି ଦୁଇ ବ୍ଲକର ନୂଆଗୁଡା ଗ୍ରାମକୁ ଯାଇ ସେଠାରେ ଥିବା ୭୬ ହଜାର କଫି ଓ ଗୋଲମରିଚ ଚାରା ଏବଂ ୧ ଲକ୍ଷ ୪୦ ହଜାର ମଦନପ୍ୟାରି ଚାରା ନର୍ସରି ପରିଦର୍ଶନ କରିଥିଲେ । ପରେ ଲକ୍ଷ୍ମୀପୁର ବ୍ଲକର ବିନ୍ଦ୍ରାଗୁଡା ଗ୍ରାମରେ ୫୦ ହେକ୍ଟରରେ ହୋଇଥିବା କଫି ଓ ଗୋଲମରିଚ ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ ସେଠାରେ ବହୁ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ନିରାନିଗୁଡା ଗ୍ରାମରେ ୭୦ ହେକ୍ଟର ଜମିରେ ଛାୟା ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ ଜିଲାପାଳ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କାଲୋ, ବିଭାଗୀୟ ଅଧିକାରୀ ଶ୍ରୀକାନ୍ତ ଦାସ, ନରସିଂହ ନାୟକ, ହରିହର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ଯତ୍ନ କେନ୍ଦ୍ରରେ ରହିବେ ସ୍ମୃତିରାଣୀ

ଜୟପୁର,୯।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ବ୍ଲକ ଆମ୍ବାଗୁଡା ଗ୍ରାମର ମା' ବାପା ଛେଉଣ୍ଡ ଅସହାୟ ସ୍ମୃତିରାଣୀ ବେହେରା (୧୨) କୋରାପୁଟ ସଦର ମହକୁମାସ୍ଥିତ ଏକ ଶିଶୁ ଯତ୍ନ କେନ୍ଦ୍ରରେ ରହିବେ। ଏ ନେଇ ଶିଶୁ ମଙ୍ଗଳ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି । ସେ ଅଷ୍ଟମ ଶ୍ରେଣୀ ଯାଏ ପଢିଥିବାରୁ ଏବଂ ପାଠ ପଢିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ତାଙ୍କର ଶୁକ୍ରବାର ସ୍ଥାନୀୟ ଏକ ବିଦ୍ୟାଳୟରେ ଆଡିମିଶନ କରାଯିବ। ଗୁରୁବାର କୋରାପୁଟ କମିଟି ସମ୍ମୁଖରେ ସରପଞ୍ଚ ସୋନୁ ହିକକା ଏବଂ ଚାଇଲ୍ଡ ଲାଇନର କର୍ମଚାରୀ ପୂର୍ଣ୍ଣିମା ଦାସ ସ୍ମୃତିରାଣୀଙ୍କୁ ନେଇ ଉପସ୍ଥିତ କରିଥିଲେ । ଶିଶୁ ମଙ୍ଗଳ କମିଟି ଅଧକ୍ଷା ଡ. ଗାୟତ୍ରୀ ଦେବୀ, ସଦସ୍ୟା ସଙ୍ଗିତାରାଣୀ ସାହୁ, ଧର୍ମେନ୍ଦ୍ର ଜେନା, ପ୍ରଭାତ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ । ସ୍ମୃତିରାଣୀଙ୍କ ନିଜସ୍ୱ ମତ କମିଟି ପକ୍ଷରୁ ରେକର୍ଡ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୪ ବର୍ଷ ତଳେ ସ୍ମୃତିରାଣୀଙ୍କ ମାଙ୍କ ମୃତ୍ୟୁ ହୋଇଥିଲା। ଜୁନ ୨୭ରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ଫଳରେ ସ୍ମୃତିରାଣୀ ଅସହାୟ ହୋଇପଡିଥିଲେ। ଏ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି ଜାଣିବା ପରେ ତାଙ୍କ ଗ୍ରାମକୁ ଯାଇ ସ୍ମୃତିରାଣୀ,ତାଙ୍କ ସମ୍ପର୍କୀୟ, ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବାପାଙ୍କ ସୁଦ୍ଧିକ୍ରିୟା ସରିବା ପରେ ସ୍ମୃତିରାଣୀଙ୍କୁ ନେଇ ଶିଶୁମଙ୍ଗଳ କମିଟି ନିକଟରେ ହାଜର କରିବାକୁ ସେତେବେଳେ ଅଧକ୍ଷା ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମାଲକାନଗିରିରୁ ଜଣେ ପଜିଟିଭ

ମାଲକାନଗିରି, ୯।୭(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗୁରୁବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତ ଜଣକ ମାଲକାନଗିରି ପୌର ପରିଷଦ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳର ଜଣେ ଯୁବତୀ ବୋଲି ଜଣାପଡୁଛି। ସେ କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟରେ ଥିବା ଆଦିବାସୀପଡ଼ାରେ ରହନ୍ତି। ଯୁବତୀ ଜଣକ ପୂର୍ବରୁ ଅନେକଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। କରୋନା ଆକ୍ରାନ୍ତ ହୋଇଥିବା ଚିହ୍ନଟ ପରେ ସମ୍ପୃକ୍ତା ଯୁବତୀଙ୍କୁ ପ୍ରଶାସନ କୋଭିଡ୍-୧୯ ଚିକିତ୍ସାଳୟ ନେଇ ଚିକିତ୍ସା କରୁଥିଲା। ବୁଧବାର ସନ୍ଧ୍ୟାରେ ସେ ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇଥିଲେ। ସନ୍ଧ୍ୟାରେ ଜଣେ ଯୁବକ ତାଙ୍କୁ ନେଇଥିଲେ। ଗୁରୁବାର ସକାଳେ ସମ୍ପୃକ୍ତା ଯୁବତୀ ସେହି ଯୁବକଙ୍କ ଘରୁ ଚାଲିଆସି ତାରାତାରିଣୀ ମନ୍ଦିର ନିକଟସ୍ଥ ପାହାଡକୁ ଯାଇ ଲୁଚି ରହିଥିଲେ। ଏହା ଜିଲା ପ୍ରଶାସନ ଜାଣିବା ପରେ ଆଇଆଇସି ରାମପ୍ରସାଦ ନାଗ, ପୌର ନିର୍ବାହୀ ଅଧିକାରୀ ତ୍ରିଶୂଳ ମାରାଣ୍ଡି, ତହସିଲଦାର ଗୁଣନିଧି ନାୟକ ଯୁବତୀ ଜଣକ ଲୁଚିଥିବା ପାହାଡକୁ ଘେରାଉ କରି ତାଙ୍କୁ ଧରି ଆମ୍ବୁଲାନ୍ସ ଯୋଗେ କୋଭିଡ୍-୧୯ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟପକ୍ଷରେ ବୁଧବାର ରାତିରେ ଯୁବତୀ ଜଣକ ରହିଥିବା ଯୁବକଙ୍କ ଘରର ୮ ସଦସ୍ୟ ଏବଂ ତାଙ୍କ ସଂସ୍ପର୍ଶରେ ଆସିଥିବା ୨ଜଣଙ୍କୁ ନେଇ ପ୍ରଶାସନ ସଙ୍ଗରୋଧ ଗୃହରେ ରଖିଛି।

# ସ୍ୱାସ୍ଥ୍ୟ ବ୍ୟବସ୍ଥା, ଉନ୍ନୟନ କାର୍ଯ୍ୟ ବୁଝିଲେ ଜିଲାପାଳ

ରାୟଗଡ଼ା ଅଫିସ, ୯।୭

ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା ଗୁରୁବାର କାଶୀପୁର ବ୍ଲକର ବିଭିନ୍ନ ବୁଲି ସେଠାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସବୁ ପରିଦର୍ଶନ କରିଛନ୍ତି। ହଡିଗୁଡା ପଞ୍ଚାୟତ ଅଧୀନ ଘୁଟଗୁଟ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ତିଆରି ଚାଲିଥିବା ସୁରକ୍ଷା କାନ୍ଥକୁ ଦେଖିଥିଲେ। ଏଥିରେ ନିୟୋଜିତ ଶ୍ରମିକଙ୍କ ସହ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସେଠାରେ ଚାଲିଥିବା ଏକ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ସେଠାରେ ନିର୍ମାଣଧୀନ ୧୫୦ ମିଟର କେନାଲ କାର୍ଯ୍ୟ ବୁଲି ଦେଖିଥିଲେ। ଜାତୀୟ ଖାଦ୍ୟ ଯୋଜନାରେ ଠିକ ଭାବେ ଚାଉଳ ମିଳୁଛି କି ନାହିଁ ସେ ସମ୍ପର୍କରେ ଲୋକମାନଙ୍କୁ ପଚାରି ବୁଝିଥିଲେ। ବାହାରେ ନ ବୁଲିବାକୁ ରାସ୍ତାରେ ଯାଉଥିବା ମହିଳାଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ମମତା ଯୋଜନାର ଲାଭ ହିତାଧିକାରୀମାନେ ଠିକ ଭାବେ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ଜିଲାପାଳ ସେମାନଙ୍କ ବ୍ୟାଙ୍କ ଖାତା ନିଜେ ଦେଖିଥିଲେ। ଦୁଦୁକାବାହାଲି ପଞ୍ଚାୟତ ଅଧୀନ କାଳିଆପଡା ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ତିଆରି ଚାଲିଥିବା ପୋଖରୀ କାମ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲାପାଳ ଶଙ୍କରଡ଼ା ପଞ୍ଚାୟତ ଗସ୍ତରେ ଯାଇ ନବନିର୍ମିତ ପଞ୍ଚାୟତ ଓ ବଜାର ଗୃହ ପରିଦର୍ଶନ କରିଥିଲେ। ବୁଧବାର ଜିଲାପାଳ ରାୟଗଡ଼ା ସଦର ବ୍ଲକ୍ କରୁବାଇ ପଞ୍ଚାୟତ ଜନତା ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସେଠାରେ ଚାଲିଥିବା ଟିକାଦାନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କରୋନା ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରିବାକୁ ଜିଲାପାଳ ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଜିଲାପାଳ ଡାଙ୍ଗଲୋଡ଼ ଓ ପିପିଲଗୁଡ଼ା ପଞ୍ଚାୟତ ଗସ୍ତକରି ସେଠାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହାପରେ ସେଠାରେ କରୋନା ପରିଚାଳନା ସମ୍ବନ୍ଧରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ବୁଲି ଦେଖିବା ସହ କରୋନା ମୁକାବିଲାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।



ଆଶା, ଅଙ୍ଗନୱାଡି କର୍ମୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

## ଜରିମାନା ଗଣିଲେ ବିଧାୟକଙ୍କ ସହ ୩ ଜଣ

ମାଲକାନଗିର, ୯।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପୋଲିସ କ୍ୟାଣ୍ଟିନରେ ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣାକୁ ନେଇ ମଙ୍ଗଳବାର ଭାଜପା ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତି ପରିଡା, ବିଧାୟକ ଆଦିତ୍ୟ ମାଢି ଓ ପୂର୍ବତନ ଏମପି ବଳଭଦ୍ର ମାଝିମାଲକାନଗିରି ଗସ୍ତରେ ଆସି ପୀଡିତାଙ୍କ ପରିବାରଙ୍କୁ ଭେଟିଥିଲେ। ତାଙ୍କ ସହ ଅନେକ ଦଳୀୟ କର୍ମୀ ଆସିଥିଲେ। ସରକାରଙ୍କ କୋଭିଡ୍-୧୯ ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ଜିଲା ପ୍ରଶାସନ ଉପ ସଭାନେତ୍ରୀ ପ୍ରଭାତି ପରିଡା, ବିଧାୟକ ମାଢି, ପୂର୍ବତନ ଏମପି ମାଝୀଙ୍କୁ ଜରିମାନା କରିଛି। ପ୍ରତ୍ୟେକ ୫ଶହ ଟଙ୍କା ଲେଖାଏ ଜରିମାନା ଦେଇଛନ୍ତି। ମାଝୀ କହିଛନ୍ତି ଯେ, ଆମେ ଆଇନ୍ ଉଲ୍ଲଂଘନ କରି ଜରିମାନା ଦେଇଛୁ।

# ପୋଲିସ ଅଭିଯୁକ୍ତଙ୍କୁ ଘଷ୍ଟ ଘୋଡ଼ାଉଛି

- ମାଲକାନଗିରି ପୋଲିସ କ୍ୟାଣ୍ଟିନ ଘଟଣା
- ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଣିଲା ଅଭିଯୋଗ

ରାୟଗଡ଼ା ଅଫିସ,୯।୭:

ମାଲକାନଗିରି ପୋଲିସ କ୍ୟାଣ୍ଟିନରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଘଷ୍ଟ ଘୋଡ଼ାଉଛି ବୋଲି ଭାଜପା ମହିଳା ମୋର୍ଚ୍ଚା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଅଭିଯୋଗ କରିଛି। ରାୟଗଡ଼ା ସର୍କିଟ ହାଉସ୍‌ଠାରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଟିମ୍ ଏହି ଅଭିଯୋଗ କରିଛି। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମାଲକାନଗିରି ଏବଂ କୋରାପୁଟ ଗସ୍ତକରି ବୁଧବାର ରାୟଗଡ଼ାରେ ପହଞ୍ଚିଥିଲା। ସାଧାରଣ ସମ୍ପାଦିକା ବବିତା ପାତ୍ର, ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୩ଦିନ ଧରି ଟିମ୍ କୋରାପୁଟ ଡାକ୍ତର, ମାଲକାନଗିରି ଏସ୍‌ପି, ସିଡିଏମ୍‌ଓ, ଆଇଆଇସି, ମୃତ ମହିଳାଙ୍କ ସ୍ୱାମୀ, ସମ୍ପର୍କୀୟ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା ଓ ଅନୁଧ୍ୟାନ କରିଥିବା ଟିମ୍ ପକ୍ଷରୁ କୁହାଯାଇଛି। ପୋଲିସ ପାଖରେ ସିସିଟିଭି ଫୁଟେଜ ରହିଥିବାବେଳେ ପୀଡ଼ିତାଙ୍କ ସହ ଘଟିଥିବା ଘଟଣାର ସମସ୍ତ ତଥ୍ୟ ସିସିଟିଭିରେ କଏଦ ହୋଇଛି। ଏ ସବୁ କଥା ପୋଲିସ ଜାଣି ମଧ୍ୟ ଅଭିଯୁକ୍ତମାନଙ୍କୁ ଘଷ୍ଟ ଘୋଡ଼ାଉଛି ବୋଲି ଦଳ ଅଭିଯୋଗ କରିଛି। ଏଥିସହ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଭାଜପା ମହିଳା ମୋର୍ଚ୍ଚା ଆନ୍ଦୋଳନ କରିବା ସହ ନ୍ୟାୟାଳୟର ଆଶ୍ରୟ ନେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମହିଳାଙ୍କୁ ଗୁରୁତର ଅବସ୍ଥାରେ ମେ ୭ରେ ମାଲକାନଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥିତି ଗମ୍ଭୀର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିଲା। ତେବେ ବାଟରେ ରାୟଗଡ଼ା ନିକଟରେ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଭତ୍ତା, ୫ କେଜି ଚାଉଳରେ ବିତୁଛି ଜୀବନ

### ଭିନ୍ନକ୍ଷମ ଦମ୍ପତି କିଶୋର, ପାର୍ତି

ମାଲକାନଗିରି,୯।୭(ସ୍ୱ.ପ୍ର.)

କାଲିମେଳା ବ୍ଲକ ଏମ୍‌ପିଭି-୪୨ ଗ୍ରାମରେ ରୁହନ୍ତି ଭିନ୍ନକ୍ଷମ ଦମ୍ପତି କିଶୋର ହାଲ୍‌ଦାର ଓ ପାର୍ତି ହାଲ୍‌ଦାର। ଉଭୟେ ଭିନ୍ନକ୍ଷମ ହେଲେ ମଧ୍ୟ ଦୀର୍ଘ ୮ ବର୍ଷ ଧରି ମିଳିମିଶି ସବୁ କାର୍ଯ୍ୟ କରିଆସୁଛନ୍ତି । କିଶୋର ଭଲ ରୋଷେଇ କରିପାରନ୍ତି। ଗ୍ରାମ ସହ ଆଖପାଖ ଅଞ୍ଚଳରେ ଭୋଜିଭାତ ହେଲେ ତାଙ୍କୁ ଖୋଜାପଡ଼େ। ସେଥିରୁ ଯାହା ରୋଜଗାର ହୁଏ ଉଭୟେ ଚଳିଯାଉଥିଲେ। ଏବେ କରୋନା କଟକଣା ପାଇଁ ଭୋଜିଭାତ ସବୁ ବନ୍ଦ। ଫଳରେ ଉଭୟଙ୍କ ରୋଜଗାର ନାହିଁ। ବର୍ତ୍ତମାନ କେବଳ ରାଶନ କାର୍ଡରେ ମୁଣ୍ଡ ପିଛା ମିଳୁଥିବା ୫ କେଜି ଚାଉଳ ଓ ମାସକୁ ଭତ୍ତା ୫୦୦ ଟଙ୍କା ସେମାନଙ୍କ ଭରସା। ଚାଳଛପର ଘରେ ବଡ଼ କଷ୍ଟରେ ଚଳୁଛନ୍ତି ଏହି ଦମ୍ପତି। ଇନ୍ଦିରା ଆବାସଟିଏ ମଧ୍ୟ ମିଳିନାହିଁ ସେମାନଙ୍କୁ। କେବଳ ଭତ୍ତା ଓ ଜଣ ପିଛା ୫ କେଜି ଚାଉଳ ଦେଇ ପ୍ରଶାସନ ସାରିଦେଇଛି ନିଜ କର୍ତ୍ତବ୍ୟ।

# କୋଭିଡ୍ କେୟାର ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ

### ସଂକ୍ରମିତଙ୍କ ଚିଠି ଭାଇରାଲ

ଗୁଣପୁର,୯।୭(ଡି.ଏନ୍.ଏ.):

ଗୁଣପୁର,୯।୭(ଡି.ଏନ୍.ଏ.): କୋଭିଡ ସେଣ୍ଟରରୁ ଜଣେ ସଂକ୍ରମିତଙ୍କ ଚିଠି ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। କୋଭିଡ୍ ସେଣ୍ଟରରେ ସଂକ୍ରମିତମାନେ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହୁଥିବା ସେଥିରେ ଉଲ୍ଲେଖ ରହିଛି। ଖବରରୁ ଜଣାପଡିଛି ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ବିଜୟପୁର ଗ୍ରାମରୁ ୯୦ ସଂକ୍ରମିତ ଚିହ୍ନଟ ହେବାପରେ ସେମାନଙ୍କୁ ଗୁଣପୁର ଏବଂ ଜେକେପୁରସ୍ଥିତ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ତେବେ ଗୁଣପୁର ସେଣ୍ଟରରେ ବିଭିନ୍ନ ଅବ୍ୟବସ୍ଥା ନେଇ ଚିଠି ଭାଇରାଲ୍ ହେବାପରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାକୁ ନେଇ ପ୍ରଶ୍ନ ଉଠିଛି। ସଂକ୍ରମିତଙ୍କ ଅଭିଯୋଗ କରି କହିଛନ୍ତି ଯେ, ପରିବାର ଲୋକେ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ୮ଦିନ ତଳେ ପ୍ରଥମେ ଗୁଣପୁର କୋଭିଡ୍ ସେଣ୍ଟରରେ ରଖାଯାଇଥିଲା। ପରେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଜେକେପୁରକୁ ସ୍ଥାନାନ୍ତର କରାଯାଇଥିଲା। ପରିବାରର ଅନ୍ୟ କେତେକ ସଦସ୍ୟମାନେ ଗୁଣପୁର କୋଭିଡ୍ ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଜେକେପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁବିଧା ରହିଥିବା ଏବଂ ଠିକ୍‌ଭାବେ ଚିକିତ୍ସା କରାଯାଉଛି। ତେବେ ଗୁଣପୁର ସେଣ୍ଟରରେ ଅବହେଳା କରାଯାଉଥିବା ନେଇ ସେ ଚିଠିରେ ଲେଖିଛନ୍ତି। ଖାଦ୍ୟ, ପାନୀୟ ଏବଂ ଔଷଧ ଠିକ୍‌ଭାବେ ମିଳୁନାହିଁ। ଜେକେପୁରରେ ଡାକ୍ତର ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। କିନ୍ତୁ ଗୁଣପୁରରେ ତାହା ହେଉ ନାହିଁ। ଏ ନେଇ ଗୁଣପୁର କୋଭିଡ୍ ସେଣ୍ଟର ନୋଡାଲ ଅଧିକାରୀ ରମଣୀ ରଞ୍ଜନ ପାଢୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପରେ ଏହାର ତଦନ୍ତ କରାଯାଇଛି। ଅଭିଯୋଗର ସତ୍ୟତା ନାହିଁ, ଏଠାରେ ସମସ୍ତ ସୁବିଧା ପ୍ରଦାନ କରାଯାଉଛି।

# ଝରିଗାଁ, ବୈପାରିଗୁଡ଼ାରେ ଭାରରେ ବୁହାହେଲେ ଗର୍ଭବତୀ, ରୋଗୀ

ଝରିଗାଁ/ବୈପାରିଗୁଡା/କୁନ୍ଦୁରା, ୯।୭(ସ୍ୱ.ପ୍ର./ଡି.ଏନ.ଏ.)



ଝରିଗାଁରେ ଗର୍ଭବତୀଙ୍କୁ ଖଟିଆରେ ବୁହାଯାଉଛି।



ବୈପାରିଗୁଡ଼ାରେ ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀଙ୍କୁ ବୋହି ନେଉଛନ୍ତି ।

ଗାଁ ରାସ୍ତା ଖରାପ, ଆସି ପାରିଲାନି ଆମ୍ବୁଲାନ୍ସ। ପରିବାର ଲୋକେ ଖଟିଆରେ ଗର୍ଭବତୀଙ୍କୁ ବୋହି ନେଲାବେଳେ ବାଟରେ ହେଲା ପ୍ରସବ। ଜନନୀ ଯନ୍ତ୍ରଣାର ଏଭଳି ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ପଞ୍ଚାୟତ ମାଣ୍ଡାଡଙ୍ଗରୀ ଗାଁରେ।

ମାଣ୍ଡାଡଙ୍ଗରୀ ଗାଁର ବିଷ୍ଣୁ ସାନ୍ତାଙ୍କ ସ୍ତ୍ରୀ ପରମା(୨୦)ଙ୍କୁ ଗୁରୁବାର ସକାଳେ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଲା ସତ, କିନ୍ତୁ ରାସ୍ତା ଖରାପ ଥିବା ହେତୁ ସେ ଗାଁ ଭିତରକୁ ଯାଇପାରିଲା ନାହିଁ। ଫଳରେ ଗ୍ରାମବାସୀ ପରମାଙ୍କୁ ଏକ ଖଟିଆରେ ବୋହିଥିଲେ। ପରମା ଅଧାବାଟରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପରିବାର ଲୋକେ ଉଭୟ ମା' ଓ ଶିଶୁଙ୍କୁ ପୁଣି ଖଟିଆରେ ବୋହି ଝରିଗାଁ-ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହିଥିଲେ।

ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମା' ଓ ଶିଶୁ ପୁତ୍ର ଉଭୟ ସୁସ୍ଥ ଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ କହିଛନ୍ତି।

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ହଳଦୀକୁଣ୍ଡ ପଞ୍ଚାୟତ ବାଘବେଡା ଗ୍ରାମରେ ଜଣେ ରୋଗୀଙ୍କୁ ଗୁରୁବାର ୨ କି.ମି. ବୋହି ଆଣିଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ । ଉକ୍ତ ଗ୍ରାମର ତିଳ ଗୌଡା (୩୦) ଗଛରୁ ପଡିଯିବାରୁ ତାଙ୍କ କାନ୍ଧ ହାଡ ଭାଙ୍ଗି ଯାଇଥିଲା । ଖବର ପାଇ କୁନ୍ଦୁରା ମେଡିକାଲ୍‌ର ୧୦୮ ଆମ୍ବୁଲାନ୍ସ ତାଙ୍କୁ ନେବାକୁ ଗ୍ରାମକୁ ଆସୁଥିଲା। ଉକ୍ତ ଗ୍ରାମକୁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ଫଳରେ ବାଧ ହୋଇ ଆମ୍ବୁଲାନ୍ସ କର୍ମଚାରୀ ଗ୍ରାମକୁ ଯାଇ ରୋଗୀଙ୍କୁ ଭାରକରି ଆମ୍ବୁଲାନ୍ସ ଥିବା ସ୍ଥାନକୁ ବୋହି ଆଣିଥିଲେ।

## ଜିଓ-ବିପି ପାର୍ଟନରଶିପ୍ ଶୁଭାରମ୍ଭ

ନୂଆଦିଲ୍ଲୀ : ବିପି ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଭାରତରେ ନୂଆ ତୈଳ ଏବଂ ମୋବିଲିଟି ଭେଞ୍ଚର ରିଲାଏନ୍ସ ବିପି ମୋବିଲିଟି ଲିମିଟେଡ୍ ଶୁଭାରମ୍ଭ କରାଯାଇଛି। ୨୦୧୯ ଏ ନେଇ ୨ କମ୍ପାନୀ ଚୁକ୍ତି କରିଥିଲେ। ଯୌଥ ଉଦ୍ୟୋଗରେ ବିପି ୪୯% ଅଂଶଧନ ହାସଲ କରିଥିବା ବେଳେ ରିଲାଏନ୍ସ ନିକଟରେ ୫୧% ଅଂଶଧନ ରହିଛି।

## ସଂକ୍ଷେପରେ

### କୋଭିଡ୍ ଯୋଦ୍ଧାଙ୍କୁ ରୂପ୍ ମନ୍ତ୍ରାର ସମ୍ମାନ



ନୂଆଦିଲ୍ଲୀ,୯।୭ : କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ପ୍ରମୁଖ ବ୍ରାଣ୍ଡ ରୂପ୍ ମନ୍ତ୍ରା ନୂଆ ଗୀତ ଶୁଭାରମ୍ଭ କରିଛି। 'ତୁମ୍‌କୋ ନମନ' ନାମରେ ଏହି ଗୀତକୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାଓ ଏବଂ ଉତ୍ତରାଖଣ୍ଡ ଡିଜି ଅଶୋକ କୁମାର ଉନ୍ମୋଚନ କରିଥିଲେ। ପ୍ରଥମଥର ଲାଗି ୫୦ କଳାକାର ଏକତ୍ର ହୋଇ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଏହାକୁ ଉତ୍ସର୍ଗ କରିଥିଲେ। ଉତ୍ତରାଖଣ୍ଡ ପୋଲିସରେ ମହିଳା କନଷ୍ଟେବଲ ସୋନିଆ ଜୋଶୀ ଏହି ଗୀତକୁ ରଚନା କରିଛନ୍ତି। ଓପି ଭରଦ୍ୱାଜ ଏହାର ପ୍ରଯୋଜନା କରିଥିବା ବେଳେ ଅରବିନ୍ଦ ଭରଦ୍ୱାଜ ନିର୍ଦ୍ଦେଶନା ଦେଇଛନ୍ତି। ଗୀତଟିକୁ ରୁହାନ ଭରଦ୍ୱାଜ, ହିମାଂଶୁ ଦରମୋରା, ପୂଜା ଭରଦ୍ୱାଜ, ଗୌତମ ଭରଦ୍ୱାଜ, ଅଭିନାଶ ଭରଦ୍ୱାଜ, ଅର୍ପିତ ଶିଖର, ସ୍ୱାତୀ ଆର୍ଯ୍ୟା ଏବଂ ଅଭିଳାଷା ସତୀ ପ୍ରମୁଖ କଣ୍ଠଦାନ କରିଛନ୍ତି।

### ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ପରିତ୍ୟାଗ କଲା ଆମାଜନ

ନୂଆଦିଲ୍ଲୀ,୯।୭ : ଆମାଜନ ଇଣ୍ଡିଆ ସାରା ଦେଶରେ ଥିବା ଏହାର ୫୦ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟରରେ ସମସ୍ତ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଦିଗରେ ସଫଳତା ହାସଲ କରିଛି। ପରିବେଶ ଅନୁକୂଳ ସ୍ଥାୟୀ ଯୋଗାଣ ଶୃଙ୍ଖଳା ନିର୍ମାଣ ଦିଗରେ କମ୍ପାନୀ ଏଭଳି ପ୍ରୟାସ କରିଛି। ଏହି ଯୋଜନା ଗତବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଜୁନ ସୁଦ୍ଧା ଲକ୍ଷ୍ୟ ହାସଲ କରିବା ଲାଗି ଯୋଜନା ରହିଥିଲା। ୨୦୧୯ ଡିସେମ୍ବରରେ କମ୍ପାନୀ ପ୍ରଥମ ସଫଳତା ଲାଭ କରିଥିଲା।

# ରାଣା କପୁରଙ୍କ ୨୨୦୦ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୯।୭



ବେଆଇନ ଋଣ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରିଛି। ତାଙ୍କ ବିରୋଧରେ ଇଡି ବେଆଇନ ଅର୍ଥ କାରବାର ନିରୋଧୀ ଆଇନରେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୁରୁବାର ରାଣା କପୁରଙ୍କ ୨୨୦୦ କୋଟିର ସମ୍ପତ୍ତିକୁ ଏହି ଏଜେନ୍ସି ଜବତ କରିଛି। ଏହାବାଦ୍ ଡିଏଚ୍‌ଏଫ୍‌ଏଲ୍‌ର ପ୍ରମୋଟର କପିଲ ଏବଂ ଧୀରଜ ୱାଧୱାନଙ୍କ କମ୍ପାନୀ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିଭଳି ଇଡି ରାଣା କପୁରଙ୍କ କିଛି ବିଦେଶୀ କମ୍ପାନୀ ଉପରେ ମଧ୍ୟ କଟକଣା ଲଗାଇଛି। ୟେସ୍ ବ୍ୟାଙ୍କରୁ ବୃହତ୍ ପରିମାଣର ଋଣ ପ୍ରଦାନ ଦ୍ୱାରା କପୁର ଅନୁକମ୍ପା ଲାଭ କରୁଥିବା ଇଡି ଏହାର ଅଭିଯୋଗରେ କହିଛି।

ଏହି ମାମଲାରେ ପ୍ରାୟ ୪,୩୦୦ କୋଟି ଟଙ୍କା ହେରଫେର କରାଯାଇଛି। ପ୍ରଦାନ କରାଯାଇଥିବା ଏହି ଋଣ ପରେ ଏନ୍‌ପିଏ ବୋଲି ଘୋଷଣା କରାଯାଇଥିଲା। କପୁରଙ୍କୁ ଇଡି ଚଳିତ ବର୍ଷ ମାର୍ଚ୍ଚରେ ଗିରଫ କରିଛି। ବର୍ତ୍ତମାନ ତାଙ୍କ ବିରୋଧରେ ନ୍ୟାୟିକ ପ୍ରକ୍ରିୟା ଜାରି ରହିଛି। ସୂଚନା ମୁତାବକ ଅମୃତା ସେରଗିଲ ମାର୍ଗରେ ଥିବା ବଙ୍ଗଳା ସହ ଲଣ୍ଡନ ଏବଂ ନ୍ୟୁୟର୍କର ସମ୍ପତ୍ତି ଜବତ ହୋଇଥିବା ଜଣାପଡ଼ିଛି। ଏଗୁଡ଼ିକର ମୂଲ୍ୟ ପ୍ରାୟ ୧୨୦୦ କୋଟି ଟଙ୍କା ହେବ। ଉକ୍ତ ମାମଲାରେ ଏହା ପ୍ରଥମ ବିଦେଶୀ ସମ୍ପତ୍ତି ଜବତ। ଏହା ପୂର୍ବରୁ ଉକ୍ତ ଏଜେନ୍ସି ୫୦ କୋଟି ଟଙ୍କାର ସ୍ଥାନୀୟ ସମ୍ପତ୍ତି ଜବତ କରିଥିଲା। ଏହାବାଦ୍ ଇଡି ୱାଧୱାନ ଭ୍ରାତାଙ୍କର ୧୪୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ଜଣାପଡ଼ିଛି। ଭାରତ ଏବଂ ବିଦେଶରେ ସେମାନଙ୍କ ନାମରେ ରହିଥିବା ସମ୍ପତ୍ତି ଏଥିରେ ସାମିଲ ରହିଛି। ସମ୍ପତ୍ତିଗୁଡ଼ିକ ପୁଣେ, ଅଷ୍ଟ୍ରେଲିଆ, ନ୍ୟୁୟର୍କ ଏବଂ ଲଣ୍ଡନ ଭଳି ସ୍ଥାନରେ ରହିଛି।

# ସେପ୍ଟେମ୍ବର ସୁଦ୍ଧା ଲାଗୁ ହୋଇପାରେ ବେତନ କୋଡ୍

ନୂଆଦିଲ୍ଲୀ,୯।୭

ବେତନ କୋଡ୍-୨୦୧୯ ଚଳିତ ବର୍ଷ ସେପ୍ଟେମ୍ବରରେ ଲାଗୁ ହୋଇ ପାରେ। ଏ ନେଇ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଡ୍ରାଫ୍ଟ ନିୟମ ଜାରି କରାଯାଇଛି। ଶ୍ରମ ଆଇନ ସଂସ୍କାରର ପ୍ରଥମ ପଦକ୍ଷେପ ଭାବେ ଏହାକୁ ଲାଗୁ କରାଯିବ। ଲୋକଙ୍କ ମତାମତ ଲାଗି ଏହାକୁ ପ୍ରଦାନ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ସୂଚନା ଦେଇଛନ୍ତି। ଶ୍ରମିକଙ୍କ ଲାଗି ସର୍ବନିମ୍ନ ମଜୁରି ପ୍ରଦାନ ତଥା ବେତନ ପ୍ରଦାନରେ ବିଳମ୍ବ ଭଳି ସମସ୍ୟାକୁ ଧ୍ୟାନରେ ରଖି ସରକାର ଗତ ବର୍ଷ ଅଗଷ୍ଟରେ ଏ ସଂକ୍ରାନ୍ତ ନିୟମରେ ପରିବର୍ତ୍ତନକୁ ମଞ୍ଜୁରୀ ଦେଇଥିଲେ। ମଙ୍ଗଳବାର ଡ୍ରାଫ୍ଟ ନିୟମକୁ ଜାରି କରାଯାଇଛି। ୪୫ ଦିନ ଯାଏ ଏ ବାବଦରେ ଲୋକଙ୍କ ମତାମତ ଲାଗି ଉନ୍ମୁକ୍ତ ରହିବ। ନୂଆ ନିୟମ କାର୍ଯ୍ୟକାରୀ ହେଲେ ଦେଶର ୫୦ କୋଟି ଶ୍ରମିକ ଲାଭବାନ ହୋଇ ପାରିବେ। ନୂଆ କୋଡରେ ୪ ଶ୍ରମ କୋଡକୁ ବିଲୀନ କରାଯାଇଥିବା ଜଣାପଡ଼ିଛି।

# ବେଦାନ୍ତ ଲାଞ୍ଜିଗଡ଼ର ସୁରକ୍ଷା ପଦକ୍ଷେପ

ଭୁବନେଶ୍ୱର,୯।୭

ବେଦାନ୍ତ ଲିମିଟେଡ୍‌ର ଲାଞ୍ଜିଗଡ଼ ୟୁନିଟ୍ ପକ୍ଷରୁ କରୋନା ବିରୋଧରେ ଲଢ଼ିବା ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଲାଞ୍ଜିଗଡ଼ସ୍ଥିତ ରିଫାଇନେରି ତଥା ଏହାର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ କମ୍ପାନୀ ବିଭିନ୍ନ ନିରାପତ୍ତା କାର୍ଯ୍ୟକ୍ରମ ଗ୍ରହଣ କରିଥିବା ଜଣାପଡ଼ିଛି। କୋଭିଡ୍-୧୯ ନିରାପତ୍ତା ଏବଂ ପ୍ରତିଷେଧ ମୂଳକ କାର୍ଯ୍ୟକ୍ରମ ଦ୍ୱାରା କମ୍ପାନୀ ପ୍ରାୟ ୧ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିପାରିଛି। କମ୍ୟୁନିଟି, ଆସୋସିଏଟ ପାର୍ଟନର, କର୍ମଚାରୀ, ଅଂଶୀଦାରଙ୍କ ପରିବାରକୁ ସଚେତନ କରାଯିବା ସହ ସାନିଟାଇଜ କରାଯାଉଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ନିୟମକୁ ପାଳନ କରାଯିବ ସହ ସାମାଜିକ ଦୂରତ୍ୱ ଏବଂ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ୟୁନିଟ୍ ପରିଚାଳନା କରାଯାଉଛି। ବେଦାନ୍ତର ଆଲୁମିନା ବିଜ୍‌ନେସ ସିଇଓ ରାହୁଲ ଶର୍ମା କହିଛନ୍ତି ଯେ, ଅଂଶୀଦାର ଏବଂ କର୍ମଚାରୀଙ୍କ ସୁରକ୍ଷାକୁ କମ୍ପାନୀ ପକ୍ଷରୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। କରୋନା ବିରୋଧରେ ମିଳିତ ହୋଇ ଲଢ଼ିବାର ସମୟ ଆସିଛି। ଏ ଦିଗରେ କମ୍ପାନୀ ଯୋଗଦାନ ଜାରି ରଖିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ତନିସ୍କରେ ଅଫର ସମ୍ଭାର

ଭୁବନେଶ୍ୱର,୯।୭




ତନିସ୍କ ପକ୍ଷରୁ ସର୍ବବୃହତ ଗହଣା ବିକ୍ରି ବିଷୟରେ ଘୋଷଣା କରାଯାଇଛି। କମ୍ପାନୀର ଅଫର ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ସମୟରେ ଗ୍ରାହକ ତନିସ୍କ ପକ୍ଷରୁ ହୀରା ଗହଣା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଓ ସୁନା ଗହଣାରେ ଗ୍ରାମ ପିଛା ୩ଶହ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର ସିମୀତ ସମୟ ପାଇଁ ବୈଧ ରହିଛି। ସୁନା, ହୀରା, ସୋଲିଟାୟାର ଓ ପ୍ଲାଟିନମ ଗହଣାର ବ୍ୟାପକ ସମ୍ଭାର ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ତନିସ୍କ ପକ୍ଷରୁ ପୁରୁଣା ସୁନାଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ ପ୍ରଦାନ କରାଯାଉଛି। ଏହି ଅଫର ୨୨କ୍ୟାରେଟରୁ ଅଧିକ ମାନର ଯେକୌଣସି ସୁନାଗହଣା ଓ ହୀରା ଗହଣା କିଣାକିଣି ଉପରେ ବୈଧ ରହିବ। ତନିସ୍କ ପକ୍ଷରୁ ନିକଟରେ ଏହାର ସଦ୍ୟତମ ଗହଣା ସମ୍ଭାର ଉନ୍ମୋଚନ କରାଯାଇଛି। ଯାହା ଏକ ନୂତନ ଆରମ୍ଭ ପାଇଁ ମାନବିକ ଭାବରେ ସହନଶୀଳତାକୁ ପ୍ରତିଫଳିତ କରୁଛି। ଆରମ୍ଭରେ ରହିଛି ଜଟିଳତା ଓ ଅତି ସୂକ୍ଷ୍ମ କାରିଗରୀର ଏଥନୋ କଣ୍ଟେମ୍ପରାରୀ(ସମସାମୟିକ) ଡିଜାଇନ ରହିଛି। ଯାହା ଏହି ସମ୍ଭାରକୁ ଏଥନିକ ଓ ଆଧୁନିକତାର ଏକ ନିରବଚ୍ଛିନ୍ନ ମିଶ୍ରଣରେ ପ୍ରଦାନ କରିଛି। ଏହି ଅଫର ସମ୍ପର୍କରେ ତନିସ୍କର ଗହଣା ଡିଭିଜନ ମାର୍କେଟିଂ ମହାପ୍ରବନ୍ଧକ ରଞ୍ଜନୀ କୁମାର ସ୍ୱାମୀ କହିଛନ୍ତି ଯେ, ଗହଣା କିଣିବା ସର୍ବଦା ଏକ ସ୍ୱତନ୍ତ୍ର ମୁହୂର୍ତ୍ତ । ଏହା ଗ୍ରାହକର ଭାବାବେଗ ମାଇଲଖୁଣ୍ଟ ସମ୍ପର୍କ ଓ ସ୍ମୃତି ସହ ଜଡ଼ିତ ରହିଛି। ପର୍ବପର୍ବାଣୀ ସହ ବିବାହ ଋତୁକୁ ଆଖିରେ ରଖି କମ୍ପାନୀ ଏହି ଅଫର ଗ୍ରାହକଙ୍କ ପାଇଁ ଆଣିଛି।

## ମାରୁତି ସୁଜୁକି-ଆକ୍ସିସ ବ୍ୟାଙ୍କ ଚୁକ୍ତି

ଭୁବନେଶ୍ୱର,୯।୭

ଗ୍ରାହକଙ୍କୁ ସହଜ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଲାଗି ମାରୁତି ସୁଜୁକି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏଥିଲାଗି ଆକ୍ସିସ ବ୍ୟାଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। ଡିଲର ଇନ୍‌ଭେଣ୍ଟୋରି ଫଣ୍ଡିଂ, ଫାଇନାନ୍ସ ସମାଧାନ ଦେବାରେ ଆକ୍ସିସ ବ୍ୟାଙ୍କ ମାରୁତି ସୁଜୁକି ସହ ମିଳିତ ହୋଇ କାମ କରିବ। ସାରା ଦେଶରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କମ୍ପାନୀର ୩ ହଜାରରୁ ଅଧିକ ଆଉଟଲେଟ୍ ଏବଂ ଆକ୍ସିସ ବ୍ୟାଙ୍କର ୪୫୦୦ରୁ ଅଧିକ ଶାଖା ନେଟ୍‌ୱର୍କକୁ ବ୍ୟାପକ ଭାବେ ବ୍ୟବହାର କରାଯିବ। ଗ୍ରାହକଙ୍କୁ ସୁବିଧାଜନକ, ସୁଲଭ ଏବଂ ବ୍ୟୟ ମିତବ୍ୟୟୀ ଫାଇନାନ୍ସ ସୁବିଧା ଦେବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଉନ୍ନତ ଫାଇନାନ୍ସ ସୁବିଧାକୁ ବିଚାରକରି ଚୁକ୍ତିରେ ସାମିଲ ହୋଇଥିବା ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଳୟ ମଣ୍ଡଳ କହିଛନ୍ତି।

# ସାମ୍‌ସଙ୍ଗ ଗ୍ୟାଲେକ୍ସିର ନୂଆ ମଡେଲ

ନୂଆଦିଲ୍ଲୀ,୯।୭

ସାମ୍‌ସଙ୍ଗ ପକ୍ଷରୁ ଭାରତ ବଜାରରେ ଏହାର ବହୁ ପ୍ରତୀକ୍ଷିତ ଗ୍ୟାଲେକ୍ସି ଏସ୍ ୨୦ ପ୍ଲସ୍‌ର ବିଟିଏସ୍ ସଂସ୍କରଣ ଏବଂ ଗ୍ୟାଲେକ୍ସି ବଡ୍‌ସ ପ୍ଲସ୍‌ର ପ୍ରିବୁକିଂ ଘୋଷଣା କରାଯାଇଛି। ବିଟିଏସ୍‌ର ମିଳିତ ସହଯୋଗରେ ଏହି ୨ ମଡେଲର ଭାରତରେ ପ୍ରିବୁକିଂ ଜୁଲାଇ ପହିଲାରୁ ହେଉଛି। ଏହାବାଦ୍ ସାମ୍‌ସଙ୍ଗ ଗାଲେକ୍ସି ଏସ୍୨୦ ଅଲ୍‌ଟ୍ରାର ପ୍ରିବୁକିଂ ମଧ୍ୟ ଆରମ୍ଭ କରିଛି। ଏହା କ୍ଲାଉଡ୍ ହ୍ୱାଇଟ ରଙ୍ଗରେ ଉପଲବ୍ଧ। ଏହି ମଡେଲଟି କମ୍ପାନୀର ସବୁଠାରୁ ପ୍ରିମିୟମ ଫ୍ଲାଗ୍‌ଶିପ ଫୋନ ହୋଇଥିବା ବେଳେ ୧୦୮ ମେଗା ପିକ୍ସେଲ କ୍ୟାମେରା ଏବଂ ୧୦୦ ଏକ୍ସ ସ୍ପେସ୍ ଜୁମ୍ ସହ ଆସୁଛି। ଏହା କମ୍ପାନୀର ନିଜସ୍ୱ ପ୍ଲାଟ୍‌ଫର୍ମରେ ବୁକିଂ ହୋଇପାରିବ। ବିଟିଏସ୍ ଏଡିଶନର ବଜାର ଦର ୮୭,୯୯୯ ଟଙ୍କା ରହିଛି। ବିଟିଏସ୍ ଏଡିଶନର ଗ୍ୟାଲେକ୍ସି ବଡ୍‌ସର ବଜାର ଦର ୧୪,୯୯୦ ଟଙ୍କା ଥିବା ବେଳେ ଗ୍ୟାଲେକ୍ସି ଅଲ୍‌ଟ୍ରା ହ୍ୱାଇଟ ଭାରିଆଣ୍ଟର ବଜାର ଦର ୯୭,୯୯୯ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ରାଜ୍ୟ ଖବର

# ଅଧ୍ୟାପିକାଙ୍କୁ ଚକୋଲେଟ୍ ଦେଇଛି ଭିନ୍ନ ଏକ ପରିଚୟ

ନବରଙ୍ଗପୁର,୯।୭ (ବି.ପ୍ର.)



ସଙ୍ଗୀତା ଓ ତାଙ୍କ ହାତ ତିଆରି ଚକୋଲେଟ୍ ଗୋଲୁସ ଚକ୍ଲି।

- ପାପଡ଼ାହାଣ୍ଡି ବଜାରରେ ଅଧ୍ୟାପିକାଙ୍କ ଗୋଲୁସ ଚକ୍ଲିର ଚାହିଦା
- ଅନ୍ୟ ମହିଳାଙ୍କ ପାଇଁ ପାଲଟିଲେ ଉଦାହରଣ
- ଘରୋଇ ଉଦ୍ୟୋଗ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରଶୀଳ ହୁଅନ୍ତୁ: ସଙ୍ଗୀତା

ପିଲାରୁ ବୟସ୍କ ଯାଏଁ ସମସ୍ତଙ୍କର ଚକୋଲେଟ୍ ପାଇଁ ଥାଏ ଦୁର୍ବଳତା। ବଜାରରେ ମଧ୍ୟ ଚକୋଲେଟ୍‌ର ଚାହିଦା ବେଶ୍ ରହିଛି। ସେଥିପାଇଁ ଏହାକୁ ରୋଜଗାର ମାଧ୍ୟମ କରିବାକୁ ମନ ବଳାଇଲେ ପାପଡ଼ାହାଣ୍ଡିର ସଙ୍ଗୀତା ସାହୁ। ସଙ୍ଗୀତା ପାପଡ଼ାହାଣ୍ଡିସ୍ଥିତ ଏକ ଘରୋଇ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ଅଧ୍ୟାପିକା। କଲେଜ କାମ ପରେ ସେ ଚକୋଲେଟ୍ ତିଆରିକୁ ଦିଅନ୍ତି ସମୟ। ଏବେ ଚକୋଲେଟ୍ ମେକରଭାବେ ପାପଡ଼ାହାଣ୍ଡିରେ ସେ ଜଣାଶୁଣା।

ନୂତନ ଜ୍ଞାନକୌଶଳ ଓ ବିଜ୍ଞାନ କାରିଗରି ମାଧ୍ୟମରେ ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ୨୦୧୮ରୁ ନବରଙ୍ଗପୁରରେ ୧୨ଟି କୃଷି ବୈଜ୍ଞାନିକ ସଂସ୍ଥା କାମ କରୁଛି। ଏହି ସଂସ୍ଥା ସବୁ ମହିଳାଙ୍କ ଆର୍ଥିକ ବିକାଶ ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ତାଲିମ ଦେଉଛି। ଘରୋଇ ଉଦ୍ୟୋଗ ମାଧ୍ୟମରେ ଆର୍ଥିକ ବିକାଶ ଲକ୍ଷ୍ୟ ନେଇ ହାଇଦ୍ରାବାଦର ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ସିଏଫ୍‌ଟିଆର୍‌ଆଇ)ରେ ନବରଙ୍ଗପୁର ଜିଲାର ୨୪ ମହିଳାଙ୍କୁ ତାଲିମ ଦିଆଯାଇଥିଲା। ସେଠାରେ ଫ୍ରୁଟ୍ ଜୁସ୍, ଆଚାର, କେକ୍ ଓ ଚକୋଲେଟ୍ ତିଆରି ତାଲିମ ଦିଆଯାଇଥିଲା। ସଙ୍ଗୀତା ୨୦୧୯ରେ ସିଏଫ୍‌ଟିଆର୍‌ଆଇକୁ ତାଲିମ ପାଇଁ ଯାଇଥିଲେ। ସେଠାରୁ ପ୍ରଶିକ୍ଷଣ ନେଇ ଆସିବା ପରେ ସେ ଘରେ ବିଭିନ୍ନ ଫ୍ଲେଭର ଚକୋଲେଟ୍ ତିଆରି କରିଥିଲେ। ହାତ ତିଆରି ଚକୋଲେଟ୍‌ର ନାମ 'ଗୋଲୁସ ଚକ୍ଲି' ରଖିଛନ୍ତି ସଙ୍ଗୀତା। ଚକୋଲେଟ ତିଆରିରେ ଶାଶୁ ଓ ସ୍ୱାମୀ ସହଯୋଗ କରୁଛନ୍ତି। ଏହି ଗୋଲୁସ ଚକ୍ଲିର ଚାହିଦା ପାପଡ଼ାହାଣ୍ଡି ବଜାରରେ ବେଶ୍ ରହିଛି। ପ୍ରତ୍ୟେକ ଚକୋଲେଟ୍‌ର ଦାମ ରହିଛି ମାତ୍ର ୫ଟଙ୍କା। ଜନ୍ମଦିନ ଓ ଅନ୍ୟାନ୍ୟ ଉତ୍ସବ ଅବସରରେ ଲୋକେ ଅର୍ଡର ଦେଇ ଚକୋଲେଟ୍ ନେଉଛନ୍ତି ବୋଲି ସଙ୍ଗୀତା କହିଛନ୍ତି। ଚକୋଲେଟ୍‌ରୁ ମାସିକ ୧୦ହଜାର ଟଙ୍କା ରୋଜଗାର କରୁଥିବା ସେ କହିଛନ୍ତି। ୫୦ ଓ ୧୦୦ଟି ଚକୋଲେଟ୍‌କୁ ନେଇ ଦୁଇ ପ୍ରକାର ଆକର୍ଷଣୀୟ ପ୍ୟାକିଂ କରାଯାଉଛି। ଏଥିରେ କୌଣସି କେମିକାଲ ବ୍ୟବହାର କରାଯାଉନାହିଁ। ୨କିଲୋ ଚକୋଲେଟ୍ ହାତରେ ତିଆରି କଲେ ୩ ଘଣ୍ଟା ଲାଗୁଛି। ମେଶିନ ସାହାଯ୍ୟରେ ହେଲେ ଉକ୍ତ ୨ କିଲୋକୁ ୭ ମିନିଟ ଲାଗିବ ବୋଲି ସଙ୍ଗୀତା କହିଛନ୍ତି। ଚକୋଲେଟକୁ ନେଇ ଘରୋଇ କୁଟୀରଶିଳ୍ପ ମାଧ୍ୟମରେ ମହିଳାମାନଙ୍କୁ ରୋଜଗାର ପ୍ରଦାନ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ସଙ୍ଗୀତା। ଘରୋଇ ଉଦ୍ୟୋଗ ସ୍ଥାପନ ପାଇଁ ପ୍ରଶାସନ ଆର୍ଥିକ ସହାୟତା ପ୍ରଦାନ କଲେ ଅଧିକ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି।

# ୫ ଡାକ୍ତରଙ୍କୁ କରୋନା, ବଢୁଛି ଚିନ୍ତା

ଭଞ୍ଜନଗର/ଦିଗପହଣ୍ଡି,୯।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ବହୁ ଆଗଧାଡ଼ିର ଯୋଦ୍ଧା ସଂକ୍ରମିତ ହେଉଛନ୍ତି। ଡାକ୍ତର ଓ ମେଡିକାଲ କର୍ମଚାରୀ ସଂକ୍ରମିତ ହେବା ଫଳରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି, ଯାହାକି ଏବେ ପ୍ରଶାସନର ଚିନ୍ତା ବଢାଇଛି। ଗଞ୍ଜାମ ଜିଲାରେ ବୁଧବାର ୨୬୦ଜଣଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିଲା। ସେଥିରୁ ଭଞ୍ଜନଗର କୋଭିଡ୍ କେୟାର ସେଣ୍ଟର ୩ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣ ଡାକ୍ତର ଅଛନ୍ତି। ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ୧୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭଞ୍ଜନଗର କୋଭିଡ୍ କେୟାର ସେଣ୍ଟରର ୩ ଡାକ୍ତର, ୫ କର୍ମଚାରୀ ଅଛନ୍ତି। ସହରରୁ ୭ଜଣ ଏବଂ ବ୍ଲକର ଗୋଲାପଡା, ବଡକୋଦଣ୍ଡା ଏବଂ ମୁଜାଗଡର ଜଣେ ଲେଖାଏ ସଂକ୍ରମିତ ଅଛନ୍ତି। ପୂର୍ବର ଭଞ୍ଜନଗର ଉପଖଣ୍ଡ ହସ୍‌ପିଟାଲରେ ଜଣେ ଡାକ୍ତରଙ୍କ ସମେତ ୪ କର୍ମଚାରୀ ସଂକ୍ରମିତ ହୋଇଥିଲେ। ମୁଜାଗଡ ପଞ୍ଚାୟତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସରପଞ୍ଚ ଶିବ ଶଙ୍କର ପ୍ରଧାନ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡାକ୍ତରଙ୍କ ସହ ୨ ଲାବ୍ ଟେକ୍ନିସିଆନଙ୍କ କରୋନା ରିପୋର୍ଟ ପଜିଟିଭ ଆସିଛି। ସେମାନଙ୍କ ସଂସ୍ପର୍ଶରେ ଆସି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଜଣେ ଔଷଧ ଦୋକାନୀ, ତାଙ୍କ କର୍ମଚାରୀଙ୍କ ସ୍ତ୍ରୀ ମଧ୍ୟ ସଂକ୍ରମିତ ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ସ୍ୱଚ୍ଛତା ସୁପରଭାଇଜରଙ୍କ ସହ କ୍ୱାର୍ଟରରେ ରହୁଥିବା ଜଣେ ଆଶାକର୍ମୀଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଛି। ସହରର ଜଣେ ପୂର୍ବତନ କାଉନ୍‌ସିଲର ସଂକ୍ରମିତ ହୋଇ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସ୍ଥାନୀୟ ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଟେଷ୍ଟିଂ ସେଣ୍ଟରରେ ବହୁ ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ସମସ୍ତ ଔଷଧ ଦୋକାନ ସିଲ୍ କରାଯାଇଛି।

# ଜଙ୍ଗଲ ଜମିକୁ ନେଇ ଆଦିବାସୀ-ବନ ବିଭାଗ ମୁହାଁମୁହିଁ

ରାୟଗଡ଼(ଗଜପତି),୯।୭ (ଡି.ଏନ୍.ଏ.)



ଆଦିବାସୀ ଗ୍ରାମବାସୀ ବନ ବିଭାଗର ଅଧିକାରୀମାନଙ୍କୁ ଅଟକ ରଖିଛନ୍ତି।

**୩ଘଣ୍ଟା ଧରି ଅଟକ ରହିଲେ ବିଭାଗୀୟ ଅଧିକାରୀ**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ମହେନ୍ଦ୍ର ବନାଞ୍ଚଳ ଅଧୀନ ଜଲାଙ୍ଗ ବିଟ୍ ଅନ୍ତର୍ଗତ ରାଇଡ଼ା ସଂରକ୍ଷିତ ଜଙ୍ଗଲ ଜମିକୁ ନେଇ ଗୁରୁବାର ଆଦିବାସୀ ଓ ଜଙ୍ଗଲ ବିଭାଗ ମୁହାଁମୁହିଁ ହୋଇଛନ୍ତି। ଦୀର୍ଘଦିନ ଧରି ଉକ୍ତ ଜମିକୁ ନେଇ ଶୀତଳ ଯୁଦ୍ଧ ଚାଲିଥିବାବେଳେ ଏହାର ସମାଧାନ ପାଇଁ ଗୁରୁବାର ଆଦିବାସୀମାନେ ଜଙ୍ଗଲ ବିଭାଗର ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଖବର ପାଇ ରାୟଗଡ଼ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ ଏବଂ ଥାନା ଆଇଆଇସି ଚନ୍ଦ୍ରକାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଅଧିକାରୀମାନଙ୍କୁ ଛାଡ଼ିଥିଲେ। ଅନ୍ୟପକ୍ଷରେ ଏହା ଜଙ୍ଗଲ ଜମି ହୋଇଥିବାରୁ ଏଥିରେ ରାଜସ୍ୱ ବିଭାଗ କୌଣସି ହସ୍ତକ୍ଷେପ କରିବ ନାହିଁ ବୋଲି ତହସିଲଦାର କହିଛନ୍ତି। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଜଲାଙ୍ଗ ବିଟ୍ ଅଧୀନ ରାଇଡ଼ା ସଂରକ୍ଷିତ ଜଙ୍ଗଲରେ ୧୦୦ ବର୍ଷ ତଳେ ୧୯୧୯ରେ ୧୦ ଏକର ଜମିରେ ରକ୍ତ ଚନ୍ଦନ ବୃକ୍ଷରୋପଣ କରାଯାଇଥିଲା। ଅଞ୍ଚଳଟି ଜଙ୍ଗଲ ବିଭାଗ ଅଧୀନରେ ରହିଆସିଥିଲା। ତେବେ ତିତ୍‌ଲି ବାତ୍ୟାରେ ଶତାଧିକ ଗଛ ପଡ଼ି ନଷ୍ଟ ହୋଇଥିଲା। ଏଥିରେ ଜଙ୍ଗଲ ବିଭାଗ ୫୨୧ ଘନଫୁଟ କାଠ ସଂଗ୍ରହ କରି ଜଙ୍ଗଲ ନିଗମକୁ ହସ୍ତାନ୍ତର କରିଥିଲା। ତେବେ ଉକ୍ତ ଜମିରେ ବୃକ୍ଷରୋପଣ କରା ନ ଯାଇ ପଡ଼ିରହିଥିବାବେଳେ ଏବେ ଜଙ୍ଗଲ ବିଭାଗ ପୁନର୍ବାର ଚାରାରୋପଣ ପାଇଁ ପ୍ରସ୍ତାବ ରଖିଥିଲା। ସେହି ଜମିରେ ରାଇଡ଼ା ଗାମର ୧୫ ପରିବାର, ନୂଆସାହିର ୨୦, କଡମ୍ବାତାଳ ଗ୍ରାମ ୧୦ ଏବଂ ଜଲାଙ୍ଗ ଗ୍ରାମର ୧୫ ପରିବାର ଏହିପରି ୬୦ ପରିବାର କିଛିଦିନ ତଳେ ଉକ୍ତ ଜମିରେ କୁଡ଼ିଆ କରି ରହିଆସୁଥିଲେ। ତେବେ ଜଙ୍ଗଲ ବିଭାଗ ସେମାନଙ୍କୁ ସେଠାରୁ ଉଠିବା ପାଇଁ ବାରମ୍ବାର କହିଥିଲେ ମଧ୍ୟ ସେମାନେ ଉଠି ନ ଥିଲେ। ଫଳରେ ବିଭାଗୀୟ କର୍ମଚାରୀମାନେ କୁଡ଼ିଆଗୁଡ଼ିକୁ ଭାଙ୍ଗିଦେଇଥିବା ୬୦ ପରିବାର ଅଭିଯୋଗ କରିଛନ୍ତି। ଆମର ଜାଗା ନାହିଁ ଆମେ ସେଠାରେ ଘର କରି ରହିବୁ ବୋଲି ସେମାନେ କହିବା ସହ ପାରଳାଖେମୁଣ୍ଡି ବନଖଣ୍ଡର ସହକାରୀ ବନ ସଂରକ୍ଷକ ଗୌରୀ ପ୍ରସାଦ ରଥ, ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ର, ଦେବଗିରି ରେଞ୍ଜର ଅରୁଣ କୁମାର ବେହେରା, ମହେନ୍ଦ୍ର ବନାଞ୍ଚଳ ଅଧିକାରୀ କବିନ ପରିଚ୍ଛାଙ୍କ ସମେତ ସମସ୍ତ ବନବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଜମି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି ନାଏବ ସରପଞ୍ଚ ଜିଖରିୟ ଭୂୟାଁ, ୱାର୍ଡସଭ୍ୟ ଫିଲିମନ ଭୂୟାଁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସହକାରୀ ବନ ସଂରକ୍ଷକ ରଥ କହିଛନ୍ତି, ସେମାନେ ଯଦି ବାସହୀନ ତେବେ ପ୍ରଶାସନକୁ ଜଣାନ୍ତୁ। ଥଇଥାନ ବିଷୟରେ ପ୍ରଶାସନ ବୁଝିବ। ଏହା ପୁରାତନ ସଂରକ୍ଷିତ ଜଙ୍ଗଲ, ସାଧାରଣ ଲୋକଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ।


# ପ୍ରକଳ୍ପ ଅସମ୍ପୂର୍ଣ୍ଣ: ରେଳ ଚଳାଚଳ ନେଇ ଅନିଶ୍ଚିତତା

ଯାଜପୁର ଅଫିସ,୯।୭

**ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ**

ଉପକୂଳ ଓଡ଼ିଶାର ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲାକୁ ରେଳରାସ୍ତା ମାଧ୍ୟମରେ ଯୋଡୁଥିବା ୮୨ କିଲୋମିଟର ଲମ୍ବ ହରିଦାସପୁର-ପାରାଦୀପ ରେଳପଥରେ ଖୁବ୍‌ଶୀଘ୍ର ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏହି ମର୍ମରେ ସାମାଜିକ ଗଣମାଧ୍ୟମରେ ଗୁରୁବାର ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି। ଏହାପରେ ସମ୍ପୃକ୍ତ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତେବେ ଏହି ରେଳପଥରେ ନିକଟ ଭବିଷ୍ୟତରେ ଟ୍ରେନ୍ ଚଳାଚଳ ନେଇ ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀ ଉପରେ ନିର୍ମିତ ହେଉଥିବା ରେଳ ପୋଲ ଏବଂ ଅନେକ ରେଳଧାରଣା ବିଛା କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ ବୋଲି ଆଇନଜୀବୀ ତଥା ବଡ଼ଚଣାର ବରିଷ୍ଠ ଭାଜପା ନେତା ଉଦୟନାଥ ସାହୁ କହିଛନ୍ତି।ଅନ୍ୟପଟେ ରେଳ ବିକାଶ ନିଗମର ଅଧିକାରୀ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥାଗୁଡ଼ିକ ମଧ୍ୟରେ ଗଢ଼ି ଉଠିଥିବା ମଧୁଚନ୍ଦ୍ରିକା କାରଣରୁ ହିଁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବହୁ ବିଳମ୍ବ ହୋଇଛି ବୋଲି ସାହୁ ଅଭିଯୋଗ କରିଛନ୍ତି।

୧୯୯୯ ଏପ୍ରିଲ ୪ ତାରିଖରେ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ନୀତିଶ କୁମାର ଏହି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଜାତୀୟ ରାଜପଥରେ ଭିଡ଼ ହ୍ରାସ କରିବା ପାଇଁ କେନ୍ଦୁଝର ଓ ଯାଜପୁର ଜିଲାର ଖଣି ଅଞ୍ଚଳରୁ ପାରାଦୀପ ବନ୍ଦରକୁ ରେଳ ଯୋଗେ ମାଲ ପରିବହନ କରିବାର ଯୋଜନା ରଖି ୧୯୯୬-୯୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ପ୍ରକଳ୍ପ ପ୍ରସ୍ତାବିତ ହୋଇ ଓ ମଞ୍ଜୁରୀ ଲାଭ କରିଥିଲା। ୨୦୦୪ ସୁଦ୍ଧା ଏହି ରେଳପଥର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ଏଥିରେ ରେଳ ଚଳାଚଳ କରିବା ପାଇଁ ସେତେବେଳେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ୨୦୦୪ରେ କେନ୍ଦ୍ରରେ ଏନଡିଏ ସରକାର ବଦଳିବା ପରେ ପ୍ରାୟ ୧୦ବର୍ଷ ଧରି ଏହି ରେଳପଥ ନିର୍ମାଣ କାର୍ଯ୍ୟ ଏକ ପ୍ରକାର ଧିମେଇ ଯାଇଥିଲା। ଅନ୍ୟପକ୍ଷରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ବିଳମ୍ବ ହେଉଥିବାରୁ ପ୍ରାରମ୍ଭରେ ପ୍ରକଳ୍ପର ବ୍ୟୟ ଅଟକଳ ୧୫୦୦ କୋଟି ଟଙ୍କା ରହିଥିବା ବେଳେ ଏହା ବୃଦ୍ଧି ପାଇ ଇତିମଧ୍ୟରେ ପ୍ରାୟ ୨୨୦୦ କୋଟିରୁ ଊର୍ଦ୍ଧ୍ୱ ହୋଇ ସାରିଛି। ବର୍ଷକ ତଳେ ହରିଦାସପୁରଠାରୁ କେନ୍ଦ୍ରାପଡ଼ା ଜିଲାର ବାଜପୁର ଷ୍ଟେଶନ ପର୍ଯ୍ୟନ୍ତ ୪୩.୮ କିମି ରେଳପଥରେ ପରୀକ୍ଷାମୂଳକ ଭାବେ ଏକ ରେଳ ଇଞ୍ଜିନ ଗଡ଼ିଥିଲା। ୨୦୨୦ ମାର୍ଚ୍ଚ ସୁଦ୍ଧା ବାକି ଥିବା ବାଜପୁରଠାରୁ ପାରାଦୀପ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏଥିରେ ନିୟମିତ ରେଳ ଚଳାଚଳ କରିବ ବୋଲି ସେତେବେଳେ ପ୍ରକଳ୍ପ ତଦାରଖ କରୁଥିବା ରେଳ ବିକାଶ ନିଗମ ଲିମିଟେଡର ଅଧିକାରୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ସେହି ଦୃଢ଼ୋକ୍ତି ଆଜି ଫସର ଫାଟିଛି। କାରଣ ମାର୍ଚ୍ଚ ଯାଇ ବର୍ତ୍ତମାନ ଜୁଲାଇ ଅଧା ହେବାକୁ ବସିଲାଣି ହେଲେ ଏ ଯାଏ କାର୍ଯ୍ୟ ଶେଷ ହୋଇପାରିନି। ତେଣୁ ଆଗାମୀ ୧୫ ଦିନ ମଧ୍ୟରେ ଏହି ରେଳପଥରେ ମାଲବାହୀ ଟ୍ରେନ ଚଳାଚଳ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଏବେ ସୋସିଆଲ୍ ମିଡ଼ିଆରେ ଏକ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ଭିଡ଼ିଓରେ ଏକ ମାଙ୍କଡ଼ ମୁହଁରେ କନାକୁ ଢ଼ାଙ୍କି ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହାଦ୍ୱାରା ମାଙ୍କଡ଼ଟି ମଣିଷଙ୍କୁ ମାସ୍କ ପିନ୍ଧିବା ଲାଗି ସଚେତନତା ବାର୍ତ୍ତା ଦେଉଛି। ୧୯ ସେକେଣ୍ଡର ଏହି ଭିଡ଼ିଓକୁ ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦା ଟୁଇଟରରେ ଶେୟାର କରିଛନ୍ତି। କେତେକ କହିଛନ୍ତି ଯେ, ମଣିଷ କରୋନା ସଂକ୍ରମଣ ପ୍ରତି ସଚେତନ ନ ଥିବାବେଳେ ପ୍ରାଣୀଙ୍କ ମଧ୍ୟରେ ଏଥିଲାଗି ସଚେତନତା ଆସିଛି।

# ରାଗିଗଲେ କଙ୍ଗନା




କଙ୍ଗନା ରନାୱତ

ମୁମ୍ବାଇ: ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରେ ବଲିଉଡ୍‌ରେ ନେପୋଟିଜିମ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ବଲିଉଡ୍ ଇଣ୍ଡଷ୍ଟ୍ରି ଦୁଇଭାଗ ହୋଇଯାଇଛି। କେତେକ ଏହାର ସମର୍ଥନ କରୁଥିବାବେଳେ ଆଉ କେତେକ ଏହାର ବିରୋଧ କରୁଛନ୍ତି। ବର୍ତ୍ତମାନ ବଲିଉଡ୍‌ର ଅନେକ ଷ୍ଟାର୍ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ ଲଗାଉଛନ୍ତି। ତେବେ ଏହି କ୍ରମରେ କଙ୍ଗନା ରନାୱତ, ପୂଜା ଭଟ୍ଟଙ୍କ ମଧ୍ୟରେ ବିତର୍କ ଆରମ୍ଭ ହୋଇଯାଇଛି। କେହି କାହାକୁ ଛାଡ଼ିବାକୁ ନାରାଜ। କଙ୍ଗନା ଇଣ୍ଡଷ୍ଟ୍ରିରେ କାହାକୁ ଡରନ୍ତି ନାହିଁ। ସେ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ସିଧା ଦେଇଥାନ୍ତି। ପୂଜାଙ୍କ ଟୁଇଟ୍‌କୁ ନେଇ ସେ ରାଗିଯାଇଛନ୍ତି।

ବୁଧବାର ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଝିଅ ପୂଜା ଭଟ୍ଟ ଟ୍ୱିଟରରେ ଟୁଇଟ୍ କରି ନିଜ ପକ୍ଷ ରଖି କହିଥିଲେ ଯେ, କଙ୍ଗନାଙ୍କୁ ଇଣ୍ଡଷ୍ଟ୍ରିରେ ଆମ କ୍ୟାମ୍ପ୍ ଲଞ୍ଚ୍ କରିଥିଲା। ଏହି ଟୁଇଟ୍ ଦେଖିବା ପରେ କଙ୍ଗାନା ମଧ୍ୟ ଚୁପ୍ ବସି ନ ଥିଲେ। ସେ ଏହାର ଉତ୍ତରରେ ଲେଖିଥିଲେ ଯେ, ପ୍ରିୟ ପୂଜା ଭଟ୍ଟ, ଅନୁରାଗ ବାସୁଙ୍କ ତୀକ୍ଷ୍ଣ ନଜର କଙ୍ଗନାଙ୍କୁ ଦେଖିଛି। ଆଉ ସେ ଜାଣିଥିଲେ ପ୍ରତିଭାର ମାନେ କ'ଣ। ସମସ୍ତେ ଜାଣିଛନ୍ତି ତମ ପିତା କଳାକାରଙ୍କୁ ଫ୍ରି'ରେ କାମ କରାନ୍ତି। ଦରମା ମଧ୍ୟ ଦେଇପାରନ୍ତି ନାହିଁ। ପ୍ରତିଭାଶାଳୀ ଲୋକଙ୍କୁ ସହଜରେ ପାଇ କାମ ହାସଲ କରିବା ପରେ ଅପମାନିତ କରିଥାନ୍ତି। ତେବେ ପୂଜା ଆଉ ଏକ ଟୱିଟ୍‌ରେ ଲେଖିଛନ୍ତି, 'ଗ୍ୟାଙ୍ଗ୍‌ଷ୍ଟର' ମୁଭି ପାଇଁ ପବ୍ଲିକ କଙ୍ଗନାଙ୍କୁ ଜାଣିଥିଲେ। ତେବେ ସେ ଏହାର ଉତ୍ତରରେ ଲେଖିଛନ୍ତି ଯେ, 'ସୂଚନା ପାଇଁ ଧନ୍ୟବାଦ ପୂଜା', କଙ୍ଗନା ଗ୍ୟାଙ୍ଗ୍‌ଷ୍ଟର ବ୍ୟତୀତ ସାଉଥ୍ ଫିଲ୍ମ 'ପୋକ୍ରି'ପାଇଁ ଆଉ ଏକ ଅଡିଶନ ଦେଇଥିଲେ। 'ପୋକ୍ରି' ମୁଭି ବକ୍ସଅଫିସ୍‌ରେ ହିଟ୍ ହୋଇଥିଲା। ଆପଣ ଯଦି ଭାବୁଛନ୍ତି କଙ୍ଗନା କେବଳ ଗ୍ୟାଙ୍ଗ୍‌ଷ୍ଟର ପାଇଁ ସଫଳତା ପାଇଛନ୍ତି, ତେବେ ତାହା ସମ୍ପୂର୍ଣ୍ଣ ଭୁଲ। ପାଣି ଆପେ ଆପେ ତା'ର ରାସ୍ତା ତିଆରି କରିଥାଏ ବୋଲି କଙ୍ଗନା କହିଛନ୍ତି। ଆଉ ଏକ ଟୱିଟ୍‌ରେ କଙ୍ଗନାଙ୍କୁ ମହେଶ ଭଟ୍ଟ ପାଗଳ ବୋଲି କହି ଅପମାନିତ କରିଛନ୍ତି। କଙ୍ଗନା ଏହାର ଉତ୍ତରରେ ଲେଖିଛନ୍ତି ଯେ, ସୁଶାନ୍ତ ସିଂହ ରାଜପୁତ ଏବଂ ରିୟା ଚକ୍ରବର୍ତ୍ତୀଙ୍କ ମାମଲାରେ ମହେଶ ଭଟ୍ଟ କାହିଁକି ଏତେ ଆଗ୍ରହୀ। ପ୍ରଥମେ କିଛି ପ୍ରଶ୍ନ ନିଜ ବାପାଙ୍କୁ ପଚାରିବା ଦରକାର ବୋଲି ପୂଜାଙ୍କୁ ସେ କହିଛନ୍ତି। କଙ୍ଗନାଙ୍କ ଏଭଳି ଟୁଇଟ୍‌ରେ ମହେଶ ଏବଂ ରିୟାଙ୍କ ସମ୍ପର୍କକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି।

# ଇ-ବର୍ଜ୍ୟରୁ ୬୦୦ ଡ୍ରୋନ୍

**ବିଜୁଳିବତି ଉଦ୍ଭାବନ କରିବା ପୂର୍ବରୁ ୧୦୦୦ ଥର ବିଫଳ ହୋଇଥିଲେ ଥୋମାସ ଆଲ୍‌ଭା ଏଡିଶନ। ଲକ୍ଷ୍ୟ ପୂରଣ ଲାଗି ଦୃଢ଼ ସଂକଳ୍ପ ନେବା ଏବଂ ବିଫଳତାକୁ ସଫଳତାରେ ପରିଣତ କରିବା ଯାଏ ଅନବରତ ଚେଷ୍ଟା ଜାରିରଖିବା ହିଁ ଜଣଙ୍କୁ ବିଶ୍ୱବିଦିତ କରିଥାଏ। ଏହାର ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ। ୨୨ ବର୍ଷୀୟ ଏନ୍.ଏମ୍. ପ୍ରତାପ ଇ-ଆବର୍ଜନାକୁ ଉପଯୋଗ କରି ୬୦୦ ଡ୍ରୋନ୍ ତିଆରି କରିଛନ୍ତି, ଯାହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦୁର୍ଗତଙ୍କ ଜୀବନ ରକ୍ଷା କରୁଛି।**



## କର୍ଣ୍ଣାଟକର ଗୌରବ ପ୍ରତାପ

ବାଙ୍ଗାଲୋର: 'ଏକ୍ ଆଇଡିଆ ଜୋ ବଦଲ ଦେ ଆପ୍ କେ ଦୁନିଆ...।' ବିଜ୍ଞାପନ ଜଗତରେ ଚହଳ ପକାଇଥିବା ଏହି ଲୋକପ୍ରିୟ ଡାଇଲଗ୍‌କୁ ସତ କରି ଦେଖାଇଛନ୍ତି କର୍ଣ୍ଣାଟକର ଏନ୍.ଏମ୍. ପ୍ରତାପ। ଇ-ଆବର୍ଜନାକୁ ଉପଯୋଗ କରି ସେ ତିଆରି କରିଛନ୍ତି ୬୦୦ ଡ୍ରୋନ୍। ବନ୍ୟା, ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହି ଡ୍ରୋନ୍‌ଗୁଡ଼ିକ ବେଶ୍ ଉପକାରରେ ଆସୁଛି। ଆକାଶରେ ଉଡ଼ି ବିପଜ୍ଜନକ ସ୍ଥାନର ଫଟୋଚିତ୍ର ଉତ୍ତୋଳନ କରିବା ହେଉ କି ବନ୍ୟା ଦୁର୍ଗତଙ୍କୁ ସହାୟତା ଯୋଗାଇ ଦେବା ସବୁ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିପାରୁଛି ଏହି ଡ୍ରୋନ୍। ପ୍ରତାପଙ୍କ ଏପରି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବେଶ୍ ପ୍ରଶଂସା କରିସାରିଛନ୍ତି।

ମହୀଶୂର ଜେଏସ୍‌ଏସ୍ କଲେଜରୁ ସ୍ନାତକ ପାସ୍ କରିଛନ୍ତି ପ୍ରତାପ। ମାତ୍ର ୧୪ ବର୍ଷର ହୋଇଥିବାବେଳେ ତାଙ୍କ ମୁଣ୍ଡକୁ ଡ୍ରୋନ୍ ତିଆରି କରିବାର ବିଚାର ଆସିଥିଲା। ହେଲେ ପ୍ରାରମ୍ଭିକ ଅବସ୍ଥାରେ ତାଙ୍କୁ ସଫଳତା ମିଳି ନ ଥିଲା। ୮୦ ଥର ପ୍ରୟାସ କରିବା ପରେ ସେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ୧୬ବର୍ଷ ବୟସରେ ସେ ପ୍ରଥମ ଡ୍ରୋନ୍ ତିଆରି କରିବାରେ ସଫଳ ହୋଇଥିଲେ। ନିଜର ମଡେଲକୁ ଦିଲ୍ଲୀସ୍ଥିତ ଆଇଆଇଟି ପ୍ରଦର୍ଶିତ କରିବା ପରେ ପ୍ରତାପଙ୍କୁ ଦ୍ୱିତୀୟ ପୁରସ୍କାର ମିଳିଥିଲା। ଏହା ତାଙ୍କୁ ଜାପାନରେ ହେଉଥିବା ଅନ୍ତର୍ଜାତୀୟ ଡ୍ରୋନ୍ ପ୍ରତିଯୋଗିତାରେ ଭାଗ ନେବା ଲାଗି ବାଟ ଫିଟାଇ ଦେଇଥିଲା। ୨୦୧୭ ଡିସେମ୍ବରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରତାପ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ଜିତିଥିଲେ ସ୍ୱର୍ଣ୍ଣପଦକ। ବିରଳ ପ୍ରତିଭାର ଅଧିକାରୀ ପ୍ରତାପଙ୍କୁ ତତ୍କାଳୀନ ସମୟରେ ଜାପାନର ନୋବେଲ ବିଜେତା ହିଡେକୀ ଶିରାକାବା ମଧ୍ୟ ଭୂରି ଭୂରି ପ୍ରଶଂସା କରିଥିଲେ। କର୍ଣ୍ଣାଟକରେ ବନ୍ୟା ସମୟରେ ବୁଡ଼ି ଅଞ୍ଚଳରେ ପ୍ରତାପଙ୍କ ହାତ ତିଆରି ଡ୍ରୋନ୍ କମାଲ କରିଥିଲା। ବନ୍ୟା ଦୁର୍ଗତଙ୍କ ନିକଟରେ ଔଷଧ, ଜରୁରୀ ସାମଗ୍ରୀ ପହଞ୍ଚାଇବାରେ ଏହା ଖୁବ୍ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ଅଦ୍ୟାବଧି ୮୭ ଦେଶରେ ପ୍ରତାପ ନିଜର ଡ୍ରୋନ୍‌ର ଯାଦୁ ଦେଖାଇ ସାରିଲେଣି। ୨୦୧୮ରେ ଜର୍ମାନୀରେ ଅନୁଷ୍ଠିତ ଆଲବର୍ଟ ଆଇନଷ୍ଟାଇନ୍ ଇନୋଭେଶନ ଗୋଲ୍ଡ ମେଡାଲ ଜିତି ପ୍ରତାପ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ନିକଟରେ ପ୍ରତାପ ଡିଆର୍‌ଡିଓର ଏକ ସ୍ୱେଶାଲ ଅପରେଶନରେ କାମ କରୁଥିବା ଗୁଜବ ସୃଷ୍ଟି ହୋଇଥିଲା। ତେବେ ଏଥିରେ କୌଣସି ସତ୍ୟତା ନ ଥିବା ସେ କହିଛନ୍ତି। ତାଙ୍କୁ ଏ ଯାଏ ସରକାର କିମ୍ବା ଡିଆର୍‌ଡିଓ ପକ୍ଷରୁ ତାଙ୍କ ଲାଗି ଏପରି କୌଣସି ପ୍ରସ୍ତାବ ଆସି ନ ଥିବା ସେ କହିଛନ୍ତି।

# ରେଷ୍ଟୁରାଣ୍ଟରେ ମାସ୍କ ପରଟା



ଚେନ୍ନାଇ: ମାସ୍କ ପରଟା କଥା ଶୁଣିବା ମାତ୍ରେ ନିଶ୍ଚିତଭାବେ ସମସ୍ତଙ୍କ ଭ୍ରୂକୁଞ୍ଚନ ହେବ। ତେବେ ଏମିତି ଏକ କଥା ଏବେ ଅସମ୍ଭବ ବି ନୁହେଁ। ମାସ୍କ ପରଟା ବି ଏବେ ବଜାରରେ ଉପଲବ୍ଧ ହେଲାଣି, ଯାହା ଗ୍ରାହକମାନଙ୍କ ପାଇଁ ଆକର୍ଷଣ ପାଲଟିଛି। ଏଭଳି ମାସ୍କ ପରଟା ଏବେ ତିଆରି ହେଉଛି ତାମିଲନାଡୁର ମଦୁରାଇରେ ଥିବା ଏକ ରେଷ୍ଟୁରାଣ୍ଟରେ। ଲୋକଙ୍କ ଜୀବନଶୈଳୀରେ ଏବେ ମାସ୍କ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରିଛି। ସେଥିପାଇଁ ଏବେ ମାସ୍କକୁ ନେଇ ବିଭିନ୍ନ ପ୍ରକାରର ଡିଜାଇନ ପ୍ରସ୍ତୁତ କରାଯାଉଛି। ଲୋକଙ୍କ ଏହି ଭାବନାକୁ ଦୃଷ୍ଟିରେ ରଖି ମଦୁରାଇର ରେଷ୍ଟୁରାଣ୍ଟରେ ତିଆରି ହେଉଛି ମାସ୍କ ପରଟା। ରେଷ୍ଟୁରାଣ୍ଟରେ ପ୍ରଥମେ ସଚେତନତା ଦୃଷ୍ଟିରୁ ମାସ୍କ ପରଟା ତିଆରି ଆରମ୍ଭ ହୋଇଥିଲା। ଦୁଇଟି ମାସ୍କ ପରଟା ଓ ତରକାରି ସହିତ ଏହାକୁ ୪୦ ଟଙ୍କାରେ ବିକ୍ରି କରାଯାଇଥିଲା। କିନ୍ତୁ ଏହାପରେ ହଠାତ୍ ମାସ୍କ ପରଟା ପ୍ରତି ଲୋକଙ୍କର ଆକର୍ଷଣ ବହୁତ ବଢ଼ି ଯାଇଥିଲା। ତେଣୁ ରେଷ୍ଟୁରାଣ୍ଟ ପକ୍ଷରୁ ଏହି ମାସ୍କ ପରଟାର ମୂଲ୍ୟ ୧୦ ଟଙ୍କା ବଢ଼ାଇ ଦିଆଯାଇଛି। ଏହାର ମାଲିକ କେ.ଏଲ୍. କୁମାର କହନ୍ତି, ରେଷ୍ଟୁରାଣ୍ଟର ସବୁ କର୍ମଚାରୀ ମାସ୍କ ପିନ୍ଧି ସୋସିଆଲ ଡିଷ୍ଟାନ୍ସିଂ ରଖି ଖାଦ୍ୟ ପରଷୁଥିଲେ। ଏବେ ମାସ୍କ ପିନ୍ଧିବା ସହିତ ମାସ୍କ ପରଟା ବି ଲୋକଙ୍କୁ ଖୁଆଉଛନ୍ତି ଓ ସଚେତନ ବି କରାଉଛନ୍ତି। ପରଟାର ସ୍ୱାଦ ସମାନ ଥିଲେ ବି ଡିଜାଇନ ଟିକେ ଅଲଗା କରିବା ଫଳରେ ଏହାର ଆକର୍ଷଣ ବହୁତ ବଢ଼ିଯାଇଛି। ଲୋକେ ଏଭଳି ପରାଟା ଖାଇ ବେଶ୍ ଖୁସି ହେଉଛନ୍ତି। ତେବେ ଏହି ମାସ୍କ ପରଟାକୁ ଏବେ ଲୋକେ ସୋସିଆଲ୍ ମିଡିଆରେ ବି ଶେୟାର କରୁଛନ୍ତି। ତେଣୁ ଏହା ମାଧ୍ୟମରେ ଏକ ଭିନ୍ନ ଢଙ୍ଗରେ ସଚେତନତା ସୃଷ୍ଟି ହେଉଛି ବୋଲି ରେଷ୍ଟୁରାଣ୍ଟ ପକ୍ଷରୁ କୁହାଯାଇଛି।


# ଭାଇରାଲ୍ ହେଉଛି ମଧୁବଣି ପ୍ରିଣ୍ଟ ମାସ୍କ

**ପାଟନା:** ମାସ୍କ ପିନ୍ଧିବା ଏବେ ନିହାତି ଆବଶ୍ୟକ ହୋଇଥିବା ବେଳେ ଏହାକୁ ନେଇ ବିଭିନ୍ନ ଡିଜାଇନ କରିବା ପାଇଁ ଲୋକଙ୍କ ଉଦ୍ୟମ ଜାରିରହିଛି। ଏ ଦୃଷ୍ଟିରୁ ଏବେ ବେଶ୍ ଚର୍ଚ୍ଚିତ ହୋଇଛନ୍ତି ବିହାରର କଳାକାର ରେମନ୍ତ କୁମାର ମିଶ୍ର। ତାଙ୍କ ହାତ ତିଆରି ମାସ୍କଗୁଡ଼ିକ ଏବେ ବିଭିନ୍ନ ରାଜ୍ୟର ଲୋକଙ୍କୁ ବି ଆକୃଷ୍ଟ କରିପାରିଛି। ତେବେ ସାଧାରଣ ଲୋକଙ୍କ ସହିତ ବଲିଉଡ୍ ସେଲିବ୍ରିଟି ରବିନା ଟଣ୍ଡନ ମଧ୍ୟ ରେମନ୍ତଙ୍କ ମାସ୍କକୁ ପସନ୍ଦ କରିଛନ୍ତି। ବିହାର ମଧୁବଣିର ଏହି କଳାକାରଜଣକ ମାସ୍କ ଉପରେ ହାତରେ ବିଭିନ୍ନ ଡିଜାଇନ ତିଆରି କରୁଛନ୍ତି, ଯାହା ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି। କେଉଁଠି ମାସ୍କ ଉପରେ ବିଭିନ୍ନ ପ୍ରକାରର ଫୁଲ ଫଳ ତ କେଉଁଠି ଠାକୁରଙ୍କର ଚିତ୍ର ଆଉ କେଉଁଠି ଭିନ୍ନ ଧରଣର ଚିତ୍ର ଆଙ୍କିଛନ୍ତି। ମାସ୍କ କପଡ଼ା ଉପରେ ସେ ସୂତାରେ ଏହି ଡିଜାଇନ ତିଆରି କରନ୍ତି। ତାଙ୍କର ଏଭଳି ମାସ୍କ ତିଆରି କରିବା ଶୈଳୀ ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ଅବଶ୍ୟ ପ୍ରଥମେ ତାଙ୍କ ମାସ୍କର ଚାହିଦା ଏତେ ବୃଦ୍ଧି ପାଇ ନ ଥିଲା। ସ୍ଥାନୀୟ ଲୋକେ ତାଙ୍କର ମାସ୍କଗୁଡ଼ିକ ଖୁବ୍ କମ୍ ଦାମ୍‌ରେ କିଣୁଥିଲେ। କିନ୍ତୁ ହଠାତ୍ ତାଙ୍କର ଡିଜାଇନ ମାସ୍କଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ତାଙ୍କର ଜଣେ ସମ୍ପର୍କୀୟ ଏହି ଡିଜାଇନ ସବୁକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏହା ପରେ ତାଙ୍କ ମାସ୍କ ନେବାପାଇଁ ବିଭିନ୍ନ ସ୍ଥାନରୁ ଅର୍ଡର ଆସିଥିଲା। ମଧୁବଣି ପ୍ରିଣ୍ଟ ମାସ୍କ ଏତେ ସୁନ୍ଦର ଦେଖାଯାଉଥିଲା ଯେ, ଦିନକୁ ପ୍ରାୟ ୩୦୦ ଲୋକ ମାସ୍କ ନେବା ପାଇଁ ତାଙ୍କ ସହିତ ଯୋଗାଯୋଗ କରନ୍ତି। ଏମିତି କି ବଲିଉଡ୍ ସେଲିବ୍ରିଟି ରବିନା ଟଣ୍ଡନ ମଧ୍ୟ ତାଙ୍କ ଡିଜାଇନ ମାସ୍କ ପାଇଁ ପ୍ରଭାବିତ ହୋଇଛନ୍ତି। ତେଣୁ ରେମନ୍ତ ଏବେ ଉଭୟ ସୂତା ଓ ରଙ୍ଗରେ ମାସ୍କ ତିଆରି କରି ଭଲ ବ୍ୟବସାୟ କରିବା ସହିତ ଅନେକଙ୍କୁ ନିଯୁକ୍ତି ବି ଦେଇ ପାରିଛନ୍ତି।





## ଅଗଷ୍ଟରେ ଅକ୍ଷୟଙ୍କ 'ବେଲ ବଟମ୍'ର ଶୁଟିଂ



ମୁମ୍ବାଇ: ଦେଶରେ କରୋନା ପ୍ରଭାବ ଫିଲ୍ମ ଇଣ୍ଡଷ୍ଟ୍ରୀରେ ପଡ଼ିଛି। ଏହା ସହ ଅନ୍ୟ କେତେକ ଫିଲ୍ମର ଶୁଟିଂ ଆରମ୍ଭ ହେବାରେ ମଧ୍ୟ ବିଳମ୍ବ ହେଉଛି। ଏଥିମଧ୍ୟରେ ଅକ୍ଷୟ କୁମାରଙ୍କ ଫିଲ୍ମ 'ବେଲ ବଟମ'ର ସୁଟିଂ ଆସନ୍ତା ଅଗଷ୍ଟ ମାସରେ ଆରମ୍ଭ ହେବାକୁ ଯାଉଛି। ଏନେଇ ଅକ୍ଷୟ ନିଜ ଇନଷ୍ଟାଗ୍ରାମରେ ଏହି ଫିଲ୍ମର ଏକ ପୋଷ୍ଟର ଶେୟାର କରିଛନ୍ତି। 'ବେଲ ବଟମ୍'ର ଶୁଟିଂ ଆସନ୍ତା ମାସରେ ଆରମ୍ଭ ହେବାକୁ ଯାଉଛି। ଏହି ଫିଲ୍ମରେ ଅକ୍ଷୟଙ୍କ ସହ ନଜର ଆସିବେ ବାଣୀ କପୁର, ହୁମା କୁରେସି, ଲାରା ଦତ୍ତା, ଜ୍ୟାକି ଭଗନାନୀ ଆଦି କଳାକାର। ଏହାର ନିର୍ଦ୍ଦେଶନା ଦେବେ ରଞ୍ଜିତ ଏମ୍ ତିୱାରୀ। ଏହି ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୨ ତାରିଖରେ ରିଲିଜ୍ ହେବ ବୋଲି କୁହାଯାଉଛି।

# ଜେଲରେ ରହି ନିର୍ବାଚନ ଜିତୁଛନ୍ତି ବାହୁବଳୀ ବିଧାୟକ

ଲକ୍ଷ୍ନୌ: ୮ ପୋଲିସଙ୍କୁ ହତ୍ୟା କରିଥିବା ବାହୁବଳୀ ବିକାଶ ଦୁବେଙ୍କୁ ମଧ୍ୟପ୍ରଦେଶର ଉଜ୍ଜୈନରୁ ପୋଲିସ ଗିରଫ କରିଛି। ତାଙ୍କ ଗିରଫଦାରିକୁ ନେଇ ଉତ୍ତରପ୍ରଦେଶରେ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ରାଜନୀତିକୁ ଅପରାଧିକରଣରୁ ରୋକିବା ଲାଗି ବହୁ ଆଇନ କରାଯାଉଥିଲେ ହେଁ ତାହା ସଫଳ ହେଉନାହିଁ। ଏମିତି ଅନେକ ବାହୁବଳୀ ବିଧାୟକ ଅଛନ୍ତି, ଯେଉଁମାନେ ଜେଲ୍‌ର କଳାକୋଠରି ମଧ୍ୟରେ ରହି ବି ନିର୍ବାଚନ ଅନାୟାସରେ ଜିତି ଆସୁଛନ୍ତି। ସେମାନଙ୍କ ପ୍ରଭାବ ଏତେ ଯେ, ବିନା ପ୍ରଚାରରେ ବାଜିମାତ୍ କରିବା ସେମାନଙ୍କ ଲାଗି ଅସମ୍ଭବ ନୁହେଁ। ଏମିତିବି ଦେଶର ସବୁଠାରୁ ଅଧିକ ଆପରାଧିକ ମାମଲା ଉତ୍ତରପ୍ରଦେଶରେ ଘଟିଥାଏ। ଏଠାରେ ଏଭଳି ୫ ବାହୁବଳୀ ବିଧାୟକ ଅଛନ୍ତି, ଯେଉଁମାନେ ଜେଲ୍‌ରେ ରହି ନିର୍ବାଚନ ବିଜୟର ହୋଇଆସୁଛନ୍ତି। ସେମାନଙ୍କ ମଧ୍ୟରେ ମୁଖତାର ଅନ୍‌ସାରୀ, ବିଜୟ କୁମାର, ଅଶୋକ ସିଂ ଚନ୍ଦେଲ, ଇନ୍ଦ୍ରପ୍ରତାପ ତିୱାରୀ ଏବଂ ସୁରେଶ୍ୱର ସିଂ ବିଧାୟକ ରହିଛନ୍ତି। ଏସବୁ ବିଧାୟକଙ୍କ ନାମରେ ହତ୍ୟା ମାମଲା ରହିଛି। ମୁଖତାର୍ ଅନ୍‌ସାରୀ ରାଜ୍ୟରେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏବେ ସେ ୧୫ ବର୍ଷ ହେଲା ଜେଲ୍‌ରେ ରହିଛନ୍ତି। ତାଙ୍କ ନାମରେ ୪୦ରୁ ଅଧିକ ଆପରାଧୀକ ମାମଲା ରୁଜୁ ହୋଇଛି। ତାଙ୍କ ଦୁଇ ପୁଅ କୋଟିପତି ଥିବାବେଳେ ଭାଇ ଅଫଜଲ ଅନସାରୀ ଗାଜିପୁର ଏମ୍‌ପି ରହିଛନ୍ତି। ସେହିପରି ବିଜୟ କୁମାରଙ୍କ ନାମରେ ୬୦ରୁ ଅଧିକ ଆପରାଧୀକ ମାମଲା ରହିଛି। କିନ୍ତୁ ଏସବୁ ମାମଲା ତାଙ୍କ ରାଜନୈତିକ ଜୀବନକୁ ପ୍ରଭାବିତ କରୁ ନାହିଁ। ୨୦୧୭ରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ତାଙ୍କୁ ଟିକଟ ଦେଇ ନ ଥିଲେ। ବିଜୟ ନିଷାଦ ପାର୍ଟି ଟିକଟରେ ଲଢ଼ି ଜିତାପଟ ହାସଲ କରିଥିଲେ। ଅଶୋକ ସିଂ ଚନ୍ଦେଲଙ୍କ ନାମରେ ବହୁ ମାମଲା ରହିଛି। ୨୩ ବର୍ଷ ତଳେ ୧୯୯୭ ଜାନୁୟାରୀ ୨୬ରେ ସେ ବଜାରରେ ୫ ଜଣଙ୍କୁ ଗୁଳି ହତ୍ୟା କରିଥିଲେ। ମାତ୍ର ସେ ବାହୁବଳୀ ବିଧାୟକ ଭାବେ ଜେଲ୍‌ରେ ରହି ମଧ୍ୟ ନିର୍ବାଚନରେ ବିଜୟ ଲାଭ କରୁଛନ୍ତି। ଇନ୍ଦ୍ରପ୍ରତାପ ତିୱାରୀ ଏବେ ଅଯୋଧ୍ୟାର ଗୋସାଇଗଞ୍ଜ ବିଧାନସଭା ଆସନରୁ ଭାଜପା ବିଧାୟକ ହୋଇଛନ୍ତି। ତାଙ୍କ ନାମରେ ହତ୍ୟା, ଅପହରଣ ଆଦି ଏକାଧିକ ଆପରାଧୀକ ମାମଲା ରହିଛି। ସୁରେଶ୍ୱର ସିଂଙ୍କ ନାମରେ ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ହତ୍ୟା କରିବା ମାମଲା ରହିଛି। ସେ ୨୦୧୭ରେ ଭାଜପା ଟିକଟରୁ ବହରାଇଚ୍ ବିଧାନସଭା ଆସନରୁ ବିଜୟ ହୋଇଥିଲେ।



ମୁଖତାର ଅନ୍‌ସାରୀ | ବିଜୟ କୁମାର | ଅଶୋକ ସିଂ ଚନ୍ଦେଲ | ଇନ୍ଦ୍ରପ୍ରତାପ ତିୱାରୀ | ସୁରେଶ୍ୱର ସିଂ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମକୃଷ୍ଣ ମହାନ୍ତି
ଟାଙ୍ଗୀ, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୭।୧୯୨୫
ତିରୋଧାନ: ୦୧।୦୭।୨୦୨୦

ତୁମେଥିଲ ଆମ ପରିଚୟ, ଆମ ପ୍ରେରଣାର ଉତ୍ସ। ଆମ ମୁହେଁ ହସ ଫୁଟାଇବା ପାଇଁ ସହିଛ ବହୁତ କଷ୍ଟ, ସବୁ ପୂର୍ଣ୍ଣତାଭିତରେ ଭରିଦେଇ ବିରାଟ ଶୂନ୍ୟତା ଚାଲିଗଲ ତୁମେ ଅମର ଧାମକୁ। ଠାକୁରଙ୍କ ପାଖେ କାମନା କରୁଛୁ ଆତ୍ମା ତୁମ ଶାନ୍ତି ଓ ସଦ୍‌ଗତି ଲଭୁ।

-:ଶୋକସନ୍ତପ୍ତ ପରିବାର:-

ଧ-୧୭୭୧୦

ଇଂଲଣ୍ଡର ଅନ୍ୟତମ ପ୍ରଫେଶନାଲ ଫୁଟବଲ କ୍ଲବ ଲିଭରପୁଲ। ଆକର୍ଷଣୀୟ ଖେଳ ପାଇଁ ସମଗ୍ର ୟୁରୋପ ମହାଦେଶରେ ଏହାର ପ୍ରତିଷ୍ଠା ରହିଛି। ବିଶ୍ୱରେ ଏହି କ୍ଲବର ଅଗଣିତ ପ୍ରଶଂସକ ରହିଛନ୍ତି। ନାମୀଦାମୀ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ୨୦୧୯-୨୦ ଇଂଲିଶ ପ୍ରିମିୟର ଲିଗ୍ ଫୁଟବଲ ସିଜନ୍‌ର ପଏଣ୍ଟ ଟେବୁଲ ଶୀର୍ଷରେ ରହି ଏହି ଦଳ ଚାମ୍ପିୟନ ହେବା ନିଶ୍ଚିତ କରିଛି। ରେଡ୍ ଆଉଟ ଫିଟ୍‌ରେ ଦଳ ପଡିଆ ମଧ୍ୟରେ ପ୍ରବେଶ କଲେ ଦର୍ଶକଙ୍କ କରତାଳିରେ ଷ୍ଟାଡିୟମ ଫାଟି ପଡେ। ଆକ୍ରମଣାତ୍ମକ ଗେମ୍‌ପ୍ଲାନ ପାଇଁ ଲିଭରପୁଲ୍ ଦର୍ଶକଙ୍କ ପ୍ରିୟଭାଜନ ହୋଇଥାଏ। ୧୮୯୨ରେ ସ୍ଥାପିତ ଏହି କ୍ଲବ ୧୨୮ ବର୍ଷରେ ପଦାର୍ପଣ କରି ଇତିହାସ ରଚିଛି। ଦୀର୍ଘ ୩୦ବର୍ଷ ପରେ ଇଂଲିଶ ପ୍ରିମିୟର ଲିଗରେ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି।

୧୯୯୨ରେ ଆରମ୍ଭ ହୋଇଥିବା ଇଂଲିଶ୍ ପ୍ରିମିୟର ଲିଗର ୨୮ତମ ସଂସ୍କରଣରେ ଅନ୍ୟତମ ଶକ୍ତିଶାଳୀ କ୍ଲବ ମାଞ୍ଚେଷ୍ଟର ସିଟି ଚାମ୍ପିୟନ ହୋଇଥିଲା। ଚଳିତ ସିଜନ୍ ୨୦୧୯ ଅଗଷ୍ଟ ୯ରୁ ଆରମ୍ଭ ହୋଇ ୨୦୨୦ ଜୁଲାଇ ୨୬ରେ ଶେଷ ହେବା କଥା। ମାତ୍ର କୋଭିଡ-୧୯ ଏବଂ ସାଇକ୍ଲୋନ କ୍ଲାରା ଯୋଗୁ ଏହି ଗୁରୁତ୍ୱପୂର୍ଣ୍ଣ ଲିଗ୍‌ଟିକୁ


ନିର୍ମଳ କୁମାର ମିଶ୍ର

ପାଖାପାଖି ୩ ମାସ ପର୍ଯ୍ୟନ୍ତ ବନ୍ଦକରି ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଇଂଲଣ୍ଡରେ କରୋନାର ସ୍ଥିତି ନିୟନ୍ତ୍ରଣକୁ ଆସିବାରୁ ମ୍ୟାଚ ଖୋଲା ଷ୍ଟାଡିୟମରେ ବିନା ଦର୍ଶକରେ ଖେଳାଯିବା ପାଇଁ ଅନୁମତି ଦିଆଗଲା। ଏହି ସୁପରଲିଗ୍‌ର ବିଶେଷତ୍ୱ ହେଲା ଯେ ସପ୍ତାହର ଶେଷ ଦୁଇଦିନ ଶନିବାର ଏବଂ ରବିବାର ମ୍ୟାଚଗୁଡିକ ବିଭିନ୍ନ ଷ୍ଟାଡିୟମରେ ଖେଳାଯାଇଥାଏ।

ସିଜନ୍ ଆରମ୍ଭରୁ ଶକ୍ତିଶାଳୀ ଲିଭରପୁଲ କ୍ରମାଗତ ୮ଟି ମ୍ୟାଚରେ ବିଜୟୀ ହୋଇ ପଏଣ୍ଟ ଟେବୁଲରେ ଆଧିପତ୍ୟ ବିସ୍ତାର କରିଥିଲା। ଏହି ସୁପର




# ଏଥର ଲିଭରପୁଲ୍

**ଇଂଲଣ୍ଡ ପେସାଦାର ଫୁଟବଲ କ୍ଲବ୍ ଲିଭରପୁଲ ଦୀର୍ଘ ୩୦ବର୍ଷ ପରେ ଇଂଲିଶ ପ୍ରିମିୟର ଲିଗରେ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ୧୮୯୨ରେ ସ୍ଥାପିତ ଏହି କ୍ଲବ ୧୨୮ ବର୍ଷରେ ପଦାର୍ପଣ କରି ଇତିହାସ ରଚିଛି। ଏପର୍ଯ୍ୟନ୍ତ ଲିଗ୍‌ରେ ୩୪ଟି ମ୍ୟାଚ୍ ଖେଳି ଲିଭରପୁଲ ୩୦ ବିଜୟ, ୨ ଡ୍ର ଓ ୨ ପରାଜୟ ସହ ୯୨ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି...**

ଲିଗ୍‌ରେ ୨୦ଟି ଶକ୍ତିଶାଳୀ ଫୁଟବଲ କ୍ଲବ ଅଂଶ ଗ୍ରହଣ କରିଥିବା ବେଳେ ମୋଟ ୩୧୪ଟି ମ୍ୟାଚ ଖେଳାଯାଇଥିଲା। ୨୦୧୯ ଅକ୍ଟୋବର ୨୦ରେ ମାଞ୍ଚେଷ୍ଟର ୟୁନାଇଟେଡ ଏବଂ ଲିଭରପୁଲ ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ ଚଳିତ ସିଜନର ସର୍ବାଧିକ ୭୪ ହଜାର ଦର୍ଶକ ଉପଭୋଗ କରିଥିଲେ। ମ୍ୟାଚଟି ୧-୧ ଗୋଲରେ ଅମୀମାଂସିତ ରହିଥିଲେ ହେଁ ସିଜନ୍‌ର ଏହା ଥିଲା ସର୍ବଶ୍ରେଷ୍ଠ ମ୍ୟାଚ।

ଦୀର୍ଘ ୩୦ବର୍ଷ ପରେ ଲିଭରପୁଲ ଦଳ ଚାମ୍ପିୟନ ହୋଇଥିବାରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚରେ ମାଞ୍ଚେଷ୍ଟର ୟୁନାଇଟେଡ୍ କ୍ଲବ 'ଗାର୍ଡ ଅଫ୍ ଅନର' ପ୍ରଦାନ କରିଛି। ଲିଭରପୁଲର ଚିରପ୍ରତିଦ୍ୱନ୍ଦ୍ୱୀ ରୂପେ ମାଞ୍ଚେଷ୍ଟର ୟୁନାଇଟେଡ୍ ଏବଂ ଏଭରଟନ୍ ଦଳ ବେଶ୍ ଜଣାଶୁଣା। ବର୍ତ୍ତମାନ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି ଲିଭରପୁଲ। ଚଳିତ ସିଜନରେ ଲିଭରପୁଲ ମୋଟ ୩୪ ମ୍ୟାଚ ଖେଳି ୩୦ଟି ମ୍ୟାଚରେ ବିଜୟୀ ହେବା ସହ ୨ଟି ମ୍ୟାଚରେ ପରାଜିତ ଏବଂ ୨ଟି ମ୍ୟାଚ ବିନା ଫଳାଫଳରେ ସମାପ୍ତ କରି ସର୍ବାଧିକ ୯୨ ପଏଣ୍ଟ ସହ ଶୀର୍ଷରେ ରହିଛି। ମାଞ୍ଚେଷ୍ଟର ସିଟି ୩୪ ମ୍ୟାଚ ଖେଳି ୨୨ଟିରେ ବିଜୟୀ ହେବା ସହିତ ୯ଟିରେ ପରାଜିତ ହୋଇଛି ଏବଂ ୩ଟି ମ୍ୟାଚ ଡ୍ର ରଖିଛି। ୬୯ ପଏଣ୍ଟ ସହ ଦଳ ୨ୟ ସ୍ଥାନରେ ରହିଛି।

୨୦୧୯ରେ ଲିଭରପୁଲ ବିଶ୍ୱର ୭ମ ଶ୍ରେଷ୍ଠ ଆୟକାରୀ କ୍ଲବ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଆକର୍ଷଣୀୟ ଖେଳ ଯୋଗୁ ୟୁରୋପିଆନ୍ କପ୍‌ରେ ୧୯୭୦-୮୦ ଦଶକରେ ଏହା ଶକ୍ତିଶାଳୀ ଦଳ ରୂପେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଫୁଟବଲ ଇତିହାସରେ ଏହି କ୍ଲବ ଛଅ ଥର ୟୁରୋପିଆନ କପ ଚାମ୍ପିୟନ, ୟୁଫା କପ୍‌ରେ ୩ଥର ବିଜୟୀ, ୟୁଫା ସୁପର କପ୍‌ରେ ୪ଥର ବିଜୟୀ ଏବଂ ୨୦୧୯ ଫିଫା କ୍ଲବ ବିଶ୍ୱକପ୍‌ରେ ବିଜୟୀ ହୋଇ ନିଜର ଶକ୍ତି ପ୍ରଦର୍ଶନ କରିଛି। ଏଫଏ କପ୍‌ରେ ୭ଥର ବିଜୟୀ ହେବା ସହ ରେକର୍ଡ ୮ଥର ଲିଗ୍ କପ୍‌ରେ ବିଜୟୀ ହୋଇଛି।

୧୯୮୫ ଏବଂ ୧୯୮୯ରେ ଦର୍ଶକ ବିଶୃଙ୍ଖଳା ଯୋଗୁ କ୍ଲବ ଦୁଇଥର ସମସ୍ୟାର ସମ୍ମୁଖୀନ ହୋଇଥିଲା। ଯେଉଁଥିପାଇଁ କ୍ଲବକୁ ବହୁମୂଲ୍ୟ ଦେବାକୁ ହୋଇଥିଲା। ସମର୍ଥକ ମାନଙ୍କ ବିଶୃଙ୍ଖଳିତ ଆଚରଣ କ୍ଲବକୁ ନିନ୍ଦିତ କରିଥିଲା। ବ୍ରସେଲସ୍‌ର ହେସେଲ ଷ୍ଟାଡିୟମରେ ୟୁରୋ କପ୍‌ର ଫାଇନାଲ ମ୍ୟାଚ ଲିଭରପୁଲ ଏବଂ ଜୁଭେଣ୍ଟସ୍ ମଧ୍ୟରେ ଖେଳାଯାଉଥିବା ସମୟରେ ଲିଭରପୁଲ ଦଳ ୧-୦ ଗୋଲରେ ପରାସ୍ତ ହେବା ଯୋଗୁ ଷ୍ଟାଡିୟମରେ ଲିଭରପୁଲର ଦର୍ଶକମାନଙ୍କ ଉନ୍ମତ୍ତ କାଣ୍ଡ ଯୋଗୁ ଏକ ପ୍ରାଚୀର ଭାଙ୍ଗିଯିବା ଫଳରେ ୩୯ଜଣ ଇଟାଲୀ ସମର୍ଥକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଯୋଗୁ ଇଂଲିଶ କ୍ଲବମାନେ ୟୁରୋପିଆନ ପ୍ରତିଯୋଗିତାରୁ ୫ବର୍ଷ ବାସନ୍ଦ ହୋଇଥିଲେ। ଲିଭରପୁଲ ଦଳକୁ ୧୦ବର୍ଷ ବାସନ୍ଦ କରାଯାଇଥିଲା। ୧୯୮୯ରେ ଦ୍ୱିତୀୟ ଘଟଣାରେ ମ୍ୟାଚ ସମୟରେ ହିଲସ୍‌ବର୍ଗଠାରେ ୯୬ ଜଣ ଲିଭରପୁଲ ପ୍ରଶଂସକ ପ୍ରାଣ ହରାଇଥିଲେ। ଇତି ମଧ୍ୟରେ ଲିଭରପୁଲ ବେଶ୍ ଶକ୍ତିଶାଳୀ ହୋଇପାରିଛି। ଚଳିତବର୍ଷ ଇଂଲିଶ୍ ପ୍ରିମିୟର ଲିଗରେ ଚାମ୍ପିୟନ ହେବା ଯୋଗୁ ସମର୍ଥକମାନଙ୍କ ଖୁସି ଆକାଶ ଛୁଆଁ ହୋଇଛି।

# ଜାପାନର ବକ୍ସିଂ ନର୍ସ

**ଜାପାନର ଅରିଶା ସୁବାଟା ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ପେସାରେ ଜଣେ ନର୍ସ ହୋଇଥିଲେ ମଧ୍ୟ ସେ ବକ୍ସିଂରେ ଅଲିମ୍ପିକ୍ସ ପଦକ ହାସଲ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଓଜନ କମାଇବା ଲକ୍ଷ୍ୟରେ ବକ୍ସିଂ ଖେଳିବାକୁ ନିଷ୍ପତ୍ତି ନେଇଥିବା ସୁବାଟା ଜଣେ ସଫଳ ମହିଳା ବକ୍ସର ହୋଇପାରିଛନ୍ତି..**

ଅରିଶା ସୁବାଟାଙ୍କୁ ନେଇ ସାରା ଜପାନରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଆଗାମୀ ଅଲିମ୍ପିକ୍ସରେ ପଦକ ହାସଲ ସମ୍ଭାବନା ସୃଷ୍ଟି କରିଥିବା ମହିଳା ବକ୍ସର ସୁବାଟା ଜଣେ ନର୍ସ ମଧ୍ୟ। ଏଥର ବକ୍ସିଂରେ ସେ ଜାପାନ ପାଇଁ ପଦକ ଜିତିବେ ବୋଲି ଆଶା କରାଯାଉଛି। ତେବେ ଅଲିମ୍ପିକ୍ସ ପଦକ ଅପେକ୍ଷା ସେ ଆଉ ଏକ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ତାହା ହେଉଛି କରୋନା ଭାଇରସ୍। ଏବେ ସେ ନର୍ସ ଭାବେ ତାଙ୍କ ଦାୟିତ୍ୱ ତୁଲାଇବାକୁ ସାଧ୍ୟମତେ ପ୍ରୟାସ କରୁଛନ୍ତି। ରାଜଧାନୀ ଟୋକିଓ ନିକଟସ୍ଥ ଏକ ହସ୍ପିଟାଲରେ ମଧ୍ୟ ସେ ସର୍ଜିକାଲ ଗ୍ଲୋଭ୍ସ ଉପରେ ବକ୍ସିଂ ଗ୍ଲୋଭ୍ସ ପିନ୍ଧି ୨୭ ବର୍ଷୀୟା ସୁବାଟା ଘଣ୍ଟାଘଣ୍ଟା ଧରି ଅଭ୍ୟାସ କରୁଛନ୍ତି।

ସୁବାଟା ମୁଖ୍ୟତଃ କ୍ୟାନ୍‌ସର ପେସେଣ୍ଟଙ୍କର ଚିକିତ୍ସା କରିଥାନ୍ତି। କିନ୍ତୁ କୋଭିଡ୍-୧୯ ଭାଇରସ୍ ଏବେ ବଡ଼ ସମସ୍ୟା ତଥା ଚ୍ୟାଲେଞ୍ଜ ସୃଷ୍ଟି କରିଛି। କାରୋନା ଭାଇରସ ଏବେ ତା'ର ଭୟାଭୟତାର ଶୀର୍ଷରେ ପହଞ୍ଚିଛି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଜାପାନର ସ୍ୱାସ୍ଥ୍ୟ ପ୍ରଣାଳୀ ଭୁଶୁଡି ପଡିବା ସ୍ଥିତିରେ ପହଞ୍ଚିଛି। ଯେକୌଣସି ମୁହୂର୍ତ୍ତରେ ଆମେ ସଂକ୍ରମଣର ଶିକାର ହୋଇପାରୁ ବୋଲି ସେ କହିଛନ୍ତି। ଅନ୍ୟ ତାରକା ଆଥ୍‌ଲେଟମାନଙ୍କ ଭଳି ଏହି ଭାଇରସ ଏବେ ସୁବାଟାଙ୍କ ଟ୍ରେନିଂ କାର୍ଯ୍ୟସୂଚୀକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଟୋକିଓ ଅଲିମ୍ପିକ୍ସକୁ ୨୦୨୧କୁ ଘୁଞ୍ଚାଇବା ନିଷ୍ପତ୍ତିକୁ ସେ ସ୍ୱାଗତ କରିଛନ୍ତି। ଅଲିମ୍ପିକ୍ସକୁ ଘୁଞ୍ଚାଇ ଦେବା ପରେ ଆମ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି ହୋଇଛି।

ମାତ୍ର ୨ ବର୍ଷ ତଳେ ଓଜନ କମାଇବା ପାଇଁ ସେ ବକ୍ସିଂ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତି ବେଶ୍ ଫଳପ୍ରଦ ହୋଇଥିଲା ଓ ର୍‍ୟାଙ୍କିଙ୍ଗ୍‌ରେ ସେ ଉନ୍ନତି କରିଥିଲେ। ନର୍ସ ଭାବେ ନିଯୁକ୍ତି ପାଇବା ପରେ ମୋର ଓଜନ ୧୦ କେ.ଜି. ବଢିଯାଇଥିଲା। ଏହା ପରେ ବକ୍ସିଂକୁ ଆପଣାଇଥିଲି। ବକ୍ସିଂ ଆରମ୍ଭ କରିବା ମାତ୍ରେ ସଫଳତା ମିଳିଥିଲା ବୋଲି ସେ କହିଛନ୍ତି। ସେ ଜାପାନ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଥିଲେ ଓ ଜାତୀୟ ଦଳରେ ନିୟମିତ ସଦସ୍ୟ ରୂପେ ସ୍ଥାନ ହାସଲ କରିଥିଲେ। ଗତ ଜାନୁୟାରୀରେ ସେ ପ୍ରଥମ ବିଦେଶୀ ବକ୍ସରଙ୍କୁ ଭେଟିଥିଲେ। ଏଥିପାଇଁ ସେ କାଜାଖସ୍ତାନରେ କଠିନ ପରିଶ୍ରମ କରିବା ସହ କଷ୍ଟସାଧ୍ୟ ଟ୍ରେନିଂ ନେଇଥିଲେ। ଯଦି ସବୁ କିଛି ଠିକ୍‌ଠାକ ଚାଲେ ତା'ହେଲେ ସୁବାଟା ନର୍ସ ଦାୟିତ୍ୱ ତୁଲାଇବା ସହ ଅଲିମ୍ପିକ୍ ପଦକ ହାସଲ କରିବେ ଆଶା କରାଯାଉଛି।

ସୁବାଟା ଜଣେ ପ୍ରତିଭାସମ୍ପନ୍ନ ବକ୍ସର ଓ ଖୁବ୍‌ଶୀଘ୍ର ଶିକ୍ଷା କରିବାର କଳା ତାଙ୍କ ପାଖରେ ରହିଛି ବୋଲି ତାଙ୍କ କୋଚ୍ ମାସାଟାକା କୁରୋକି କହିଛନ୍ତି।



## ଖେଳ ଖବର

# ଇଂଲଣ୍ଡ ଇନିଂସ ୨୦୪ରେ ସୀମିତ

**ସାଉଥାମ୍ପଟନ, ୯।୭**

କରୋନା ଭାଇରସ ସଂକ୍ରମଣ ଯୋଗୁ ୪ ମାସ ବ୍ରେକ୍ ପରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟରେ ୱେଷ୍ଟଇଣ୍ଡିଜ ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ରୋଜ୍ ବାଓ୍ୱଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଅଧିନାୟକ ଜାସନ ହୋଲ୍ଡରଙ୍କ ୬ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ଘରୋଇ ଇଂଲଣ୍ଡର ପ୍ରଥମ ଇନିଂସକୁ ୨୦୪ ରନରେ ସୀମିତ ରଖିଛି। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ସର୍ବାଧିକ ୪୩ ରନ ସ୍କୋର କରିଥିଲେ। ଆଲୋକ କମି ଯିବାରୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରିଛି।

ବର୍ଷା ଯୋଗୁ ବୁଧବାର ପ୍ରଥମ ଦିବସରେ ମାତ୍ର ୧୭.୪ ଓଭର ଖେଳ ସମ୍ଭବ ହୋଇଥିଲା। ସେତେବେଳକୁ ଇଂଲଣ୍ଡ ୧ ଉଇକେଟ ହରାଇ ୩୫ ରନ କରିଥିଲା। ଗୁରୁବାର ଦ୍ୱିତୀୟ ଦିବସ ଖେଳରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ଭ୍ରମଣକାରୀ ଦଳର ପେସ୍ ବୋଲରଙ୍କୁ ସଫଳ ମୁକାବିଲା


ବେନ୍ ଷ୍ଟୋକ୍ସଙ୍କୁ ଆଉଟ୍ କରିବା ପରେ ଜାସନ୍ ହୋଲ୍ଡର।

କରିପାରି ନ ଥିଲେ। ଶାନନ ଗାବ୍ରିଏଲ ୧୬ ରନ ମଧ୍ୟରେ ଘରୋଇ ଦଳର ଆଉ ୨ ଉଇକେଟ ନେଇ ୱେଷ୍ଟଇଣ୍ଡିଜକୁ ଫାଇଦାରେ ରଖିଥିଲେ। ଜୋ ଡେନ୍‌ଲି ୧୮ ଓ ରୋରି ବର୍ନ୍ସ ୩୦ ରନ କରିଥିଲେ। ଏହାପରେ ଘାତକ ସାବ୍ୟସ୍ତ ହୋଇଥିଲେ ହୋଲ୍ଡର। ସେ ଜ୍ୟାକ କ୍ରାଓଲେଙ୍କୁ ୧୦, ଓଲି ପୋପ୍ ୧୨, ବେନ୍ ଷ୍ଟୋକ୍ସ ୪୩, ଜେସ ବଟଲର ୩୫, ଜୋଫ୍ରା ଆର୍ଚର ୦, ମାର୍କ ଉଡ୍‌ଙ୍କୁ ୫ ରନରେ ଆଉଟ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଡୋମିନିକ୍ ବେସ୍ ଓ ଜେମ୍ସ ଆଣ୍ଡରସନ ଅନ୍ତିମ ଉଇକେଟରେ ୩୦ ରନର ଭାଗୀଦାରି ଗଢ଼ି ଦଳର ରନ ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ୨୦ ବଲ୍‌ରୁ ୧୦ ରନ କରିଥିବା ଆଣ୍ଡରସନଙ୍କୁ କ୍ଲିନ୍ ବୋଲ୍ଡ କରି ଗାବ୍ରିଏଲ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। ବେସ୍ ୪୪ ବଲ୍‌ରୁ ୪ ଚୌକା ସହ ୩୧ ରନରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହୋଲ୍ଡର ୬ଟି ଏବଂ ଗାବ୍ରିଏଲ ୪ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୦୪/ଅଲଆଉଟ(ଷ୍ଟୋକ୍ସ-୪୩, ବଟଲର-୩୫, ବର୍ନ୍ସ-୩୦, ଡୋମିନିକ୍ ବେସ୍-୩୧*, ହୋଲ୍ଡର-୬/୪୨, ଗାବ୍ରିଏଲ-୪/୬୨)।

# ୧୮୫ ରେଫରିଙ୍କୁ ନେଇ ଫାଓର ୱେବିନାର

**କଟକ ଅଫିସ,୯।୭**


ଦୁର୍ଗାମାଧବ

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଏକ ୱେବିନାର ଆରମ୍ଭ ହୋଇଛି। ରାଜ୍ୟର ରେଫରିମାନଙ୍କ ବିକାଶ ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ରାଜ୍ୟର ୧୮୫ ରେଫରି ଅଂଶ ଗ୍ରହଣ କରିଛନ୍ତି। ଫାଓର ପ୍ରମୁଖ ରେଫରି ଦୁର୍ଗାମାଧବ ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଛି। ଖେଳର ଅତ୍ୟାଧୁନିକ ନିୟମ ସମ୍ପର୍କରେ ୱେବିନାରରେ ଆଲୋଚନା କରାଯାଉଛି ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

# ରେଫରି ଆସେସର କୋର୍ସ ପାଇଁ ସୁଶାନ୍ତ ମନୋନୀତ

**କଟକ ଅଫିସ,୯।୭**

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ଆନୁକୂଲ୍ୟରେ ଜୁଲାଇ ୧୪ରୁ ୧୬ ପର୍ଯ୍ୟନ୍ତ ବିଧିବଦ୍ଧ ପ୍ଲାଟଫର୍ମ ଜରିଆରେ ଏକ ରେଫରି ଆସେସର କୋର୍ସ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ସୁଶାନ୍ତ ଚନ୍ଦ୍ର ମହାନ୍ତି ଯୋଗଦେବା ପାଇଁ ଏଆଇଏଫଏଫ ଦ୍ୱାରା ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ଆକାଉଣ୍ଟାଣ୍ଟ ଜେନେରାଲ କାର୍ଯ୍ୟାଳୟରେ ସେ କାର୍ଯ୍ୟରତ। ଜାତୀୟ ସ୍ତରୀୟ ରେଫରି ଭାବେ



ସୁଶାନ୍ତଙ୍କର ଖ୍ୟାତି ରହିଛି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଏ ନେଇ ସୁଶାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡିଭାଇନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଅଧିନାୟିକା

**ୱେଲିଂଟନ, ୯।୭(ପି.ଟି.)**

ଅଲରାଉଣ୍ଡର ସୋଫି ଡିଭାଇନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳର ନୂଆ



ଅଧିନାୟିକା ମନୋନୀତ ହୋଇଛନ୍ତି। ଆମି ସାଟର୍ଥୱେଟଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସନ୍ତାନର ଜନନୀ ହେବାକୁ ଯାଉଥିବା ସାଟର୍ଥୱେଟ ଛୁଟି କଟାଇ ଫେରିବାପରେ ଦଳର ଉପ-ଅଧିନାୟିକା ରହିବେ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ପ୍ରକାଶ କରାଯାଇଛି। ଗତ ସିଜନରେ ଅଳ୍ପକିଛି ମ୍ୟାଚରେ ଡିଭାଇନ ଅଧିନାୟିକା ଦାୟିତ୍ୱ ତୁଲାଇଥିଲେ। ନେତୃତ୍ୱ ନେବାର ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ପୂର୍ଣ୍ଣକାଳୀନ ଅଧିନାୟିକା ମନୋନୀତ କରାଯାଇଛି। ୩୦ ବର୍ଷୀୟା ଡିଭାଇନ କ୍ୟାରିୟରରେ ୧୦୫ ଦିନିକିଆ ଓ ୯୧ଟି ଟି୨୦ ମ୍ୟାଚ ଖେଳିଛନ୍ତି। "ଏହା ମୋ ପାଇଁ ବଡ଼ ସମ୍ମାନ" ବୋଲି ନିଜ ପ୍ରତିକ୍ରିୟାରେ ଡିଭାଇନ ପ୍ରକାଶ କରିଛନ୍ତି।

# ପାକିସ୍ତାନୀ କିଟ୍‌ରେ ଆଫ୍ରିଦି ଫାଉଣ୍ଡେଶନ ଲୋଗୋ ରହିବ

**କରାଚୀ,୯।୭(ପି.ଟି.)**

ଏକ ମୁଖ୍ୟ ପ୍ରାୟୋଜକ ପାଇବା ପାଇଁ ସଂଘର୍ଷ କରୁଥିବା ପାକିସ୍ତାନ କ୍ରିକେଟ ଦଳ ଇଂଲଣ୍ଡ ଗସ୍ତରେ ଶାହିଦ ଆଫ୍ରିଦି ଫାଉଣ୍ଡେଶନର ଲୋଗୋ ବ୍ୟବହାର କରିବ। ପାକିସ୍ତାନ କ୍ରିକେଟରମାନେ ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜରେ ସେମାନଙ୍କ ଜର୍ସି ଉପରେ ଏହି ଲୋଗୋ ଲଗାଇବେ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ କୁହାଯାଇଛି। ଏହି ଫାଉଣ୍ଡେଶନ ଏକ ଚ୍ୟାରିଟି ସଂସ୍ଥା। ଏହାକୁ ସମର୍ଥନ ଜଣାଇଥିବାରୁ ପିସିବି ଓ ଏହାର ବରିଷ୍ଠ ପ୍ରଶାସକ ୱାସିମ ଖାନ୍‌ଙ୍କୁ ଟୁଇଟ୍ କରି ଆଫ୍ରିଦି କୃତଜ୍ଞତା ଜଣାଇଛନ୍ତି। କୋଭିଡ୍-୧୯ ମହାମାରୀ ଦ୍ୱାରା ପିସିବି ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ଏକ ମଲ୍ଟି ନ୍ୟାଶନାଲ ପାନୀୟ କମ୍ପାନୀ ଦଳର ନୂଆ ସ୍ପୋନ୍ସରଶିପ୍ ଲୋଗୋ ଡିଲ୍ ନେଇ ଆଗ୍ରହ ଦେଖାଇଥିଲା। ତେବେ ଏହାଠାରୁ ଯେତେ ପରିମାଣରେ ଅର୍ଥ ଆଶା କରାଯାଉଥିଲା ତାହାର ୩୦ରୁ ୪୦ ପ୍ରତିଶତ ଦେଇ ପାରିବ ବୋଲି କମ୍ପାନୀ କହିଥିଲା ବୋଲି ପିସିବିର ଜଣେ କର୍ମକର୍ତ୍ତା କହିଛନ୍ତି। ଫଳରେ ଆଫ୍ରିଦିଙ୍କ ଫାଉଣ୍ଡେଶନର ଲୋଗୋ ବ୍ୟବହାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏହି ଗସ୍ତରେ ପାକିସ୍ତାନ ୩ଟି ଲେଖାଏ ଟେଷ୍ଟ ଓ ଟି୨୦ ମ୍ୟାଚ ଖେଳିବ।

# ଭାରତ ଏପ୍ରିଲରେ ଆର୍ଜେଣ୍ଟିନାକୁ ଭେଟିବ

**ଲାଉସାନେ, ୯।୭ (ପି.ଟି.)**

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଦ୍ୱାରା ସଂଶୋଧିତ କାର୍ଯ୍ୟସୂଚୀ ଗୁରୁବାର ଘୋଷଣା କରାଯାଇଛି। ଆସନ୍ତା ବର୍ଷ ଏପ୍ରିଲରେ ବିଦେଶରେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ଖେଳି ଭାରତୀୟ ପୁରୁଷ ହକି ଦଳ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଅଭିଯାନ ଆରମ୍ଭ କରିବ। ପ୍ରୋ-ଲିଗ୍ ଆରମ୍ଭ ହେବାପରେ ଭାରତ ଏପ୍ରିଲ ୧୦ ଓ ୧୧ରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଜର୍ମାନୀ ସେପ୍ଟେମ୍ବର ୨୨ ଓ ୨୩ରେ ବେଲଜିୟମ ବିପକ୍ଷ ମ୍ୟାଚ ନିଜ ଦେଶରେ ଖେଳିବ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବିଦେଶରେ ଗ୍ରେଟ୍ ବ୍ରିଟେନ ସହ ମେ ୮ ଓ ୯ ତାରିଖରେ ଖେଳିବ। ଦଳ ପରେ ସ୍ପେନ ଗସ୍ତ କରି ସେଠାରେ ଆୟୋଜକ ଦେଶକୁ ମେ ୧୨ ଓ ୧୩ରେ ଭେଟିବ। ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ଆୟୋଜକ ଜର୍ମାନୀ ବିପକ୍ଷରେ ମେ ୧୮ ଓ ୧୯ ତାରିଖରେ ଖେଳିବ। ଶେଷରେ ଦଳ ନିଜ ଦେଶରେ ନ୍ୟୁଜିଲାଣ୍ଡକୁ ମେ ୨୯ ଓ ୩୦ରେ ଭେଟିବ। କୋଭିଡ୍-୧୯ ଯୋଗୁ ବିଶ୍ୱବ୍ୟାପୀ ସମସ୍ତ କ୍ରୀଡ଼ା ପ୍ରଭାବିତ ହୋଇଛି। ଏଥିପାଇଁ ଏଫ୍‌ଆଇଏଚ୍ ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ବାଧ୍ୟ ହୋଇଛି।

ପ୍ରକୃତ କାର୍ଯ୍ୟସୂଚୀ ଅନୁସାରେ ଚଳିତ ବର୍ଷ ଜୁନ୍ ୧୪ରେ ସ୍ପେନ ବିପକ୍ଷ ମ୍ୟାଚ ଖେଳି ଭାରତ ଏହାର ପ୍ରୋ-ଲିଗ୍ ଅଭିଯାନ ଶେଷ କରିଥାନ୍ତା। ମାର୍ଚ୍ଚ ୧୯ରେ ଟୁର୍ନାମେଣ୍ଟ ସସ୍‌ପେଣ୍ଡ ହେବା ପୂର୍ବରୁ ଭାରତ ବର୍ଲିନଠାରେ ଜର୍ମାନୀକୁ ଏପ୍ରିଲ ୨୫ ଓ ୨୬ରେ ଏବଂ ଲଣ୍ଡନରେ ଗ୍ରେଟ୍ ବ୍ରିଟେନକୁ ମେ ୨ ଓ ୩ରେ ଭେଟିବା କାର୍ଯ୍ୟକ୍ରମ ରହିଥିଲା। ପରେ ଜୁନ ୫ ଓ ୬ରେ ଆର୍ଜେଣ୍ଟିନା ସହ ମୁକାବିଲା ପାଇଁ ଟିମ୍‌ମାନ ଗସ୍ତ ପୂର୍ବରୁ ନିଜ ଦେଶରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ମେ୨୩ ଓ ୨୪ରେ ଖେଳିଥାନ୍ତା। ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ପୁଣି କେବେ ହକି ମ୍ୟାଚ ହେବ ତାହାକୁ ହକି ପ୍ରେମୀ ମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି ବୋଲି ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା ପ୍ରକାଶ କରିଛନ୍ତି। ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପୂର୍ବରୁ ସମସ୍ତ ୧୧ଟି ଦେଶ ସହିତ ଯୋଗାଯୋଗ କରାଯାଇଥିଲା। ଯେପର୍ଯ୍ୟନ୍ତ କରୋନା ମହାମାରୀ ନ ହଟିଛି ସେ ପର୍ଯ୍ୟନ୍ତ ହକି ଖେଳ ସମୟରେ ସୁସ୍ଥ ରହିବାକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଛନ୍ତି।

# ଇସ୍ରାଏଲ୍ ଟିମ୍‌ରେ ଯୋଗଦେବେ ଫ୍ରୁମ୍

**ୱାଶିଂଟନ, ୯।୭ (ଏପି):** ଟିମ୍ ଲିଡର ମର୍ଯ୍ୟାଦା ହରାଇବାରୁ ୪ଥର ଟୁର୍ ଡି’ ଫ୍ରାନ୍ସ ବିଜେତା କ୍ରିସ୍ ଫ୍ରୁମ୍ ଟିମ୍ ଇନୋସ୍ ଛାଡ଼ିବେ। ଦିନକୁ ଦିନ ଭଲ ପ୍ରଦର୍ଶନ କରିବାରେ ଲାଗିଥିବା ଇସ୍ରାଏଲ୍ ଷ୍ଟାର୍ଟଅପ୍ ନେଶନ ଟିମ୍‌ରେ ଯୋଗଦେବେ। ଆସନ୍ତା ସିଜନରେ ସେ ଏହି ଟିମ୍‌ରୁ ପ୍ରତିନିଧିତ୍ୱ କରିବେ। ଇନୋସ ସହ ତାଙ୍କର ଚୁକ୍ତି ଡିସେମ୍ବରରେ ଶେଷ ହେଉଛି। ଦଶନ୍ଧି ଧରି ସେ ଏହି ଟିମ୍‌ରୁ ପ୍ରତିନିଧିତ୍ୱ କରି ଆସୁଥିଲେ। ଇନୋସ ଫ୍ରୁମ୍‌ଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି କରିବାକୁ ଚାହିଁ ନ ଥିଲା। ଇନୋସ୍‌ର ଜେନେରାଲ ମ୍ୟାନେଜର ଡେଭ୍ ବ୍ରେଲ୍ସଫୋର୍ଡ କହିଛନ୍ତି, ଫ୍ରୁମ୍ ଆସନ୍ତା ସିଜନରେ ମଧ୍ୟ ଟିମ୍ ଲିଡର ରହିବାକୁ ଆଗ୍ରହୀ ଥିଲେ ମଧ୍ୟ ଆମେ ଏନେଇ ଗ୍ୟାରେଣ୍ଟି ଦେଇ ପାରିବୁ ନାହିଁ। ଦଳର ଲିଡର ହେବା ଲାଗି ଅନ୍ୟ ସଦସ୍ୟଙ୍କ ଏବେ ସୁଯୋଗ ସୃଷ୍ଟି ହୋଇଛି। ଏଥିପାଇଁ ସେ କାହାର ନାମ ନେଇ ନ ଥିଲେ ମଧ୍ୟ ତାଙ୍କର ପରୋକ୍ଷ ଇଙ୍ଗିତ ଗତ ଦୁଇଟି ଟୁର୍‌ର ବିଜେତା ଜରେଣ୍ଟ ଥୋମାସ ଓ ଇଗାନ ବର୍ନଲଙ୍କ ପ୍ରତି ଇଦ୍ଦିଷ୍ଟ ଥିଲା। ଇନୋସର ଏହି ଘୋଷଣା ପରେ ଇସ୍ରାଏଲ ଷ୍ଟାର୍ଟଅପ୍ ନେଶନ ପକ୍ଷରୁ ସଙ୍ଗେ ସଙ୍ଗେ କୁହାଯାଇଥିଲା ଫ୍ରୁମ୍‌ଙ୍କ ଉଜ୍ଜ୍ୱଳ କ୍ୟାରିୟର ଶେଷ ପର୍ଯ୍ୟନ୍ତ ଆମ ଟିମ୍‌ରୁ ପ୍ରତିନିଧିତ୍ୱ କରିବେ। ସେ ଦଳର ନୀଳ ଏବଂ ଧଳା ରଙ୍ଗର ଜର୍ସି ପିନ୍ଧିବେ।
















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ